# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୭/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, November 7/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 341 | ମୂଲ୍ୟ ₹୭/-




**ଅକ୍ଷର ପ୍ଲେୟର ଅଫ୍ ଦି ମ୍ୟାଚ**

ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଅନ୍ତର୍ଜାତୀୟ ଟି୨୦ରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ବୋଲର ଅକ୍ଷର ପଟେଲ।

୧୨

୦୨

**ରାଜସ୍ଥାନରେ ହେବ ରଶ୍ମିକା-ବିଜୟଙ୍କ ବାହାଘର**

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରର ଲୋକପ୍ରିୟ ଯୋଡ଼ି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ଫେବୃଆରୀ ୨୬ରେ ରାଜସ୍ଥାନର ଉଦୟପୁରଠାରେ ବିବାହ କରିବାକୁ ଯାଉଛନ୍ତି।



# ସାଲୁର ଘାଟିରେ ଜଳିଗଲା ଓଏସ୍‌ଆର୍‌ଟିସି ବସ୍

■ **ବସ୍‌ରୁ ଡେଇଁ ଜୀବନ ବଞ୍ଚାଇଲେ ଡ୍ରାଇଭର, କଣ୍ଡକ୍ଟର ଓ ଯାତ୍ରୀ**

ପଟ୍ଟାଙ୍ଗି,୬।୧୧
(ଶରତ କୁମାର ଧଳ)




କୋରାପୁଟ ଜିଲା ସୀମାନ୍ତ ଆନ୍ଧ୍ରର ସାଲୁର ଘାଟିରେ ଗୁରୁବାର ଭୋରରୁ ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ବସ୍‌ଟି ବିଜୟନଗରମ୍‌ରୁ ଜୟପୁର ଅଭିମୁଖେ ଆସୁଥିଲା। ତେବେ ନିଆଁ ଲାଗିବାବେଳେ ବସ୍ ଭିତରେ ଥିବା ୫ଜଣ ଯାତ୍ରୀ, ଡ୍ରାଇଭର ଓ କଣ୍ଡକ୍ଟର ତଳକୁ ଡେଇଁପଡ଼ି ନିଜ ଜୀବନ ରକ୍ଷା କରିପାରିଛନ୍ତି। ୩ ଘଣ୍ଟା ଧରି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିସବୁ ଅଟକିରହିଥିଲା।

ସୂଚନାନୁଯାୟୀ ୨ଦିନ ହେବ ଆନ୍ଧ୍ରର ବିଜୟନଗରମ୍‌ରୁ କୋରାପୁଟ ଜିଲା ଜୟପୁରକୁ ଏହି ଇଣ୍ଟରଷ୍ଟେଟ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଗୁରୁବାର ପ୍ରାତଃ ୫ଟାରେ ବିଜୟନଗରମ୍‌ରୁ ଓଏସ୍‌ଆର୍‌ଟିସି ବସ୍ (ଓଡି-୧୦ଏସ୍-୬୭୫୪) ଜୟପୁର ଅଭିମୁଖେ ଆସୁଥିଲା। ଉକ୍ତ ବସ୍‌ଟି ସକାଳ ୭ଟା ୨୦ରେ ସାଲୁର ଘାଟି ଚଢ଼ିବାବେଳେ ଡେକ୍ସ ବୋର୍ଡରୁ ଶର୍ଟ ସର୍କିଟ୍ ହେବା ଫଳରେ ହଠାତ୍ ନିଆଁ ଲାଗିଯାଇଥିଲା। ବସ୍‌ରେ ଥିବା ପ୍ରାୟ ୫ଜଣ ଯାତ୍ରୀ, କଣ୍ଡକ୍ଟର ଉପେନ୍ଦ୍ର ସାହୁ ☞ପୃଷ୍ଠା-୨

# ଆର୍‌ଆଇ, ଅମିନ ପରୀକ୍ଷାରେ ବିଭ୍ରାଟ

**ଆରଆଇ, ଏଆର୍‌ଇ, ଅମିନ, ଏସ୍‌ଏଫ୍‌ଏସ୍ ଓ ଆଇସିଡିଏସ୍ ସୁପରଭାଇଜର ପରୀକ୍ଷା ଚାଲିଥିବାବେଳେ ଗୁରୁବାର କେତେକ ସେଣ୍ଟରରେ ବିଭ୍ରାଟ ଦେଖାଦେଇଛି। ଏକାଧିକ ସେଣ୍ଟରରେ ସର୍ଭର ଡାଉନ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଛି। ଏହାକୁ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।**

## ବିଭିନ୍ନ ସେଣ୍ଟରରେ ସର୍ଭର ଡାଉନ୍, ବିଳମ୍ବରେ ଆରମ୍ଭ ହେଲା ପରୀକ୍ଷା

ଭୁବନେଶ୍ୱର, ୬।୧୧(ସୁଚିସ୍ମିତା ସାହୁ)

ଗୁରୁବାର ସକାଳ ୯ଟାରେ ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ହେବାର ଥିଲା। ତେଣୁ ପରୀକ୍ଷାର୍ଥୀମାନେ ୭ଟା ୩୦ରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବାର ଥିଲା। ମାତ୍ର ସର୍ଭର ଡାଉନ ହେବା ଦ୍ୱାରା ପରୀକ୍ଷାର୍ଥୀମାନେ ପ୍ରାୟ ଏକ ଘଣ୍ଟା ବିଳମ୍ବରେ ଅର୍ଥାତ ୮ଟା ୪୫ ବେଳକୁ କେନ୍ଦ୍ର ଭିତରକୁ ଯାଇଥିଲେ। ଭୁବନେଶର ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର, ପଟିଆ, ନୟାପଲ୍ଲୀ, ପୁରୀର କାକଟପୁର, ବ୍ରହ୍ମପୁର ଆଦି ସ୍ଥାନଗୁଡ଼ିକରେ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଦେଖାଯାଇଥିଲା। ରାଜ୍ୟରେ ପ୍ରାୟ ଅଧିକାଂଶ ପରୀକ୍ଷା କେନ୍ଦ୍ରରେ ସର୍ଭର ଡାଉନ ଥିବା ଜଣାପଡ଼ିଛି। ପ୍ରଥମ ସିଟିଂ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଅନ୍ୟସବୁ ସିଟିଂ ମଧ୍ୟ ଘଣ୍ଟାଏ ଲେଖାଏ ବିଳମ୍ବରେ ଆରମ୍ଭ ହୋଇଥିଲା। ବାରମ୍ବାର ପରୀକ୍ଷାରେ ଏଭଳି ବିଭ୍ରାଟ ଦେଖାଦେଇଥିବାରୁ ପରୀକ୍ଷାର୍ଥୀମାନେ ମାନସିକ ଚିନ୍ତାରେ ରହୁଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷାକୁ ରଦ୍ଦ କରାଯାଇଥିଲା। ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିବା ସହ ଚାକିରି ଆଶାୟୀ ଓ ବହୁ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। କେତେଜଣ ପରୀକ୍ଷାର୍ଥୀ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସାନି ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଖସିଥିବା ଯୁଦ୍ଧବିମାନ ସଂଖ୍ୟା ୮କୁ ବଢ଼ାଇଲେ ଟ୍ରମ୍ପ୍

## ଭାରତ-ପାକ୍ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ୫୮ ଥର ଦାବି କଲେଣି: କଂଗ୍ରେସ

ନୂଆଦିଲ୍ଲୀ,୬।୧୧


ଡୋନାଲ୍ଡ ଟ୍ରମ୍ପ୍

ଗତ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ କରାଯାଇଥିବା 'ଅପରେଶନ୍ ସିନ୍ଦୂର' ବେଳେ ୮ ଯୁଦ୍ଧବିମାନ ଖସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ପ୍ରଥମେ ୬ ଫାଇଟର ଜେଟ୍ ଖସିଥିବା ଦାବି କରିଥିଲେ। ପରବର୍ତ୍ତୀ ସମୟରେ ସେ ଏହାକୁ ୭ ବୋଲି କହିଥିବାବେଳେ ଖସିଥିବା ଯୁଦ୍ଧବିମାନ ସଂଖ୍ୟାକୁ ଏବେ ୮ରେ ପହଞ୍ଚାଇଛନ୍ତି। ଏଥିସହ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ପୁଣି ଦାବି କରିଛନ୍ତି। ଟ୍ରମ୍ପ୍ ୫୮ ଥର ଏପରି ଦାବି କରିବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟକ୍ଷ ଭାବେ ଖଣ୍ଡନ କରି ନ ଥିବାରୁ କଂଗ୍ରେସ ସମାଲୋଚନା କରିଛି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିହତ ହେବା ପରେ ମେ' ୭ରେ ଭାରତ ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲା। ☞ପୃଷ୍ଠା-୨


DADLS - 59


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ରାଷ୍ଟ୍ର ଆରାଧନା ଓ ଦେଶପ୍ରୀତିର ଐକ୍ୟତାନ

'ବନ୍ଦେ ମାତରମ୍'ର
୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ

ବନ୍ଦେ ମାତରମ୍, ବନ୍ଦେ ମାତରମ୍
ସୁଜଲାଂ ସୁଫଲାଂ ମଲୟଜ ଶୀତଲାମ୍
ଶସ୍ୟ ଶ୍ୟାମଲାମ୍ ମାତରମ୍ ||ବନ୍ଦେ...||

ଶୁଭ୍ରଜ୍ୟୋତ୍ସ୍ନା ପୁଲକିତ ଯାମିନୀମ୍
ଫୁଲ୍ଲ କୁସୁମିତ ଦ୍ରୁମଦଲ ଶୋଭିନୀମ୍
ସୁହାସିନୀଂ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍ ||ବନ୍ଦେ...||

କୋଟି କୋଟି କଣ୍ଠ କଲ କଲ ନିନାଦ କରାଲେ
କୋଟି କୋଟି ଭୁଜୈର୍ଧୃତ ଖରକରବାଲେ
ଅବଲା କେନୋ ମାଁ ଏତୋବୋଲେ
ବହୁବଲ ଧାରିଣୀଂ ନମାମି ତାରିଣୀମ୍
ରିପୁଦଲ ବାରିଣୀଂ ମାତରମ୍ ||ବନ୍ଦେ...||

ତୁମି ବିଦ୍ୟା, ତୁମି ଧର୍ମ, ତୁମି ହୃଦି, ତୁମି ମର୍ମ
ତ୍ୱମ୍ ହି ପ୍ରାଣାଃ ଶରୀରେ,
ବାହୁତେ ତୁମି ମାଁ ଶକ୍ତି ହୃଦୟେ ତୁମି ମାଁ ଭକ୍ତି
ତୋମାରେଇ ପ୍ରତିମା ଗଡ଼ି ମନ୍ଦିରେ ମନ୍ଦିରେ ||ବନ୍ଦେ...||

ତ୍ୱଂ ହି ଦୁର୍ଗା ଦଶ-ପ୍ରହରଣଧାରିଣୀ
କମଲା କମଲଦଲ-ବିହାରିଣୀ
ବାଣୀ ବିଦ୍ୟାଦାୟିନୀ, ନମାମି ତ୍ୱାମ୍
ନମାମି କମଲାମ୍ ଅମଲାମ୍ ଅତୁଲାମ୍
ସୁଜଲାଂ ସୁଫଲାଂ ମାତରମ୍ ||ବନ୍ଦେ...||

ଶ୍ୟାମଲାମ୍ ସରଲାମ୍ ସୁସ୍ମିତାମ୍ ଭୂଷିତାମ୍
ଧରଣୀମ୍ ଭରଣୀମ୍ ମାତରମ୍। ||ବନ୍ଦେ...||

୧୮୭୬ ଠାରୁ ଭାରତୀୟଙ୍କ ମଧ୍ୟରେ 'ବନ୍ଦେ ମାତରମ୍' ସୃଷ୍ଟି କରି ଆସୁଛି ଦେଶପ୍ରେମ ଏବଂ ଜାତୀୟ ଚେତନା

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର


# ଧାୱନ, ରାଇନାଙ୍କ ୧୧.୧୪ କୋଟିର ସମ୍ପତ୍ତି ଜବତ

ନୂଆଦିଲ୍ଲୀ,୬।୧୧(ପି.ଟି.)

**ଅନ୍‌ଲାଇନ ବେଟିଂ**


ଶିଖର ଧାୱନ ଓ ସୁରେଶ ରାଇନା

ବେଆଇନ ବେଟିଂ ଆପ ସହ ଜଡ଼ିତ ଟଙ୍କା ହେରଫେର ମାମଲାକୁ ନେଇ ଭାରତର ଦୁଇ ପୂର୍ବତନ ବ୍ୟାଟର ସୁରେଶ ରାଇନା ଓ ଶିଖର ଧାୱନଙ୍କର ସମସ୍ୟା ବଢ଼ିବାରେ ଲାଗିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କର ମୋଟ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି।

୧Xବେଟ୍ ନାମକ ଏକ ଅନ୍‌ଲାଇନ ବେଟିଂ ଆପ୍ ବିରୋଧରେ ଚାଲିଥିବା ମାମଲାରେ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ଅଧୀନରେ ଧାୱନଙ୍କର ୪.୫ କୋଟି ଟଙ୍କାର ଅଚଳ ସମ୍ପତ୍ତି ଓ ରାଇନାଙ୍କର ୬.୬୪ କୋଟି ଟଙ୍କାର ଏକ ମ୍ୟୁଚୁଆଲ ଫଣ୍ଡକୁ ଜବତ କରିବା ଲାଗି ଏକ ପ୍ରୋଭିଜନାଲ ନିର୍ଦ୍ଦେଶ ଜାରି କରାଯାଇଥିଲା। ଏହି ମାମଲାରେ ଉଭୟ କ୍ରିକେଟରଙ୍କୁ ପୂର୍ବରୁ ପଚରାଉଚରା କରାଯାଇଥିଲା। ସେମାନେ ସବୁକିଛି ଜାଣିଶୁଣି ୧Xବେଟ୍ ଓ ଏହାର ସହ କମ୍ପାନୀର ପ୍ରଚାର କରିବା ପାଇଁ ବିଦେଶୀ ସଂସ୍ଥା ସହ ଚୁକ୍ତି କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ଦୁଇ କ୍ରିକେଟରଙ୍କ ବ୍ୟତୀତ ଯୁବରାଜ ସିଂ, ରବିନ ଉଥପ୍ପା, ଅଭିନେତା ସୋନୁ ସୁଦ୍, ଉର୍ବଶୀ ରାଉତେଲା, ମିମି ଚକ୍ରବର୍ତ୍ତୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା।

# ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ

ମାଲକାନଗିରି,୬।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଅନାରାମ ଓ ମରିଙ୍ଗମଲ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଯବାନଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ ବିଜାପୁର ଜିଲାର ତରଲାଗୁଡ଼ା ଥାନା ଅଞ୍ଚଳ ଅନାରାମ ଓ ମରିଙ୍ଗମଲ ଜଙ୍ଗଲରେ ମାଓବାଦୀ ଦମନ ନିମନ୍ତେ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ଲୁଚିରହିଥିବା ମାଓବାଦୀମାନେ ପ୍ରଥମେ ଯବାନଙ୍କ ଉପରକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଟ୍ରମ୍ପ୍‌ଙ୍କ ଶାସନ**

# 'ଲୋକଙ୍କୁ ଠକିବା ପାଇଁ ମୋ ଫଟୋ ବ୍ୟବହାର କରାଯାଇଛି'

ନୂଆଦିଲ୍ଲୀ,୬।୧୧(ଏଜେନ୍ସି)

■ **୨୦ ବର୍ଷ ପୁରୁଣା ଫଟୋ, ଭାରତୀୟ ନିର୍ବାଚନ ସହ ସମ୍ପର୍କ ନାହିଁ: ବ୍ରାଜିଲ ହେୟାରଡ୍ରେସର**

■ **ରାହୁଲ ଦେଖାଇଥିବା ଭୋଟର ଆଇଡିର ମହିଳା କହିଲେ, ମୁଁ ମତଦାନ କରିଥିଲି**


ଲାରିସା ନେରିଙ୍କ ୨୦ ବର୍ଷ ତଳର ଏବଂ ଏବକାର ଫଟୋ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ହରିୟାଣାରେ ଭୋଟ ଚୋରି ଅଭିଯୋଗ ଆଣି ବୁଧବାର ଯେଉଁ ମହିଳାଙ୍କୁ ବ୍ରାଜିଲୀୟ ମଡେଲ ବୋଲି ଦାବି କରିଥିଲେ, ସେ ପ୍ରକୃତରେ ଜଣେ ହେୟାରଡ୍ରେସର। ବ୍ରାଜିଲର ମିନାସ୍ ଗେରାଇସ୍ ନିବାସୀ ଲାରିସା ନେରି ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ ଭାରତୀୟ ନିର୍ବାଚନ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ସ୍ପଷ୍ଟ କରିଛନ୍ତି। ଲୋକଙ୍କୁ ଠକିବା ପାଇଁ ତାଙ୍କ ଫଟୋକୁ ବ୍ୟବହାର କରାଯାଇଥିବା ଲାରିସା କହିଛନ୍ତି। ସେପଟେ ଭାରତରେ ଭୋଟ ଚୋରି ବିବାଦରେ ଛନ୍ଦି ହେବା ପରେ ଉକ୍ତ ଫଟୋକୁ ଉଠାଇଥିବା ବ୍ରାଜିଲ ଫଟୋଗ୍ରାଫର ମାଥ୍ୟୁସ୍ ଫେରେରୋ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ଡିଲିଟ୍ କରିଦେଇଛନ୍ତି।

ହେୟାରଡ୍ରେସର ଲାରିସା ନେରିଙ୍କ ଏହି ଚର୍ଚ୍ଚିତ ଫଟୋକୁ ୨୦୧୭ରେ ମାଥ୍ୟୁସ୍ ତାଙ୍କ ଅନୁମତି ନେଇ ଉଠାଇଥିଲେ। ବୁଧବାର ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏକ ପ୍ରେସ୍ କନ୍‌ଫରେନ୍ସରେ ଏହି ଫଟୋ ଦେଖାଇ ମହିଳାଙ୍କୁ ବ୍ରାଜିଲର ଜଣେ ମଡେଲ ବୋଲି କହିଥିଲେ। ଏଥିସହ ସେ ୨୦୨୪ ଅକ୍ଟୋବରରେ ଅନୁଷ୍ଠିତ ହରିୟାଣା ବିଧାନସଭା ନିର୍ବାଚନ ବେଳେ ୧୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ଭିନ୍ନ ଭିନ୍ନ ନାମରେ ୨୨ ଥର ଭୋଟ ଦେଇଥିବା ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନିର୍ବାଚନ କମିଶନ (ଇସି)ଙ୍କ ସଲାସୁତୁରାରେ ହରିୟାଣାରେ ନିର୍ବାଚନ ବେଳେ ୨୫ ଲକ୍ଷ ଭୋଟ ଚୋରି ହୋଇଥିବା ରାହୁଲ ସମାଲୋଚନା କରିଥିଲେ। ଏହାର ଦିନକ ପରେ ସମ୍ପୃକ୍ତ ମହିଳା ସାମ୍ନାକୁ ଆସିଛନ୍ତି। ସେ ନିଜ ନାମ ଲାରିସା ନେରି ବୋଲି କହିଛନ୍ତି। ହେୟାରଡ୍ରେସର ଲାରିସା କହିଛନ୍ତି, ସାମାଜିକ ☞ପୃଷ୍ଠା-୨

## ସ୍ତ୍ରୀ ଛାଡ଼ି ପଳାଇବାରୁ ୫ ବର୍ଷର ଝିଅଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା

କର୍ଣ୍ଣାଟକର କୋଲାର ଜିଲାରେ ସ୍ତ୍ରୀ ଛାଡ଼ି ପଳାଇଯିବାରୁ ବିଚଳିତ ସ୍ୱାମୀ ହିତାହିତ ଜ୍ଞାନ ହରାଇ ତାଙ୍କର ୫ ବର୍ଷର ଝିଅକୁ ହତ୍ୟା କରିବା ପରେ ନିଜେ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଲୋକେଶ(୩୭)ଙ୍କ ଘର ମୁଲବାଗଲ ତାଲୁକ ଅନ୍ତର୍ଗତ ମଦିୟାନୁରୁ ଗ୍ରାମରେ ଓ ତାଙ୍କ ଝିଅ ନାମ ନାହାରିକା। ପାରିବାରିକ ବିବାଦକୁ ନେଇ ଲୋକେଶଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ି ପଳାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଅଦିତି ମିଶ୍ରା ଜେଏନ୍‌ୟୁ ଛାତ୍ରସଂସଦ ସଭାପତି

**ସମସ୍ତ ୪ ଆସନରେ ବାମ ମେଣ୍ଟ ବିଜୟୀ**


ନୂଆଦିଲ୍ଲୀ,୬।୧୧

ଦିଲ୍ଲୀର ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଛାତ୍ରସଂସଦ ନିର୍ବାଚନରେ ବାମ ଏକତା ମେଣ୍ଟ ବାଜିମାତ୍ କରିଛି। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ (ଏଆଇଏସ୍‌ଏ), ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଏବଂ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଫ୍ରଣ୍ଟ (ଡିଏସ୍‌ଏଫ୍)କୁ ନେଇ


ଅଦିତି ମିଶ୍ରା

ଗଠିତ ବାମ ଏକତା ମେଣ୍ଟ ନିର୍ବାଚନରେ ସମସ୍ତ ୪ଟି ପଦବୀରେ ବିଜୟୀ ହୋଇଛି। ଏଆଇଏସ୍‌ଏର ଅଦିତି ମିଶ୍ରା ଏବିଭିପିର ବିକାଶ ପଟେଲଙ୍କୁ ୪୦୦ରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇ ଛାତ୍ରସଂସଦ ସଭାପତି ନିର୍ବାଚିତ ହୋଇଛନ୍ତି। ମିଶ୍ରାଙ୍କୁ ୧,୮୬୧ ଭୋଟ ମିଳିଥିବାବେଳେ ପଟେଲ ୧,୪୪୭ ଭୋଟ ପାଇଛନ୍ତି। ସେହିପରି ଏସ୍‌ଏଫ୍‌ଆଇର କେ. ଗୋପିକା ଏବିଭିପିର ତନ୍ୟା କୁମାରୀଙ୍କୁ ହରାଇ ଉପସଭାପତି ନିର୍ବାଚିତ ହୋଇଛନ୍ତି। ଗୋପିକାଙ୍କୁ ୨,୯୬୬ ଭୋଟ ମିଳିଥିବାବେଳେ ତନ୍ୟା ୧,୭୩୦ ଭୋଟ ପାଇଛନ୍ତି। ସାଧାରଣ ସମ୍ପାଦକ ପଦବୀ ପାଇଁ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲାବେଳେ ଡିଏସ୍‌ଏଫ୍‌ର ସୁନିଲ ଯାଦବ ଏବିଭିପିର ରାଜଶ୍ୱରକାନ୍ତ ଦୁବେଙ୍କଠାରୁ ୭୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସୁନିଲଙ୍କୁ ୧,୯୧୫ ଏବଂ ଦୁବେଙ୍କୁ ୧,୮୪୧ ଭୋଟ ମିଳିଛି। ସେହିପରି ଏଆଇଏସ୍‌ଏର ଡାନିଶ ଅଲି ଏବିଭିପିର ଅନୁଜ ଡାମରାଙ୍କୁ ହରାଇ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଡାନିଶଙ୍କୁ ୧,୯୯୧ ଭୋଟ ମିଳିଥିବାବେଳେ ଅନୁଜଙ୍କୁ ୧,୭୬୨ଟି ଭୋଟ ମିଳିଛି।

### ଦିଲ୍ଲୀରେ ଆଜି


ରାଷ୍ଟ୍ରପତି ଭବନରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଶ୍ୱକପ୍ ବିଜୟୀ ମହିଳା କ୍ରିକେଟ ଟିମ୍‌ର ସଦସ୍ୟମାନେ ଫଟୋ ପୋଜ୍ ଦେଉଛନ୍ତି। (ଫଟୋ: ଚମନ ଗୌତମ)

# ଆହୁରି ଶକ୍ତିଶାଳୀ ହେବେ ଆସିମ୍ ମୁନିର

## ପାକ୍ ସେନାମୁଖ୍ୟଙ୍କ ପାଇଁ ସମ୍ବିଧାନ ସଂଶୋଧନ ପ୍ରସ୍ତାବ

**ପାକିସ୍ତାନର ଦୁର୍ବଳ ଶାସକଙ୍କ ଯୋଗୁ ସେନାମୁଖ୍ୟ ଆସିମ୍ ମୁନିର ସବଳ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୁନିରଙ୍କୁ ହ୍ୱାଇଟ୍ ହାଉସ୍‌କୁ ଡକାଇ ବାରମ୍ବାର ପ୍ରଶଂସା କରିବା ପରେ ତାଙ୍କ ଡେଣାରେ ପର ଯୋଡ଼ି ହୋଇଯାଇଥିଲା। ଏବେ ଶେହବାଜ୍ ଶରିଫ୍ ସରକାର ମେଣ୍ଟ ସହଯୋଗୀଙ୍କ ସହ ବିଚାରବିମର୍ଶ କରିବା ପରେ ପାକିସ୍ତାନର ୨୭ତମ ସମ୍ବିଧାନ ସଂଶୋଧନ କରିବାକୁ ଯାଉଛନ୍ତି, ଯଦ୍ୱାରା ଫିଲ୍ଡ ମାର୍ଶଲ ମୁନିର ଆହୁରି ଶକ୍ତିଶାଳୀ ହୋଇ ଉଭା ହେବେ। ଏହି ପଦକ୍ଷେପ ଯୋଗୁ ଦେଶରେ ମୁନିରଙ୍କ ଆଧିପତ୍ୟ ବିସ୍ତାର ସହ ସରକାରରେ ହସ୍ତକ୍ଷେପ ବୃଦ୍ଧି ପାଇବ ବୋଲି ସମାଲୋଚକମାନେ ଆଶଙ୍କା କରୁଛନ୍ତି। ମୁନିରଙ୍କ ଶକ୍ତି ବୃଦ୍ଧି ଭାରତ ପାଇଁ ମଧ କାଳ ହୋଇପାରେ।**

ଇସ୍‌ଲାମାବାଦ,୬।୧୧

ପାକିସ୍ତାନ ସରକାର ସେନାମୁଖ୍ୟ ଓ ସଶସ୍ତ୍ର ବଳର କମାଣ୍ଡ ନିଯୁକ୍ତି ସମ୍ପର୍କିତ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ଏହି ୨୭ତମ ସମ୍ବିଧାନ ସଂଶୋଧନ ପରେ ସେନାକୁ ଅଧିକ କ୍ଷମତା ମିଳିବ। ଏହାଦ୍ୱାରା କେବଳ ଇସ୍‌ଲାମାବାଦରେ ନୁହେଁ, ବରଂ ବିଦେଶରେ ମଧ ମୁନିରଙ୍କ ପ୍ରଭାବ ବଢ଼ିବ। ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାର ପାର୍ଲାମେଣ୍ଟରେ ଏନେଇ ଖୁବ୍‌ଶୀଘ୍ର ସଂଶୋଧନ ପ୍ରସ୍ତାବ ଆଗତ କରିବାକୁ ଯାଉଛନ୍ତି ବୋଲି ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କ ନେତୃତ୍ୱାଧୀନ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ପକ୍ଷରୁ ଗୁରୁବାର 'X'ରେ ସୂଚନା ଦିଆଯାଇଛି। ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର ମଧ ମଙ୍ଗଳବାର ସଂସଦର ଉଚ୍ଚ ସଦନ ସିନେଟ୍‌ରେ ଏହି ବିଷୟ ସୁନିଶ୍ଚିତ କରିଥିଲେ। ୧୯୪୭ରେ ଭାରତଠାରୁ ଅଲଗା ହୋଇ ପାକିସ୍ତାନ ଗଠନ ହେବା ପରଠାରୁ ଦେଶରେ ସାମରିକ ଅଧିକାରୀଙ୍କ ଆଧିପତ୍ୟ ରହିଆସିଛି। ଏପରି କି ଯେକୌଣସି ସମୟରେ ନିର୍ବାଚିତ ସରକାରକୁ ହଟାଇ କ୍ଷମତା ମାଡ଼ିବସିବା ସେନା ପାଇଁ ଅସମ୍ଭବ ନୁହେଁ ବୋଲି ବହୁବାର ଦେଖିବାକୁ ମିଳିଛି। ଏବେ ସେନାମୁଖ୍ୟଙ୍କୁ ଆହୁରି କ୍ଷମତା


ଆସିମ୍ ମୁନିର

ପ୍ରଦାନ କରାଗଲେ ଉକ୍ତ ଦକ୍ଷିଣ ଏସୀୟ ରାଷ୍ଟ୍ରରେ ସାମରିକ ହସ୍ତକ୍ଷେପ ବଢ଼ିବା ସହ ଜାତୀୟ ନିରାପତ୍ତା ଓ ଅର୍ଥନୀତିର ନିୟନ୍ତ୍ରଣ ସେନା ହାତକୁ ଚାଲିଯିବା ଆଶଙ୍କା କରାଯାଉଛି। ପୂର୍ବତନ ସିନେଟର ମୁସ୍ତାଫା ନଓ୍ୱାଜ ଖୋଖର କହିଛନ୍ତି, ପାକିସ୍ତାନରେ କମାଣ୍ଡର-ଇନ୍-ଚିଫ୍ ନାମରେ ଏକ ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ଦେଶର ନାଗରିକ-ସାମରିକ ପଦପଦବୀରେ ଢାଞ୍ଚାଗତ ପରିବର୍ତ୍ତନ ଆସିପାରେ। ଏତିକି ନୁହେଁ, ବେସାମରିକ ପ୍ରତିଷ୍ଠାନଗୁଡ଼ିକ ମଧ ସେନା ଅଧୀନକୁ ଚାଲିଆସିବ, ଯଦ୍ୱାରା ପାକିସ୍ତାନର ମୂଳଦୁଆ ଦୋହଲିଯିବ ବୋଲି ଖୋଖର ସମାଲୋଚନା କରିଛନ୍ତି। ପିପିପି ସିନେଟର ରଜା ରବ୍ବାନି କହିଛନ୍ତି, ଏହି ପଦକ୍ଷେପ ଯୋଗୁ ପ୍ରାଦେଶିକ ସ୍ୱାୟତ୍ତତା ନଷ୍ଟ ହୋଇଯିବ ଏବଂ ୨୦୧୦ରେ କରାଯାଇଥିବା ୧୮ତମ ସମ୍ବିଧାନ ସଂଶୋଧନରୁ ମିଳିଥିବା ସୁଫଳ ଆଗକୁ ଶୂନ ହୋଇଯିବ।

୩୩୬ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଶରିଫ୍ ସରକାରଙ୍କ ପ୍ରତି ୨୩୩ ଏମ୍‌ପିଙ୍କ ସମର୍ଥନ ରହିଛି। ସମ୍ବିଧାନ ସଂଶୋଧନ ପ୍ରସ୍ତାବ ପାରିତ କରିବାକୁ ହେଲେ ସିନେଟ ଏବଂ ନ୍ୟାଶନାଲ ଆସେମ୍ବ୍ଲିରେ ପୃଥକ୍ ଭାବେ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଜରୁରୀ। ତେବେ ୯୬ ସଦସ୍ୟ ବିଶିଷ୍ଟ ସିନେଟରେ ସରକାରଙ୍କୁ ୬୧ ସଦସ୍ୟଙ୍କ ସମର୍ଥନ ମିଳିବାକୁ ଥିବାବେଳେ ଅନ୍ୟୂନ ୩ ବିରୋଧୀ ମେମ୍ବରଙ୍କ ସମର୍ଥନ ଆବଶ୍ୟକ ହେବ। ମୌଲାନା ଫଜ୍‌ଲୁର ରେହମାନଙ୍କ ନେତୃତ୍ୱାଧୀନ ଜମାତ୍ ଉଲେମା-ଇ-ଇସ୍‌ଲାମ ଫଜଲ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରିପାରେ। ତେବେ ପାକିସ୍ତାନ ତେହରିକ୍-ଏ-ଇନ୍‌ସାନ ନେତା ହମିଦ୍ ଖାନ୍ କହିଛନ୍ତି, ପ୍ରସ୍ତାବକୁ ତାଙ୍କ ଦଳ ବିରୋଧ କରିବ। ସମ୍ବିଧାନକୁ ନଷ୍ଟ କରିବା ପାଇଁ ସରକାର ଚଳାଇଥିବା ଉଦ୍ୟମକୁ ଭଣ୍ଡୁର କରାଯିବ।

ଉଲ୍ଲେଖଯୋଗ୍ୟ, ଗତ ମେ'ରେ ଭାରତର ଅପରେଶନ୍ ସିନ୍ଦୂର ପରେ ମୁନିରଙ୍କୁ ଫିଲ୍ଡ ମାର୍ଶଲ କରାଯାଇଥିଲା। ସେବେଠୁ ପାକିସ୍ତାନ ରାଜନୀତିରେ ମୁନିରଙ୍କ ଦଖଲ ବଢ଼ିଚାଲିଥିବାରୁ ତାଙ୍କୁ ଅନେକ ବୈଶ୍ୱିକ ମଞ୍ଚରେ ଦେଖିବାକୁ ମିଳିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମୁନିରଙ୍କୁ ଟ୍ରେଡ୍ ଡିଲ୍ ପାଇଁ ପ୍ରଶଂସା କରିଛନ୍ତି।

## ହୋଟେଲରେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

**ଇନ୍‌ଷ୍ଟାଗ୍ରାମ୍ ବନ୍ଧୁଙ୍କୁ ଭେଟିବାକୁ ଯାଇଥିଲେ**

ଲକ୍ଷ୍ନୌ,୬।୧୧

ୟୁପିର ଲକ୍ଷ୍ନୌରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଇନ୍‌ଷ୍ଟାଗ୍ରାମ ବନ୍ଧୁତାର ବୀଭତ୍ସ ପରିଣତି ଦେଖିବାକୁ ମିଳିଛି। ଅଭିଯୁକ୍ତ ବନ୍ଧୁତା ଆଳରେ ଛାତ୍ରୀଙ୍କୁ ଭେଟିବା ପାଇଁ ହୋଟେଲକୁ ଡକାଇ ଅନ୍ୟ ୨ ସହଯୋଗୀଙ୍କ ସହ ଗଣବଳାତ୍କାର କରିଛନ୍ତି। ୩ ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଛନ୍ତି। ପୀଡ଼ିତାଙ୍କ ମାଆ ସରୋଜିନୀନଗର ଥାନାରେ ଅଭିଯୋଗ କରିଥିଲେ ଯେ, ଝିଅ ବିମଳ ନାମରେ ଜଣେ ଯୁବକଙ୍କ ସହ ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା କରିଥିଲେ। ଝିଅ ଉକ୍ତ ଯୁବକଙ୍କ ସହ ଫୋନ୍‌ରେ କଥା ହେଉଥିଲେ। ଅଭିଯୁକ୍ତ ଆଗ୍ରା ଏକ୍ସପ୍ରେସ୍‌ୱେ ନିକଟରେ ରହୁଥିବା ତାଙ୍କୁ କହିଥିଲେ। ବିମଳଙ୍କ ଆମନ୍ତ୍ରଣକ୍ରମେ ଛାତ୍ରୀ ଅକ୍ଟୋବର ୧୦ ରାତି ୧୦ଟାରେ ତାଙ୍କୁ ଭେଟିବାକୁ ଘରୁ ଯାଇଥିଲେ। ଶୁଭମ୍ ଏବଂ ପୀୟୁଷଙ୍କ ସହ ବିମଳ ଏକ ସ୍କର୍ପିଓରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କୁ ଆଇଆଇଏମ୍ ରୋଡ୍‌ରେ ଥିବା ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଭିଡିଓ ରେକର୍ଡିଂ କରାଇଥିଲେ।

# ବିହାର ନିର୍ବାଚନ: ପ୍ରଥମ ପର୍ଯ୍ୟାୟରେ ୬୪.୪୬% ମତଦାନ


ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭୋଟ ଦେବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।


ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବରୀ ଦେବୀ ଓ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ।

ପାଟ୍‌ନା,୬।୧୧(ପି.ଟି.)

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମତଦାନ ହାର ୬୪.୪୬ ପ୍ରତିଶତ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ବିନୋଦ ସିଂ ଗୁଞ୍ଜିୟାଲ କହିଛନ୍ତି। ଏହି ପର୍ଯ୍ୟାୟରେ ୧୨୧ ଆସନରେ ୧,୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ପାଇଁ ଭୋଟଗ୍ରହଣ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ କାର୍ ଉପରେ ଆକ୍ରମଣ ସମେତ କାଁଭାଁ ହିଂସାକାଣ୍ଡ ଘଟଣାକୁ ଛାଡ଼ିଲେ ମତଦାନ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା। ଭୋଟଗ୍ରହଣ ପାଇଁ ଗ୍ରାମାଞ୍ଚଳରେ ୩୬,୭୩୩ଟି ବୁଥ୍ ସମେତ ମୋଟ ୪୫,୩୪୧ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ବକସାର, ଫତୁହା ଏବଂ ସୂର୍ଯ୍ୟଗଡ଼ର କେତେକ ବୁଥ୍‌ରେ ଲୋକେ ଭୋଟ ବର୍ଜନ କରିଥିଲେ।

ବେଗୁସରାଇ ଜିଲାରେ ସର୍ବାଧିକ ୬୭.୩୨ ପ୍ରତିଶତ ମତଦାନ ହୋଇଥିବାବେଳେ ସମସ୍ତିପୁରରେ ୬୬.୬୫%, ମାଧେପୁରାରେ ୬୫.୭୪% ଭୋଟ ଗ୍ରହଣ ହୋଇଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ଏହି ପର୍ଯ୍ୟାୟରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନା ଏବଂ ବହୁ ମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜ୍ୟରେ ୨୦ ବର୍ଷ ହେଲା କ୍ଷମତାରେ ଥିବା ଏନ୍‌ଡିଏ ଏଥର କିଛିଟା ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିବାବେଳେ ଆର୍‌ଜେଡି-କଂଗ୍ରେସ ମେଣ୍ଟର ୧୫ ବର୍ଷର ଜଙ୍ଗଲରାଜ ବିରୋଧରେ ସୁଶାସନ ଭାବମୂର୍ତ୍ତି ସହ ଏହାକୁ ଅତିକ୍ରମ କରିବାକୁ ଉଦ୍ୟମ ଚଳାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ରେକର୍ଡ ସହ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ଲେଖାଏ ପଠାଇବା, ୧୨୫ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ସାମାଜିକ ସୁରକ୍ଷା ପେନ୍‌ସନ ବୃଦ୍ଧି ଆଦି କଲ୍ୟାଣକାରୀ ଯୋଜନା ଘୋଷଣା କରିଥିବାରୁ ସତ୍ତାବିରୋଧୀ ହାଓ୍ୱାକୁ ପ୍ରତିହତ କରିବାରେ ସହାୟକ ହେବ ବୋଲି ଏନ୍‌ଡିଏ ଆଶାବାଦୀ ରହିଛି।

## ଆର୍‌ଜେଡି ଗୁଣ୍ଡାଙ୍କ ଛାତିରେ ବୁଲ୍‌ଡୋଜର ଚଢ଼ାଇବୁ: ଉପମୁଖ୍ୟମନ୍ତ୍ରୀ ସିହ୍ନା

ଲଖିସରାଇ,୬।୧୧

ବିହାରରେ ପ୍ରଥମ ପର୍ଯ୍ୟାୟ ଭୋଟ ଦିନ ଖୋରିଆରି ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ କାର୍ ଉପରେ ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡିର କର୍ମୀମାନେ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଭୋଟରଙ୍କୁ ଭୟଭୀତ କରାଇବା ପାଇଁ ଏଭଳି ଆକ୍ରମଣ କରାଯାଇଥିବା ସିହ୍ନା କହିଛନ୍ତି। ଲଖିସରାଇରୁ ଚତୁର୍ଥ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହେବାକୁ ଚାହୁଁଥିବା ସିହ୍ନା କହିଛନ୍ତି, ଆର୍‌ଜେଡି କର୍ମୀମାନେ ତାଙ୍କ କାର୍‌କୁ ଟେକା, ଗୋବର ଓ ଚପଲ ଫିଙ୍ଗିବା ସହ ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ। ସେମାନଙ୍କ ଆକ୍ରମଣରେ ସିହ୍ନାଙ୍କ ସମର୍ଥକ ବିଭୀଷଣ କେଭଟ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଭିଯୋଗ ହୋଇଛି। ସିହ୍ନା କହିଛନ୍ତି, ଏନ୍‌ଡିଏ ପୁଣି କ୍ଷମତାକୁ ଆସିବାକୁ ଥିବାରୁ ଆର୍‌ଜେଡି ଗୁଣ୍ଡାମାନେ ବୁଲ୍‌ଡୋଜରକୁ ଡରୁଛନ୍ତି। ମୋତେ ସେମାନଙ୍କ ଗାଁରେ ପୂରାଇ ଦେଉନାହାନ୍ତି। ଆକ୍ରମଣକାରୀ ଆର୍‌ଜେଡି ଗୁଣ୍ଡାଙ୍କ ବିରୋଧରେ ବୁଲ୍‌ଡୋଜର ନ୍ୟାୟ ଲାଗୁ ହେବ।

# ୨୦୪୭ ସୁଦ୍ଧା ୧୧ ନିୟୁତ ଟନ୍ ସୌର ବର୍ଜ୍ୟ ସୃଷ୍ଟି ହୋଇପାରେ

**ପୁନଃଚକ୍ରଣ ୩,୭୦୦ କୋଟିର ବଜାର ସୁଯୋଗ ସୃଷ୍ଟି କରିବ**

ନୂଆଦିଲ୍ଲୀ,୬।୧୧(ପି.ଟି.)

ଭାରତ ୨୦୪୭ ସୁଦ୍ଧା ପ୍ରାୟ ୧୧ ନିୟୁତ ଟନ୍ ସୌର ବର୍ଜ୍ୟ ବିଶେଷକରି କ୍ରିଷ୍ଟାଲାଇନ୍-ସିଲିକନ୍ ମଡ୍ୟୁଲ ସୃଷ୍ଟି କରିପାରେ ବୋଲି ୨ଟି ଅଧ୍ୟୟନରେ ଆକଳନ କରାଯାଇଛି। ଉକ୍ତ ବର୍ଜ୍ୟଗୁଡ଼ିକର ପରିଚାଳନା ପାଇଁ ଦେଶରେ ପାଖାପାଖି ୩୦୦ ରିସାଇକ୍ଲିଂ ପ୍ଲାଣ୍ଟ ସ୍ଥାପନର ଆବଶ୍ୟକତା ରହିଛି, ଯେଉଁଥିରେ ୪,୨୦୦ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ଶକ୍ତି, ପରିବେଶ ଓ ଜଳ ଉପରେ ଦିଲ୍ଲୀର ଥିଙ୍କ୍ ଟ୍ୟାଙ୍କ କାଉନସିଲ୍ (ସିଇଇଡବ୍ଲ୍ୟୁ) କରିଥିବା ଅଧ୍ୟୟନରେ କୁହାଯାଇଛି। ପରିତ୍ୟକ୍ତ ସୋଲାର ପ୍ୟାନେଲଗୁଡ଼ିକରୁ ସାମଗ୍ରୀଗୁଡ଼ିକୁ ଉଦ୍ଧାର ଓ ପୁନର୍ବ୍ୟବହାର ଦ୍ୱାରା ୨୦୪୭ ବେଳକୁ ୩,୭୦୦ କୋଟି ଟଙ୍କାର ବଜାର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଆକଳନ କରାଯାଇଛି। ଯଦି ଉପରୋକ୍ତ ସମ୍ଭାବନା ସତ ହୁଏ, ତେବେ ସୌର ବର୍ଜ୍ୟରୁ ଉଦ୍ଧାର ହେବାକୁ ଥିବା ସିଲିକନ୍, ତମ୍ବା, ଆଲୁମିନିୟମ, ରୁପା ଆଦି ମୂଲ୍ୟବାନ ଧାତୁ ୨୦୪୭ ସୁଦ୍ଧା ଉକ୍ତ ସେକ୍ଟରର ଉତ୍ପାଦନର ୩୮ ପ୍ରତିଶତ ଆବଶ୍ୟକତାକୁ ପୂରଣ କରିପାରିବ ଓ ନୂଆ ସମ୍ବଳ ବଦଳରେ ପୁନଃଚକ୍ରଣ ସାମଗ୍ରୀ ବ୍ୟବହାର ଦ୍ୱାରା ୩୭ ନିୟୁତ ଟନ୍ ଅଙ୍ଗାରକ ନିର୍ଗମନକୁ ରୋକାଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି।



ସିଇଇଡବ୍ଲ୍ୟୁର ଏହି ଅଧ୍ୟୟନ ଘରୋଇ ସୋଲାର ରିସାଇକ୍ଲିଂ ଇକୋସିଷ୍ଟମ ନିର୍ମାଣ ଲାଗି ଭାରତର ପ୍ରଥମ ବିସ୍ତୃତ ରୂପରେଖ ପ୍ରଦାନ କରିଛି। ଏହା ଉଭୟ ସ୍ୱଚ୍ଛ ଶକ୍ତି ଏବଂ ଉତ୍ପାଦନରେ ଆତ୍ମନିର୍ଭର ହେବାରେ ସହାୟକ ହେବ। ଭରତର ସୌର ବିପ୍ଳବ ଏକ ନୂଆ ସ୍ୱଚ୍ଛ ଶିଳ୍ପାୟନ ସୁଯୋଗକୁ ଶକ୍ତି ଯୋଗାଇପାରିବ ବୋଲି ଅଧ୍ୟୟନରେ ସାମିଲ ହୋଇଥିବା ରିଷଭ ଜୈନ କହିଛନ୍ତି। ସ୍ୱଚ୍ଛ ଶକ୍ତି ବ୍ୟବସ୍ଥାରେ ବର୍ଜ୍ୟକୁ କମାଇବା ଓ ସମ୍ବଳର ପୁନଃବିନିଯୋଗକୁ ବଢ଼ାଇବା ଦ୍ୱାରା ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜଗୁଡ଼ିକୁ ଉଦ୍ଧାର କରିବା ସହ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଓ ସ୍ୱଚ୍ଛ ନିଯୁକ୍ତି ସୃଷ୍ଟି କରିପାରିବା। ସମ୍ଭାବ୍ୟ ବର୍ଜ୍ୟକୁ ଆମେ ଦୀର୍ଘସ୍ଥାୟୀ ମୂଲ୍ୟବାନ୍ ସାମଗ୍ରୀରେ ପରିଣତ କରିପାରିବା। ଭାରତର ସ୍ଥାୟୀ ଓ ଦାୟିତ୍ୱସମ୍ପନ୍ନ ବିକାଶ ପାଇଁ ସର୍କୁଲାର ଇକୋନୋମି (ବର୍ଜ୍ୟବସ୍ତୁର ପୁନଃଉପଯୋଗ କରି ପରିବେଶ ସୁରକ୍ଷା ସଂକ୍ରାନ୍ତ ଅର୍ଥନୀତି) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୋଲାର ରିସାଇକ୍ଲିଂ ବ୍ୟବସ୍ଥା ଏବେ ଉପଲବ୍ଧ ନ ଥିବାରୁ ପୁନଃଚକ୍ରଣକାରୀଙ୍କୁ ଟନ୍ ପ୍ରତି ୧୦ ହଜାରରୁ ୧୨ ହଜାର ଟଙ୍କା କ୍ଷତି ସହିବାକୁ ପଡୁଥିବା ଅଧ୍ୟୟନରେ କୁହାଯାଇଛି।

# ପିଓକେରେ ପୁଣି ଜୋର୍‌ଦାର ବିକ୍ଷୋଭ

**ପାକ୍ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଜେନ୍ ଜି**

ନୂଆଦିଲ୍ଲୀ,୬।୧୧

ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ହିଂସାତ୍ମକ ଆନ୍ଦୋଳନ ଘଟଣାର ୪ ସପ୍ତାହ ପରେ ଉକ୍ତ ଅଞ୍ଚଳରେ ଆଉ ଏକ ବିଦ୍ରୋହ ମୁଣ୍ଡ ଟେକିଛି। ଶିକ୍ଷା ସଂସ୍କାରକୁ ନେଇ ଏଥର ଆରମ୍ଭ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଜେନ୍ ଜି ବିଶେଷ କରି ଛାତ୍ରୀଛାତ୍ର। ଦେୟ ବୃଦ୍ଧି ଏବଂ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପ୍ରକ୍ରିୟାକୁ ବିରୋଧ କରି ଆରମ୍ଭ ହୋଇଥିବା ଶାନ୍ତିପୂର୍ଣ୍ଣ ବିକ୍ଷୋଭ କ୍ରମେ ଶେହବାଜ ଶରିଫ ସରକାରଙ୍କ ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଛି। ପିଓକେ ଅଞ୍ଚଳର ଯୁବବର୍ଗଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଏଥିରୁ ଜଣାପଡ଼ିଛି।

ଗତ ମାସରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ ହୋଇଥିଲେ ମଧ କେହି ଅଜଣା ବନ୍ଧୁକଧାରୀ ଛାତ୍ରମାନଙ୍କ ଉପରକୁ ଗୁଳି ଚଳାଇବାରୁ ଏହା ହିଂସାତ୍ମକ ରୂପ



ନେଇଥିଲା। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିଲା। ଏଥିରେ ଉତ୍ତେଜିତ ହୋଇ ଛାତ୍ରୀଛାତ୍ର ପୋଡ଼ାଜଳା ଓ ଭଙ୍ଗାରୁଜା କରିବା ସହ ପାକ୍ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଦକ୍ଷିଣ ଏସୀୟ ରାଷ୍ଟ୍ର ନେପାଳ ଏବଂ ବାଂଲାଦେଶରେ ଜେନ୍ ଜି ବିକ୍ଷୋଭ ଯୋଗୁ ସରକାର ପରିବର୍ତ୍ତନ ହୋଇଥିଲା। ଏବେ ପାକ୍ ଅଧିକୃତ କଶ୍ମୀରରେ ତାହାର ପ୍ରତିଫଳନ ଦେଖିବାକୁ ମିଳିଛି।

### ଫୁରସତ

# ନଦୀ ଓସାର ୧୫ ସେଣ୍ଟିମିଟର

ଏଠାରେ ଏଭଳି ନଦୀ ବିଷୟରେ ସୂଚିତ କରାଯାଉଛି ଯାହା କି ତା'ର ପ୍ରସ୍ଥ(ଓସାର) ପାଇଁ ବିଶ୍ୱରେ ଏକ ଅନନ୍ୟ ପରିଚୟ ରଖିଛି। ଏହା ହେଉଛି ହୁଆଲାଇ ନଦୀ, ଯାହା ବିଶ୍ୱର ସବୁଠାରୁ ସଂକୀର୍ଣ୍ଣ ନଦୀ ଭାବରେ ଜଣାଯାଏ। ଏହି ନଦୀ ଏତେ ସଂକୀର୍ଣ୍ଣ ଯେ ଜଣେ ବ୍ୟକ୍ତି ସହଜରେ ଗୋଟିଏ କୂଳରୁ ଅନ୍ୟ କୂଳକୁ ଡେଇଁପାରିବ।

ଉତ୍ତର ଚାଇନାରେ ପ୍ରବାହିତ ଏହି ନଦୀ ପ୍ରାୟ ୧୭ କିଲୋମିଟର ଲମ୍ବା। ତଥ୍ୟ ଅନୁଯାୟୀ ଏହି ନଦୀ ପ୍ରାୟ ୧୦,୦୦୦ ବର୍ଷ ହେବ ଏହାର ପ୍ରାକୃତିକ ଗତିରେ ପ୍ରବାହିତ ହେଉଛି। ତେବେ ଏହି ନଦୀର ଆକର୍ଷଣୀୟ ବୈଶିଷ୍ଟ୍ୟ ହେଉଛି ଏହାର ହାରାହାରି ପ୍ରସ୍ଥ ମାତ୍ର ୧୫ ସେଣ୍ଟିମିଟର। ଯଦି ସତର୍କତାର



ସହ ନ ଦେଖନ୍ତି, ତେବେ ଏହା ଜଳରେଖା ଭାବରେ ଦେଖାଯାଇପାରେ। ଏହି ନଦୀର ସର୍ବାଧିକ ଗଭୀରତା କେବଳ ୫୦ ସେଣ୍ଟିମିଟର। ଏହାର ଅର୍ଥ ହେଉଛି ଏଥିରେ ପାଦ ଦେଉଥିବା ଜଣେ ପିଲା ମଧ କଷ୍ଟରେ ନିଜର ସମ୍ପୂର୍ଣ୍ଣ ପାଦ ବୁଡ଼ାଇପାରିବ। ନଦୀର ଜଳ ଭୂତଳ ଝରଣାରୁ ଉତ୍ପନ୍ନ ହୁଏ, ଆଖପାଖର ପଥର ଏବଂ ମାଟି ସ୍ତର ଦେଇ ପୃଷ୍ଠକୁ ପ୍ରବେଶକରେ।

ଏହା ପରେ ଧୀରେ ଧୀରେ ପ୍ରବାହିତ ହୁଏ ଏବଂ ଦଲାଇ ନୁର ହ୍ରଦରେ ମିଶିଯାଏ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି, ହୁଆଲାଇ ନଦୀ ଏକ ପ୍ରାକୃତିକ ଆଶ୍ଚର୍ଯ୍ୟ, ଯାହା ପୃଥିବୀର ଭୂ-ଆକୃତି ଏବଂ ଜଳ ସନ୍ତୁଳନରେ ହଜାର ହଜାର ବର୍ଷର ପରିବର୍ତ୍ତନର କାହାଣୀ କୁହେ।

ଏହାକୁ ଏକ ଜୀବନ୍ତ ଭୌଗୋଳିକ ଆଶ୍ଚର୍ଯ୍ୟ କୁହାଯାଏ, କାରଣ ଏହାର ଛୋଟ ଆକାର ସତ୍ତ୍ୱେ ଏହା ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମର ସନ୍ତୁଳନ ବଜାୟ ରଖେ। ଏହି ନଦୀ ଚାଇନା ପର୍ଯ୍ୟଟନରେ ଏକ ଆକର୍ଷଣ ପାଲଟିଛି। ଅନେକ ଲୋକ ଏହାକୁ ଦେଖିବା ଏବଂ ଏହାର ପ୍ରସ୍ଥ ମାପିବା ପାଇଁ ଏଠାକୁ ଆସନ୍ତି। କେତେକେ ଏହାକୁ ବିଶ୍ୱର ସବୁଠାରୁ ଛୋଟ ପ୍ରାକୃତିକ ଚ୍ୟାଲେଞ୍ଜ ମଧ କୁହନ୍ତି, ଯେଉଁଠାରେ ନଦୀ ପାରହେବା ଏକ ମଜାଦାର ଅଭିଜ୍ଞତା ହୋଇଯାଏ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୭/୨୦୨୫ | Bhubaneswar, Friday, November 7/2025 | ପୃଷ୍ଠା-୧


सत्यमेव जयते
Government of India

ରାଷ୍ଟ୍ରୀୟ ଗୀତର 150 ବର୍ଷ ପୂର୍ତ୍ତି ସମାରୋହ

# ବନ୍ଦେ ମାତରମ୍

ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ବନ୍ଦନା

ମୁଖ୍ୟ ଅତିଥି
ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ



ତାରିଖ - 7 ନଭେମ୍ବର,2025 | ସମୟ ସକାଳ ୯ଟା 45
ସ୍ଥାନ: ଇନ୍ଦିରା ଗାନ୍ଧୀ ଇନ୍‌ଡୋର୍ ଷ୍ଟାଡିୟମ, ଦିଲ୍ଲୀ

ମୁଖ୍ୟ କାର୍ଯ୍ୟକ୍ରମ
ଭବ୍ୟ ସଙ୍ଗୀତ ପରିବେଷଣ - ବନ୍ଦେ ମାତରମ୍: ନାଦ ଏକମ୍, ରୂପମ୍ ଅନେକମ୍
ସ୍ୱତନ୍ତ୍ର ପ୍ରଦର୍ଶନୀ | ବନ୍ଦେ ମାତରମ୍‌ର ଇତିହାସ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର
ସାଂସ୍କୃତିକ କାର୍ଯ୍ୟକ୍ରମ | ସ୍ମାରକ ଡାକ ଟିକଟ ଏବଂ ମୁଦ୍ରା ଉନ୍ମୋଚନ

ଗରିମାମୟ ଉପସ୍ଥିତି
ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱତ
ମାନନୀୟ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ, ଭାରତ ସରକାର
ଶ୍ରୀ ବିନୟ କୁମାର ସକ୍ସେନା
ମାନନୀୟ ଉପରାଜ୍ୟପାଳ, ଦିଲ୍ଲୀ ଏନସିଟି ସରକାର
ଶ୍ରୀମତୀ ରେଖା ଗୁପ୍ତା
ମାନନୀୟ ମୁଖ୍ୟମନ୍ତ୍ରୀ, ଦିଲ୍ଲୀ, ଏନସିଟି ସରକାର

ଏହି ଐତିହାସିକ ଅବସରରେ, ଆସନ୍ତୁ ଆମେ ବହୁ ସଂଖ୍ୟାରେ ଭାଗ ନେବା
ଏବଂ ବନ୍ଦେ ମାତରମ୍‌ର ଦେଶଭକ୍ତି ଓ ରାଷ୍ଟ୍ର ଗୌରବର ଶାଶ୍ୱତ ବାର୍ତ୍ତାକୁ ପ୍ରସାର କରିବା!

7ରୁ 14 ନଭେମ୍ବର, 2025 ପର୍ଯ୍ୟନ୍ତ, ରାଷ୍ଟ୍ରଭକ୍ତିର ଉତ୍ସାହ ଓ ଉଦ୍ଦୀପନାକୁ ଆଗକୁ ବଢ଼ାଇବା ଲାଗି ଯୋଡ଼ି ହୁଅନ୍ତୁ

ପର୍ଯ୍ୟାୟ 1
ବନ୍ଦେ ମାତରମ୍‌କୁ ନିଜ ଶୈଳୀରେ ଗାଆନ୍ତୁ

ପର୍ଯ୍ୟାୟ 2
ନିଜର ଭିଡିଓ ରେକର୍ଡ କରନ୍ତୁ

ପର୍ଯ୍ୟାୟ 3
ନିଜର ଭିଡିଓ vandemataram150.inରେ ଅପ୍‌ଲୋଡ୍ କରନ୍ତୁ

ଡିଡି ନ୍ୟୁଜରେ ଦେଖନ୍ତୁ ସିଧାପ୍ରସାରଣ

CBC 38101/13/0031/2526

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏକାମ୍ର ପଦଯାତ୍ରା, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୯ଟା।
- 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମୂହ 'ବନ୍ଦେ ମାତରମ୍' ଗାନ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ଓଡ଼ିଶା ପ୍ରାଣୀ ଚିକିତ୍ସା ପରିଷଦ, ପ୍ଲଟ ଏ-୧୮, ଶହୀଦ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ମହିଳା ସମିତି ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କସ୍ତୁରବା ନାରୀ ମହଲ, ୟୁନିଟ୍-୧, ସମୟ: ପୂର୍ବାହ୍ନ ୧୧ଟା।
- ସିଭିଲ୍ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ, ରାଇଟ୍ ଟୁ ଫୁଡ କ୍ୟାମ୍ପେନ୍, ଜନ ସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏନ୍‌ସିଓଇଏର ନବମ ସର୍ବଭାରତୀୟ ସିଏମ୍‌ପିଡିଆଇ ସମ୍ମିଳନୀ, ସ୍ଥାନ: ସିଏମ୍‌ପିଡିଆଇ କଲୋନି, ଦୂରଦର୍ଶନ କେନ୍ଦ୍ର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଏମ୍ସ ପକ୍ଷରୁ ତୃତୀୟ ବାର୍ଷିକ ଗବେଷଣା ଦିବସ ଏବଂ ଦ୍ୱିତୀୟ ବାର୍ଷିକ ଗବେଷଣା ସମ୍ମିଳନୀ, ସ୍ଥାନ: ଏମ୍ସ ମୁଖ୍ୟ ଅଡିଟୋରିଅମ୍, ସମୟ: ଅପରାହ୍ନ ୩ଟା।
- ଆକୃତି ପକ୍ଷରୁ ଗୀତଗୋବିନ୍ଦ, ଛାନ୍ଦ, ଚଉତିଶା ଓ ଚମ୍ପୂ ପର୍ଯ୍ୟବେକ୍ଷଣ, ଚିତ୍ର, ସଙ୍ଗୀତ, କବିତା ଓ ବିବରଣୀ ପ୍ରଦାନର ଯୁଗଳବନ୍ଦୀ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ପାର୍କ, ଚନ୍ଦ୍ରଶେଖରପୁର, ସମୟ: ଅପରାହ୍ନ ୪ଟା।
- ସିପିଆଇଏମ୍ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ପାର୍ଟି ଅଫିସ୍ ପ୍ରାଙ୍ଗଣ, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା।
- ବୃନ୍ଦଙ୍ଗଡ଼ ବାରଙ୍ଗ ମହୋତ୍ସବ ପକ୍ଷରୁ ପାଇକ ଆଖଡ଼ାଗୀତ, ସ୍ଥାନ: ମେଡିକାଲ୍ ଛକ, ବାରଙ୍ଗ, ସମୟ: ଅପରାହ୍ନ ୫ଟା।
- ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ମଞ୍ଚେଶ୍ୱର,ସମୟ: ସନ୍ଧ୍ୟା ୫ଟା ୩୦।
- ସତ୍ୟ ନାରାୟଣ ବାଦୀ ପାଲା ମହାଯଜ୍ଞ ପକ୍ଷରୁ ବାଦୀ ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁର ସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବିଜେବି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଢେଙ୍କାନାଳ**
- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ସାମୂହିକ ଗାନ, ସ୍ଥାନ: ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ମାଣ୍ଡିଆ ଦିବସ-୨୦୨୫, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କାନାଳ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା୩୦।

**ଅନୁଗୋଳ**
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- କାର୍ତ୍ତିକେଶ୍ୱର ପୂଜା ଭସାଣି ଉତ୍ସବ, ସ୍ଥାନ: ମହୀଧରପୁର, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- କଳିଙ୍ଗ ବାଲିଯାତ୍ରା ଚତୁର୍ଥ ସନ୍ଧ୍ୟାରେ ରଙ୍ଗଶାଳା ପୁରୀ ପକ୍ଷରୁ ସାହିଯାତ ଓ ଅସୀମା ପଣ୍ଡାଙ୍କ ମ୍ୟୁଜିକାଲ ନାଇଟ୍, ସ୍ଥାନ: ବାଲିଯାତ୍ରା ମଞ୍ଚ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଭାଗବତ ମହୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣା ନଦୀତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଟିଲୋ ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଯାଜପୁର ଜିଲାର ୧୪୧ ଜଣ ବରିଷ୍ଠ ତୀର୍ଥ ଯାତ୍ରୀଙ୍କ ଅଯୋଧ୍ୟା-ବାରଣାସୀ ଯାତ୍ରା, ସ୍ଥାନ: ବାଲେଶ୍ୱର ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- କାର୍ତ୍ତିକେଶ୍ୱର ପୂଜାର ତୃତୀୟ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା ।
- କାର୍ତ୍ତିକେଶ୍ୱର ମୂର୍ତ୍ତି ବିସର୍ଜନ, ସ୍ଥାନ: ଓଡଗାଁ ବ୍ଲକ ନନ୍ଦିଘୋର, ସମୟ:ସଂଧ୍ୟା ୭ଟା ।
- ବନ୍ଦେ ମାତରଂ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ନୂତନ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ରାୟଗଡା ପଞ୍ଚାୟତ ସମିତି ଚତୁର୍ଦ୍ଦଶ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଜିଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଓ ଛାୟା ସଂସଦ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା ୩୦।
- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା୩୦ ।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଖେଳ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ାସ୍ଥିତ ସରକାରି ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମାଣ୍ଡିଆ ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହ, ସମୟ:ପୂର୍ବାହ୍ନ ୧୦ଟା୩୦।
- ୟୁପିଏଲ୍ ଲିଗ ଅଷ୍ଟମ ସଂସ୍କରଣ ଉଦ୍‌ଘାଟନ,ସ୍ଥାନ: ଉମରକୋଟ ବିଜୁପଟନାୟକ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା ମହାଦେଇଙ୍କ କୋଟଯାତ୍ରା, ସ୍ଥାନ: ଝରିଗାଁ ବ୍ଲକ କୁସୁମି ଗାଁ, ସମୟ: ସନ୍ଧ୍ୟା ୭ଟା।

**କୋରାପୁଟ**
- ସୁନାବେଡ଼ା ପୌରପରିଷଦ ପକ୍ଷରୁ ରାଷ୍ଟ୍ରୀୟ ଗୀତ ଗାନ କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ପୌର ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଳାକାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୦ ଟା।
- ବ୍ଲକସ୍ତରୀୟ ପ୍ରାଣୀମେଳା, ସ୍ଥାନ: ଜୟପୁର ଶୁଭମ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମାଲକାନଗିରି**
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ମାଲକାନଗିରି ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ,ସମୟ: ସକାଳ ୯ଟା।
- ଦ୍ୱାଦଶ ଜିଲାସ୍ତରୀୟ ଦୌଡକୁଦ ଓ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଏମ୍.ଭି-୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପିଏମ୍‌ଶ୍ରୀ ଯୋଜନାରେ ଷ୍ଟୁଡେଣ୍ଟ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ତୃତୀୟ ସହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃକ୍ଲବ ବାଳକ ଓ ପଶ୍ଚିମ ଓଡ଼ିଶାସ୍ତରୀୟ ବାଳିକା କବାଡି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବାଲିବନ୍ଧା ନିକଟ ବ୍ରଜମୋହନ ପାର୍କ, ସମୟ : ସକାଳ ୮ଟା।
- ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ : ସକାଳ ୯ଟା।
- କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଉପଲକ୍ଷେ ଆଧୁନିକ ନୃତ୍ୟ ପ୍ରତିଯୋଗିତା, ସ୍ଥାନ : ହୀରାକୁଦ ଜିଗଜାଗ କ୍ଲବ ପରିସର, ସମୟ : ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

**ବଲାଙ୍ଗୀର**
- ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ୨୦୨୫' କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଗାୟତ୍ରୀ ପରିବାର ପକ୍ଷରୁ ସାମୂହିକ ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ଶକ୍ତିପୀଠ, ସେକ୍ଟର-୨, ସମୟ: ସକାଳ ୭ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗାନର ୧୫ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଗୁଣ୍ଡିଚା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ମା' ତାରିଣୀ ପୀଠରେ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଡିଏଭ ଛକ, ବାସନ୍ତୀ କଲୋନି, ସମୟ: ଅପରାହ୍ନ ୪ଟା।
- ଇନୋଭିଜନ୍ କାର୍ଯ୍ୟକ୍ରମ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ସନ୍ଧ୍ୟା ୬ଟା ୩୦।
- ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ଏନ୍‌ଆଇଟି ବିବିଏ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୮ଟା।

**ସୁନ୍ଦରଗଡ଼**
- ଓଡ଼ିଶା ବାନାଞ୍ଚଳ ଉନ୍ନୟନ ପ୍ରକଳ୍ପ - ୨ୟ ପର୍ଯ୍ୟାୟର ବାର୍ଷିକ ସମୀକ୍ଷା ବୈଠକ, ସ୍ଥାନ: ବିକାଶ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟନୀ ସମାରୋହ, ସ୍ଥାନ:ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ,ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା।
- ଜିଲା ସ୍ତରୀୟ ମାଣ୍ଡିଆ ଦିବସ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା।
- ମୂରଲୀ କ୍ରିଷ୍ଣା ଫାଉଣ୍ଡେସନ,କ୍ରୀଷ୍ଣା ବିକାଶ ସୁପର ସ୍ପେସିଆଲିଟି ହସ୍ପିଟାଲ,ସମ୍ବଲପୁର ଏବଂ ସେବକର ମିଳିତ ସହଯୋଗରେ ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର, ସ୍ଥାନ: ସେବକ କ୍ୟାମ୍ପସ, ରଙ୍ଗିଆମୁଣ୍ଡା, ସମୟ: ସକାଳ ୯ଟାରୁ ପୂର୍ବାହ୍ନ ୧ଟା।
- ତିନି ଦିବସୀୟ ଖୁସି ଏବଂ ରାଜଯୋଗ ଶିବିର,ସ୍ଥାନ:ପ୍ରଭୁ ଉପହାର ରାଜଯୋଗ ଶିକ୍ଷା କେନ୍ଦ୍ର,ଏକତା ନଗର,ସମୟ: ସନ୍ଧ୍ୟା ୫ ଟାରୁ ୭ଟା ପର୍ଯ୍ୟନ୍ତ।

**ବରଗଡ଼**
- ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ଗସ୍ତ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୯ଟା।
- ବନ୍ଦେ ମାତରଂ ୧୫୦ ବର୍ଷ ପୂର୍ତ୍ତି ସମାରୋହ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିଅମ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସ୍କୁଲର ମଡେଲ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ ରାସ ଉତ୍ସବ, ସ୍ଥାନ: ନୂଆପାଲି, ଗାଇସିଲେଟ, ସମୟ: ଅପରାହ୍ନ ୩ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଘେଁସ ବଡ଼ମାଳ, ସୋହେଲା, ସମୟ: ଅପରାହ୍ନ ୩ଟା।
- ବିରାଟ ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଜିଲା ସ୍ତରୀୟ ଶିଶୁ ସୁରଭି ଉଦ୍‌ଘାଟିତ,ସ୍ଥାନ--ଭବାନୀପାଟଣା ସ୍ଥିତ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ,ସ୍ଥାନ:ଭବାନୀପାଟଣା ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ,ସମୟ:ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଖେଳ ମହୋତ୍ସବ, ସ୍ଥାନ: ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା ୪୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ରାମଚରିତ ମାନସ ରାମାୟଣ ପରାୟଣ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ସନ୍ତୋଷୀ ମନ୍ଦିର ରତ୍ନମୁଦ ଓ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଳ ବ୍ଲକ ଚଚରାଭଟା ଗାଁ, ସମୟ: ସକାଳ ୭ଟା ୪୫ ଓ ଅପରାହ୍ନ ୪ଟା।
- ନୂଆପଡ଼ା ଜିଲା ବାରିକ ସମାଜ ମହାସଭା ଓ ଭବନ ଉଦଘାଟନ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ସକାଳ ୮ଟା।

**ବାଲେଶ୍ୱର**
- ବନ୍ଦେ ମାତରମ୍ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ବନ୍ଦେ ମାତରମ୍ ଉତ୍ସବ, ସ୍ଥାନ: ପୋଲିସ ଲାଇନ୍ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା ୪୫।

**ଭଦ୍ରକ**
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରେଲୱେ ପଡ଼ିଆ, ଚରମ୍ପା, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସମୂହ ବନ୍ଦେ ମାତରମ ଗାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବଡ଼ବିଲ ପଞ୍ଚାୟତ ପଡ଼ିଆ, ସାହାରପଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## ରାଜସ୍ଥାନରେ ହେବ ରଶ୍ମିକା-ବିଜୟଙ୍କ ବାହାଘର




ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଯୋଡ଼ି ଅଭିନେତା ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା ଖୁବ୍ ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଖବର ଅନୁଯାୟୀ, ରାଜସ୍ଥାନର ଉଦୟପୁରଠାରେ ୨୦୨୬ ଫେବୃଆରୀ ୨୬ରେ ଦୁହେଁ ବିବାହ କରିବାକୁ ଯୋଜନା କରୁଛନ୍ତି। ଗତ ମାସ (ଅକ୍ଟୋବର)୩ ତାରିଖରେ ବିଜୟଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ କେବଳ ପରିବାର ଏବଂ ବନ୍ଧୁଙ୍କ ଉପସ୍ଥିତିରେ ଏହି ଦୁଇ ତାରକାଙ୍କ ନିର୍ବନ୍ଧ ଗୋପନରେ ହୋଇସାରିଛି। ରଶ୍ମିକା ନିକଟରେ ରିଲିଜ ହୋଇଥିବା ତାଙ୍କ ବଲିଉଡ୍ ଚଳଚ୍ଚିତ୍ର 'ଥମ୍ମା'ର ପ୍ରମୋଶନବେଳେ ତାଙ୍କ ନିର୍ବନ୍ଧ ବିଷୟରେ ପଚରାଯିବାରୁ ଉତ୍ତର ଦେଇଥିଲେ, 'ଏ ବିଷୟରେ ସମସ୍ତେ ଜାଣିଛନ୍ତି।' ତାଙ୍କର ଏହି ମନ୍ତବ୍ୟ ଉକ୍ତ ଖବରକୁ ଆହୁରି ଦୃଢ଼ କରିଛି।ବିଜୟଙ୍କ ନିକଟତମ ସୂତ୍ରରୁ ଜଣାପଡ଼ିଛି, ଆସନ୍ତା ବର୍ଷ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ବିବାହ ସମାରୋହରେ ଉଭୟଙ୍କ ସାଂସ୍କୃତିକ ପୃଷ୍ଠଭୂମିକୁ ପ୍ରତିଫଳିତ କରିବା ପାଇଁ ଦକ୍ଷିଣ ଭାରତୀୟ ଏବଂ ରାଜସ୍ଥାନୀ ରୀତିନୀତିର ସମ୍ମିଶ୍ରଣ ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ, ରଶ୍ମିକା ଓ ବିଜୟଙ୍କୁ ଏକା ପ୍ରକାର ହୀରା ମୁଦି ପିନ୍ଧିଥିବାର ଦେଖାଯିବା ପରେ ଅକ୍ଟୋବରରେ ସେମାନଙ୍କ ନିର୍ବନ୍ଧ ବିଷୟରେ ଗୁଜବ ସୃଷ୍ଟି ହୋଇଥିଲା। ୨୦୧୮ର ସୁପରହିଟ୍ ଫିଲ୍ମ 'ଗୀତା ଗୋବିନ୍ଦମ' ଏବଂ ୨୦୧୯ର 'ଡିଅର୍ କମ୍ରେଡ୍' ଚଳଚ୍ଚିତ୍ରରେ ଏକାଠି କାମ କରିବା ପରେ ଏ ଦୁହିଁ ତାରକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା କୁହାଯାଉଛି।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଣ୍ଟା ଭଙ୍ଗା ହୋଇ ଯେବଣ ଦାରୁ,**
**ପୁଇଁ ହୋଇକରି ଯେଉଁ କଖାରୁ,**
**ଅଣ୍ଟାରେ ବାରୁ -ଏ ତିନିହେଁ ମାରୁ।**

ମଝିରୁ ଭାଙ୍ଗ ବା ଅଙ୍କାବଙ୍କା ହୋଇ ବଢୁଥିବା ଗଛଟି କୌଣସି କାମରେ ଲାଗିପାରି ନ ଥାଏ। ପଚି ଯାଇଥିବା ପାଣିକଖାରୁ ଅଲୋଡ଼ା ହୋଇଥାଏ। ସେହିପରି ପାଣିବୋହୁଥିବା ମହିଳାଙ୍କ ଅଣ୍ଟା କାରୁ ପରି ହେବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଦୃଷ୍ଟେ ଅଛି ତୋର କୋଚିଲା ଫୁଲ;**
**ଭୁଞ୍ଜି ବସି ତୁ କିମ୍ବା ହେଉ ବିକଳ।**

ଯାହା ଭାଗ୍ୟରେ ଯାହା ଥିବ, ସେଇ ଫଳ ହିଁ ସେ ଭୋଗ କରିବ। ସେଥିପାଇଁ ବ୍ୟାକୁଳ ହେବାର କିଛି ମୂଲ୍ୟ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

### ଖସିଥିବା ଯୁଦ୍ଧବିମାନ...

ଏହି ସାମରିକ ଅଭିଯାନରେ ପାକିସ୍ତାନ ଏବଂ ପିଓକେରେ ଶତାଧିକ ଆତଙ୍କବାଦୀଙ୍କୁ ନିପାତ କରି ସେମାନଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଇଥିବା ଶାସକ ଦଳ ନେତା ଓ ସାମରିକ ଅଧିକାରୀମାନେ କହିଥିଲେ। ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ହସ୍ତକ୍ଷେପ କ୍ରମେ ଭାରତ-ପାକିସ୍ତାନ ମଧ୍ୟରେ ଶାନ୍ତି ପାଇଁ ମଧ୍ୟସ୍ଥତା କରିଥିବା ଦାବି କରିଥିଲେ। ଏହା ପରେ ମଧ୍ୟ ସେ ଅନେକ ଥର ଅନୁରୂପ ଦାବି କରିଆସିଛନ୍ତି। ମିଆମିରେ ବୁଧବାର ଆମେରିକୀୟ ବିଜ୍‌ନେସ୍ ଫୋରମ୍‌ରେ ଯୋଗଦେଇ ଟ୍ରମ୍ପ କହିଛନ୍ତି, ସେ ଉଚ୍ଚ ଟାରିଫ୍ ସହ ଟ୍ରେଡ୍ ଡିଲ୍ ରଦ୍ଦ କରିବା ଭୟ ଦେଖାଇବା ପରେ ଯାଇ ୨ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଶାନ୍ତି ପାଇଁ ରାଜି ହୋଇଥିଲେ। ଟ୍ରମ୍ପ ଯେଉଁ ୮ ଯୁଦ୍ଧବିରତିର ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି, ତନ୍ମଧ୍ୟରେ ଭାରତ-ପାକିସ୍ତାନ ଏପିସୋଡ୍ ଅନ୍ତର୍ଭୁକ୍ତ। ଜାନୁଆରୀ ୨୦ରେ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ କୋସୋଭୋ-ସର୍ବିଆ, କଙ୍ଗୋ-ରାୱାଣ୍ଡା, ଇସ୍ରାଏଲ୍-ହମାସ୍ ଓ ଭାରତ-ପାକିସ୍ତାନ ସମେତ ୮ ଯୁଦ୍ଧକୁ ବନ୍ଦ କରାଇଥିବା ସେ କହିବା ସହ ନିଜକୁ ଜଣେ ଗ୍ଲୋବାଲ ପିସ୍‌ମେକର ଭାବେ ଉପସ୍ଥାପନ ଉଦ୍ୟମ କରିଛନ୍ତି।

ଟ୍ରମ୍ପ ଆହୁରି କହିଛନ୍ତି, ସେ ଟାରିଫ୍ କଥା କହିବା ପରେ ଦିଲ୍ଲୀ ଓ ଇସ୍‌ଲାମାବାଦ ଏହି ଚେତାବନୀକୁ ବିରୋଧ କରିଥିଲେ। ସଂଘର୍ଷ ସହ ଟ୍ରେଡ୍ ଡିଲ୍‌ର କୌଣସି ସମ୍ପର୍କ ନାହିଁ ବୋଲି ଦୁଇଦେଶ କହିଥିଲେ। ତେବେ ସେ ପୁଣି ଟାରିଫ୍ ଭୟ ଦେଖାଇବା ପରେ ଭାରତ, ପାକିସ୍ତାନ ସଂଘର୍ଷ ବନ୍ଦ ପାଇଁ ସହମତି ପ୍ରକାଶ କରିଥିବା ଟ୍ରମ୍ପ ଦାବି କରିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନୀ କମାଣ୍ଡରମାନଙ୍କ ଅନୁରୋଧକ୍ରମେ ଦୁଇଦେଶ ମଧ୍ୟରେ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍‌ଓ)ସ୍ତରୀୟ ଆଲୋଚନା ହୋଇଥିବା ଭାରତ କହିଆସୁଛି। ଟ୍ରମ୍ପ ୬୦ ଥର ଏଭଳି ଦାବି କରିଥିବା ନେଇ ଆମେରିକୀୟ ରିପୋର୍ଟଗୁଡ଼ିକରେ ପ୍ରକାଶ ପାଇଛି। ଏନେଇ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଟ୍ରମ୍ପ ୱାଶିଂଟନ୍ ଡିସି, ରିୟାଧ, ଦୋହା, ଲଣ୍ଡନ, ହେଗ୍, ଶର୍ମ-ଅଲ୍-ଶେଖ୍, ଟୋକିଓ ଏବଂ ରାଷ୍ଟ୍ରପତିଙ୍କ ଏୟାରଫୋର୍ସ ୱାନ୍ ବିମାନରେ ଏହି ଦାବି କରିବା ପରେ ଏବେ ମିଆମିରେ ଅନୁରୂପ କଥା କହିଛନ୍ତି। ଏହାକୁ ମିଶାଇ ମେ' ୧୦ ପରଠୁ ସେ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ୫୮ ଥର ଦାବି କରିସାରିଲେଣି।

### ସାଲୁର ଘାଟିରେ...

ଓ ଡ୍ରାଇଭର ସୁଧୀର ହରିଜନ ସୁରକ୍ଷିତଭାବେ ଓହ୍ଲାଇ ପଡ଼ିଥିଲେ। ବସ୍‌ରେ ଥିବା ଅଗ୍ନି ନିର୍ବାପକ ଗ୍ୟାସ୍ ସହାୟତାରେ ନିଆଁକୁ ଆୟତ୍ତ କରାଯିବା ନେଇ ଚେଷ୍ଟା କରାଯାଇଥିଲା। ଏପରିକି ଏହି ରାସ୍ତା ଦେଇ ଯାଉଥିବା ଅନ୍ୟ ଗାଡ଼ିରୁ ମଧ୍ୟ ଗ୍ୟାସ୍ ଆଣି ନିଆଁ ଲିଭାଇବା ପାଇଁ ଚେଷ୍ଟା କରାଯାଇଥିଲା। ତଥାପି ମଧ୍ୟ ନିଆଁକୁ ଲିଭାଯାଇପାରି ନ ଥିଲା। ବସ୍‌ରେ ନିଆଁ ଲାଗିଯାଇଥିବା ଖବରପାଇ ଆନ୍ଧ୍ରର ମାନ୍ୟାମ୍ ପାର୍ବତୀପୁରମ୍ ଜିଲା ଏସ୍‌ପି ମାଧବ ରେଡ୍ଡୀ, ପାଚିପେଣ୍ଟା ଏସ୍‌ଆଇ ଭେଙ୍କଟେଶ୍ୱର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଓଏସ୍‌ଆର୍‌ଟିସିର ବିଜୟନଗରମ୍ ଡିଏମ୍ ରବୀନ୍ଦ୍ର କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଜୟପୁର ଡିଏମ୍ ଈଶ୍ୱର ମହାପାତ୍ର ଦାୟିତ୍ୱରେ ରହିଥିବାରୁ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ସାଲୁର ଅଗ୍ନିଶମ ବିଭାଗ ପୋଲିସ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଅଟକି ରହିଥିବା ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଯବାନଙ୍କ ଗୁଳିରେ...

ଗୁଳି ଚଳାଇଥିଲେ। ଏହାର ପ୍ରତ୍ୟୁତ୍ତରରେ ଯବାନମାନେ ଜଙ୍ଗଲକୁ ଘେରିଯାଇ ପାଲଟା ଆକ୍ରମଣ କରିଥିଲେ। ଯବାନଙ୍କ ଗୁଳିରେ ୩ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଯବାନମାନେ ଫେରିବା ପରେ ନିହତ ୩ ମାଓବାଦୀଙ୍କ ପରିଚୟ ଓ ଅସ୍ତ୍ରଶସ୍ତ୍ର ସମ୍ବନ୍ଧରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି।

### 'ଲୋକଙ୍କୁ ଠକିବା ପାଇଁ...

ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଥିବା ତାଙ୍କର ସେହି ଫଟୋ ୧୮ରୁ ୨୦ ବର୍ଷ ପୂର୍ବେ ଉଠାଯାଇଥିଲା। ତେବେ ଫଟୋକୁ ଭାରତରେ ନିର୍ବାଚନ କିମ୍ବା ଭୋଟ ପାଇଁ ବ୍ୟବହାର କରାଯାଉଥିବା ବିଷୟ ସେ ଜାଣିନାହାନ୍ତି। ସେମାନେ ଲୋକଙ୍କୁ ଠକିବା ପାଇଁ ତାଙ୍କୁ ଭାରତୀୟ ବୋଲି ଦର୍ଶାଇବା ସହ ଫଟୋକୁ ବ୍ୟବହାର କରିଥିବା ଲାରିସା ଅଭିଯୋଗ ଆଣିଛନ୍ତି। ଭାରତରେ ସେ କିପରି ବ୍ରାଜିଲୀୟ ମଡେଲ ପାଲଟିଯାଇଛନ୍ତି ସେନେଇ ଲାରିସା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟାଟସ୍‌ରେ ଉଲ୍ଲେଖ କରିଛନ୍ତି। ଫଟୋଗ୍ରାଫର ମାଥ୍ୟୁସ୍ ଫେରେରୋ ଲାରିସାଙ୍କ ଅନୁମତିକ୍ରମେ ଉକ୍ତ ଫଟୋକୁ ଉଠାଇ ଅନ୍‌ସ୍ପ୍ଲାଶ୍ ଏବଂ ପେକ୍ସେଲ୍ସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ସେଥିରେ ସେ ଶୀର୍ଷକ ରଖିଥିଲେ 'ଓମେନ୍ ୱେରିଙ୍ଗ୍ ବ୍ଲୁ ଡେନିମ୍ ଜ୍ୟାକେଟ'। ୨ ୱେବ୍‌ସାଇଟ୍‌ରୁ ଏହି ଫଟୋକୁ ଅଦ୍ୟାବଧି ୪ ଲକ୍ଷରୁ ଅଧିକ ଥର ଡାଉନ୍‌ଲୋଡ୍ କରାଗଲାଣି। ଫଟୋକୁ ନେଇ ଭାରତରେ ବିବାଦ ସୃଷ୍ଟି ହେବା ପରେ ବ୍ରାଜିଲର ମିନାସ୍ ଗେରାଇସସ୍ଥିତ ବେଲୋ ହୋରିଜୋଣ୍ଟେ ବାସିନ୍ଦା ମାଥ୍ୟୁସ୍ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଡିଲିଟ୍ କରିଦେଇଛନ୍ତି।

ସେହିପରି ଯେଉଁ ଭାରତୀୟ ମହିଳାମାନଙ୍କ ଭୋଟର ପରିଚୟପତ୍ରରେ ଉକ୍ତ ଫଟୋକୁ ବ୍ୟବହାର କରାଯାଇଥିବା ରାହୁଲ ଅଭିଯୋଗ ଆଣିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ମହିଳା ମଧ୍ୟ ସାମ୍ନାକୁ ଆସିଛନ୍ତି। ସମ୍ପୃକ୍ତ ମହିଳାଙ୍କ ନାମ ମୁନେଶ, ବୟସ ୪୩ ବର୍ଷ। ତାଙ୍କ ସ୍ୱାମୀଙ୍କ ନାମ ନରେନ୍ଦ୍ର ସିଂ। ହରିୟାଣାର ସୋନେପଥ୍ ଜିଲା ରାଇ ନିର୍ବାଚନମଣ୍ଡଳୀର ଭୋଟର ମୁନେଶ କହିଛନ୍ତି, ସେ ଭୋଟ ଦେଇ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ବ୍ରାଜିଲର ମହିଳାଙ୍କୁ ସେ ଜାଣନ୍ତି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିଳାସକାରକ ଶୁକ୍ର କୋଣାଧିପତି ରବିଙ୍କ ସହ ଅବସ୍ଥାନକରି ପାରିବାରିକ ଜୀବନକୁ ରସାଣିତ କରିବେ। ବସ୍ତ୍ରଭୂଷଣ ପ୍ରାପ୍ତି , ହସଖୁସିର ବାତାବରଣ ମଧ୍ୟରେ ଦିନଟି ଅତିବାହିତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ ତଥାପି ସେମିତି କିଛି ଅସୁବିଧା ହେବନାହିଁ।

**ବୃଷ** ଶନି ଦୃଷ୍ଟ ଚନ୍ଦ୍ରଜନିତ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଭୁଲ୍ ବୁଝାମଣାବଶତଃ ସହଧର୍ମିଣୀ ମୁହଁ ଫେରାଇନେଇପାରନ୍ତି। ଯାତ୍ରା, ବାଣିଜ୍ୟ, ପରିବହନ ଓ ସାମ୍ବାଦିକତା କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିଲେ ମଧ୍ୟ କୌଣସି ଉପଚାର କରିବା ସହଜସାଧ୍ୟ ନ ହୋଇପାରେ।

**ମିଥୁନ** ରବି ଓ ଶୁକ୍ରଙ୍କ ସମ୍ବନ୍ଧରୁ ଆତ୍ମୀୟସ୍ୱଜନଙ୍କ ଗହଣରେ ଦିନଟି ହସଖୁସିରେ ଅତିବାହିତ ହେବ। ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧିପାଇବା କାରଣରୁ ଚିନ୍ତା ପ୍ରକଟ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟା ସଜାଡ଼ିବାକୁ ଯାଇ ବହୁ ହଇରାଣ ହେବାକୁ ପଡ଼ିପାରେ।

**କର୍କଟ** ଆଜି ଏକାଦଶସ୍ଥ ଚନ୍ଦ୍ର ସମସ୍ତ ଆଶା ଓ ଆକାଂକ୍ଷା ପୂରଣ କରିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ସାମ୍ନାକରି କୃତକାର୍ଯ୍ୟ ହେବେ। ଅନ୍ୟମନସ୍କତାରୁ କେତେକ ଭୁଲ୍ ପାଇଁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟିହେବ। କରଜଦାତାଙ୍କ ଚାପ କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବା ସୂଚନା ରହିଛି।

**ସିଂହ** ଆପଣଙ୍କ ରାଶିରେ କବନ୍ଧଗ୍ରହ ରହିଥିବାରୁ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ନୀରବ ରହିଲେ ଭଲ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ତଥାପି କାମର ଚାପ ବଢ଼ିଯିବ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଗଠନମୂଳକ ପ୍ରସ୍ତାବ ଦେଇ ଖୁସି ହେବେ।

**କନ୍ୟା** ଲାଭ ସ୍ଥାନରେ ଶୁଭଗ୍ରହ ଅର୍ଥଲାଭ କରାଇବା ସହ ସମସ୍ୟା ସମାଧାନ ପାଇଁ ରାସ୍ତା ପରିଷ୍କାର କରିଦେବେ। ଖଳଲୋକଙ୍କ କଥାରେ ପ୍ରଭାବିତ ହେଲେ ପରିବାରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟିହେବ। ନିଜ ପରିସରରେ ପିଲାଙ୍କ ସକାଶେ ଅନ୍ୟ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେବ।

**ତୁଳା** ଉଚ୍ଚସ୍ଥ ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗକରି କାମ ହାତେଇବେ। ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହେବେ। ଅଫିସରେ କିମ୍ବା କର୍ମକ୍ଷେତ୍ରରେ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କହିବା ଦ୍ୱାରା ସମ୍ମାନ ବଢ଼ିବ, କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟିହେବ।

**ବିଛା** ବ୍ୟୟଭାବରେ ଶୁକ୍ର ଏବଂ ଚନ୍ଦ୍ର ଥିବାରୁ ମୂଲ୍ୟବାନ୍ ଜିନିଷ କିଣିବାକୁ ମନ ବଳାଇପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ ହେବନାହିଁ। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, କର୍ମାରମ୍ଭ, ସାହିତ୍ୟରୁ ସୁଫଳ ପାଇବେ। ତଥାପି ମୂଲ୍ୟହୀନ ବ୍ୟସ୍ତତା ଭିତରେ କାର୍ଯ୍ୟ ସାଧନ କରିବାକୁ ପଡ଼ିପାରେ।

**ଧନୁ** ତୃତୀୟଭାବସ୍ଥ ରାହୁଙ୍କ ଶୁଭ ପ୍ରଭାବରେ ପରିସ୍ଥିତି ବଦଳିଯାଇ ସଙ୍କଟମୁକ୍ତ ହେବେ। ଦିନର ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବେ। ସହକର୍ମୀ,ଭାଇଭଉଣୀ,ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍‌କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହୋଇପାରନ୍ତି।

**ମକର** ଆତ୍ମୀୟଙ୍କୁ ସାହାଯ୍ୟ କରିବାକୁ ପ୍ରବର୍ତ୍ତାଇବା ଦିଗରେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅଷ୍ଟମାଧିପତିଙ୍କ ସମ୍ବନ୍ଧରୁ ସହକର୍ମୀଙ୍କ କାମରେ ଅସନ୍ତୁଷ୍ଟ ହେବେ। ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟିହେବା ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**କୁମ୍ଭ** ଭାଗ୍ୟ ସ୍ଥାନରେ ଭାଗ୍ୟାଧିପତି ଅବସ୍ଥାନ କରୁଥିବାରୁ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ସରଳୀକୃତ କରିବେ। ଶନିଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧହେବେ। ଆଶଙ୍କାଜନିତ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସମ୍ପର୍କୀୟଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତ ବୋଧକରିବେ।

**ମୀନ** ଶୁକ୍ରଙ୍କ ପ୍ରଭାବରେ କଳା,ସାହିତ୍ୟ,ସଙ୍ଗୀତ,କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଦୃତ ହୋଇପାରନ୍ତି। ପାରିବେଶିକ ସହାୟତାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି। ସାମାଜିକ ସ୍ତରର ଆନୁଷ୍ଠାନିକ କାମରେ ସତକଥା କହି ପ୍ରଶଂସିତ ହୋଇପାରନ୍ତି।

ଆଜି ନଭେମ୍ବର ୭ ତାରିଖ, ବୈଜ୍ଞାନିକ ସି.ଭି. ରମଣଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଦ୍ୱିତୀୟାଯୁକ୍ତ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୭।୨୪ ଗତେ, ଘ.୦୮।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୬ ଗତେ, ଘ.୧୧।୩୦ ମଧ୍ୟେ ରାହୁ କାଳ।



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଶ୍ରୀ ନିତିନ ଜୟରାମ ଗଡକରୀ**
କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ



# 84th IRC

ANNUAL SESSION OF INDIAN ROADS CONGRESS

7 - 10 Nov, 2025
BHUBANESWAR, ODISHA

# ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ନିର୍ମାଣ

ଭାରତର ରାଜପଥ ଲକ୍ଷ୍ୟ ହାସଲ ଦିଗରେ ରାଷ୍ଟ୍ରୀୟ ସଂଯୋଗର ଅଭିନବ ରୂପରେଖ ପ୍ରସ୍ତୁତ କରିବା ପାଇଁ ବିଶେଷଜ୍ଞ, ଯନ୍ତ୍ରୀ ଏବଂ ନୀତି ପ୍ରଣେତାମାନଙ୍କର ମହାସମ୍ମେଳନର ପ୍ରମୁଖ କେନ୍ଦ୍ରସ୍ଥଳ ହୋଇଛି ଭୁବନେଶ୍ୱର । ଭାରତୀୟ ସଡ଼କ କଂଗ୍ରେସ ୨୦୨୫ର ୮୪ ତମ ବାର୍ଷିକ ଅଧିବେଶନ ଏକ କାର୍ଯ୍ୟକ୍ରମ ନୁହେଁ, ଅଧିକନ୍ତୁ ଉନ୍ନତତର ଜ୍ଞାନକୌଶଳ ଆଧାରିତ ନିରନ୍ତର ପ୍ରୟାସ ଏବଂ ଭବିଷ୍ୟୋନ୍ମୁଖୀ ଭିତ୍ତିଭୂମି ଦିଗରେ ବୈପ୍ଳବିକ ପଦକ୍ଷେପ ।

**ଶୁଭାରମ୍ଭ କରିବେ**

## ଶ୍ରୀ ନିତିନ ଜୟରାମ ଗଡକରୀ

କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ

**ଗରିମାମୟ ଉପସ୍ଥିତି**

## ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ

**୭ ନଭେମ୍ବର ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର**



**ବିଶେଷ ଆକର୍ଷଣ**

- ଉଚ୍ଚ ପ୍ରଭାବଶାଳୀ ଜ୍ଞାନକୌଶଳ ଓ ନୀତି ଅଧିବେଶନ
- ପ୍ରଯୁକ୍ତିବିଜ୍ଞାନ ଉପଯୋଗରେ ଉନ୍ନତ ସଡ଼କ ନିର୍ମାଣ ସମ୍ପର୍କିତ ଉପସ୍ଥାପନା
- ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ଏଜେନ୍ସିମାନଙ୍କ ଅଂଶଗ୍ରହଣ
- ପ୍ରଦର୍ଶନୀ, ସାଂସ୍କୃତିକ ସନ୍ଧ୍ୟା ଏବଂ ଆହୁରି ଅନେକ

**ନିର୍ମାଣ ବିଭାଗ, ଓଡ଼ିଶା ସରକାର**

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଟ୍ରମ୍ପଙ୍କ ଶାସନ



କାର୍ଲା ନୋରଲଫ୍

ଜନ୍ମଗତ ଅଧିକାର ଓ ଆଶୀର୍ବାଦକୁ ନେଇ ରାଜାମାନେ ଶାସନ କରିଥାଆନ୍ତି। ସେମାନେ ମଧ୍ୟ ଭୟ ପ୍ରଦର୍ଶନ କରି ଶାସନ କରନ୍ତି। ଚଳିତ ମାସରେ ଅନେକ ଲକ୍ଷ ଆନ୍ଦୋଳନକାରୀ ଯେତେବେଳେ ରାଜରାସ୍ତାକୁ ଆସି 'ନୋ କିଙ୍ଗ୍ସ ବା କେହି ରାଜା ନୁହନ୍ତି' ବୋଲି କହିଥିଲେ, ସେତେବେଳେ ଡୋନାଲ୍ଡ ଟ୍ରମ୍ପ୍ ନିଜ ରାଜାଭିଷେକର ଏକ ଏଆଇ ସୃଷ୍ଟ ଭିଡିଓ ପୋଷ୍ଟ କରିଥିଲେ। ତା'ପର ଦିନ ସେ ରାଜା ନୁହନ୍ତି ବୋଲି କହିଥିଲେ। ଏଣୁ ସେ ରାଜା ନା ରାଜା ନୁହନ୍ତି? ଯୁବ ପୋଡ୍‌କାଷ୍ଟର ବ୍ରିଲିନ ହଲିହାଣ୍ଡ ଏହି ପ୍ରଶ୍ନର ଉତ୍ତର ରଖିଥିଲେ ଯେ, ଆମେରିକାରେ କେହି ରାଜା ନାହାନ୍ତି। ସେ ମଧ୍ୟ କହିଥିଲେ, ଟ୍ରମ୍ପଙ୍କ ଭିଡିଓ କେବଳ ମଜାଳିଆ ଟ୍ରୋଲିଂ। କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଅତୀତରେ ସମ୍ରାଟ୍‌ମାନଙ୍କ ପାଖରେ ଯେଉଁ ପ୍ରକାର କ୍ଷମତା ଥିଲା, ତାହା ଟ୍ରମ୍ପ୍ ପାଇବା ପାଇଁ ଚେଷ୍ଟା କରୁଛନ୍ତି କି। ଟ୍ରମ୍ପ୍ ବନାମ ଆମେରିକା ମାମଲାରେ ସୁପ୍ରିମକୋର୍ଟ ରାୟ ଦେବା ପରେ ରାଷ୍ଟ୍ରପତିମାନଙ୍କର ମୂଳ ସାମ୍ବିଧାନିକ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ଏବଂ ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ସମ୍ଭାବ୍ୟ ସ୍ୱାଧୀନତା ରହିଛି। ଏହା କେନ୍ଦ୍ରୀକୃତ କାର୍ଯ୍ୟପାଳିକାର କାର୍ଯ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିବା ସହ ଏହାକୁ ଆହୁରି ଜଟିଳ କରିଦେଇଛି। ଏହି ପରିପ୍ରେକ୍ଷୀରେ ରାଜନୀତି ବିଶେଷଜ୍ଞମାନେ କହନ୍ତି, ଟ୍ରମ୍ପ୍ ଜଣେ ରାଜାଙ୍କ ଭଳି ଶାସନ କରୁଛନ୍ତି ଏବଂ ସ୍ୱାଧୀନ ସଂସ୍ଥାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଚାହୁଁଛନ୍ତି। ଏଥିରେ ଏବେ କାର୍ଯ୍ୟରତ କର୍ମଚାରୀଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ତାଙ୍କ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଅବସ୍ଥାପିତ କରୁଛନ୍ତି ଏବଂ ସାଧାରଣ ଭାବେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି।

ଟ୍ରମ୍ପଙ୍କ ସମର୍ଥକଙ୍କ ମତରେ, ଏହିସବୁ କାର୍ଯ୍ୟ ଏକ ଦୃଢ଼ ନିର୍ଣ୍ଣାୟକ ନେତୃତ୍ୱକୁ ପ୍ରତିପାଦିତ କରୁଛି। ଗତ ନିର୍ବାଚନରେ ପପୁଲାର ମେଜରିଟି ହାସଲ କରିବା ପରେ ସେ ଏହା କରିଛନ୍ତି। ଔପଚାରିକ ଭାବେ ଟ୍ରମ୍ପ୍ ରାଜା ନ ହେଲେ ବି ତାଙ୍କ ରଣନୀତି ଅତୀତର ରାଜାମାନଙ୍କର ବିଶେଷକରି ଟୁଡର ସାମ୍ରାଜ୍ୟ ହେନେରି ସପ୍ତମ କ୍ଷମତାକୁ ସ୍ମରଣ କରିଦେଉଛି। ସେ ଶତ୍ରୁମାନଙ୍କୁ ଦୁର୍ବଳ କରି, ବିତ୍ତୀୟ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖି ଏବଂ ସରକାରୀ ପ୍ରକ୍ରିୟାର ପୁନର୍ଗଠନ କରି ନିଜ କ୍ଷମତା ବୃଦ୍ଧି କରିଥିଲେ। ସେହିପରି ଟ୍ରମ୍ପ୍ ପ୍ରଶାସନ ବୈଦେଶିକ ସହାୟତା ପାଣ୍ଠିର ଅନେକ ବିଲିୟନ ଡଲାର ବନ୍ଦ କରି ସମ୍ଭବତଃ କଂଗ୍ରେସର କ୍ଷମତାକୁ କାର୍ଯ୍ୟକାରୀ କରିଛନ୍ତି। ଜଣେ ଫେଡେରାଲ ବିଚାରପତି ସେପ୍ଟେମ୍ବରରେ ପାଣ୍ଠି ଯୋଗାଇ ଦେବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ଅଧିକାଂଶ ପାଣ୍ଠିର ବନ୍ଦକୁ ବିତ୍ତୀୟ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରଖିବାକୁ ଅନୁମତି ଦେଇଥିଲେ। ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ପଦକ୍ଷେପ ଯୁକ୍ତିଯୁକ୍ତ ଏବଂ ଅଯଥା ବ୍ୟୟ ବନ୍ଦ କରିବା ପାଇଁ ଚାହୁଁଥିବା ଏକ ପ୍ରଶାସନକୁ ବିତ୍ତୀୟ ବର୍ଷରେ ଯୋଜନା କରିବା ପାଇଁ ଏହା କରାଯାଇଛି। ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି, ପାଣ୍ଠି ବନ୍ଦ କରିବା ଟ୍ରମ୍ପଙ୍କର ଅନ୍ୟ ଏକ ନିର୍ଣ୍ଣାୟକ ପଦକ୍ଷେପ। ଆଇନ ବଳରେ କଂଗ୍ରେସ ଯେକୌଣସି ନିର୍ଦ୍ଦେଶକୁ ଅସ୍ୱୀକାର କରିପାରିବ। ହେଲେ ତାହା ହେଉନାହିଁ। ପ୍ରଶାସନ ମଧ୍ୟ ପ୍ରମୁଖ ଚାକିରିଗୁଡ଼ିକର ପୁନଃ ବର୍ଗୀକରଣ କରିବା ସହିତ ସିଭିଲ ସର୍ଭିସ ସୁରକ୍ଷା ହ୍ରାସ ଏବଂ କ୍ୟାରିୟର ଏକ୍ସପର୍ଟଙ୍କଠାରୁ ଆରମ୍ଭ କରି ବିଶ୍ୱସ୍ତ ସହଯୋଗୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷମତାରେ ପରିବର୍ତ୍ତନ କରିଛି। ଏଜେନ୍ସି ଲୟରମାନେ ମାର୍ଗଦର୍ଶିକାର ପୁନର୍ଲିଖନ କରୁଛନ୍ତି। ଯେଉଁସବୁ ବିବାଦର ସମାଧାନ ବିଚାର ମାଧ୍ୟମରେ କିମ୍ବା ଇନ୍ସପେକ୍ଟର ଜେନେରାଲଙ୍କ ଦ୍ୱାରା ସମାଧାନ ହେଉଥିଲା, ଏବେ ସରକାରୀ ରିପୋର୍ଟକୁ ବାଦ୍‌ଦେଇ ତାହା ଘରୋଇ ସ୍ତରରେ ହେଉଛି।

ଏକ ଯୋଗ୍ୟ ବ୍ୟବସ୍ଥାର ସବୁଦିଗ ରାଜ ଦରବାର ଭଳି ଚାଲୁଥିବା ସରକାରକୁ ରୋକିବା ଲାଗି ଉଦ୍ଦିଷ୍ଟ। ଯେତେବେଳେ ଅଭିଜ୍ଞ ବୃତ୍ତିଧାରୀଙ୍କୁ ଛାଡ଼ି ସରକାରରେ ବିଶ୍ୱସ୍ତଙ୍କୁ ପ୍ରାଥମିକତା ଦିଆଯାଏ, ସେତେବେଳେ ବିଶେଷଜ୍ଞଙ୍କ ନିଷ୍ପତ୍ତି ବଦଳରେ ତାହା ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ଜଣାପଡ଼େ। ଟ୍ରମ୍ପଙ୍କ ପ୍ରଶାସନରେ ସିନେଟ୍‌ର ସ୍ୱୀକୃତି ଆବଶ୍ୟକ ଥିବା ପଦବୀଗୁଡ଼ିକରେ କାର୍ଯ୍ୟକାରୀ ଅଧିକାରୀଙ୍କୁ ଅଧିକ ନିଯୁକ୍ତ କରାଯାଉଛି। ପୁନର୍ବାର ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି ଯେ, ଏହିସବୁ ପରିବର୍ତ୍ତନ ପ୍ରଶାସନିକ ସ୍ତରରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ସକାଶେ ଉଦ୍ଦିଷ୍ଟ। ଏହା ପ୍ରତିରୋଧକାରୀଙ୍କୁ ହଟାଇବ। ଫଳରେ ନେତାମାନେ ପ୍ରଚାର କରିଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ। କିନ୍ତୁ ଅନ୍ୟମାନେ ଭାବନ୍ତି ଯେ, କ୍ଷମତା ଠୁଳ କରିବାକୁ ବୈଧ କୁହାଗଲେ ମଧ୍ୟ ତାହା ରାଜତନ୍ତ୍ରଠାରୁ ଅଧିକ ବୋଲି ଜଣାପଡ଼େ। ସଂସ୍ଥାଗୁଡ଼ିକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଦେବା, ମତାମତ ଗ୍ରହଣ କରିବା ଏବଂ ସେମାନଙ୍କ ତର୍କ ସଙ୍ଗତ ଆଧାର ସମ୍ପର୍କରେ ଜଣାଇବାର ଧାରାକୁ ସଙ୍କୁଚିତ କରାଯାଉଛି, ଯେମିତିକି ସେମାନେ ସମସ୍ୟାରେ କାମ କରିବାକୁ ବାଧ୍ୟ ହେଉଛନ୍ତି।

ହେନେରି ସପ୍ତମ ଗୁରୁତ୍ୱପର୍ଣ୍ଣ ପଦବୀଗୁଡ଼ିରେ ତାଙ୍କ ବିଶ୍ୱସ୍ତମାନଙ୍କୁ ନିଯୁକ୍ତ କରିଥିଲେ କିମ୍ବା କାର୍ଯ୍ୟାଳୟଗୁଡ଼ିକୁ ମାନ୍ଦା କରିଦେଇଥିଲେ। ସେହିଭଳି ଏବେ ଆମେରିକାର ଇନ୍ସପେକ୍ଟର ଜେନେରାଲ ପଦବୀଗୁଡ଼ିକୁ ଦୀର୍ଘଦିନ ଧରି ପୂରଣ କରାନଯିବାରୁ ତାହା ତଦନ୍ତକୁ ଶିଥିଳ କରିଦେଇଛି। ସୂଚନା ଆଇନଗୁଡ଼ିକ ଅଛି, କିନ୍ତୁ ସୂଚନା ଦେବାରେ ବହୁ ବିଳମ୍ବ ଓ ବ୍ୟାପକ ଭାବେ ଅସ୍ୱୀକାର କରାଯିବା ହେତୁ ଆଇନଗୁଡ଼ିକର ଶକ୍ତି ହ୍ରାସ ପାଉଛି, ଯାହା ଟୁଡର ଶାସନ ସମୟରେ ନ୍ୟାୟିକ ଢାଞ୍ଚାକୁ ସୀମିତ କରାଯିବା ପରମ୍ପରାକୁ ସୂଚିତ କରୁଛି। ଯେତେବେଳେ ସରକାରୀ କାମ ଏକ ଦୁର୍ବଳ କାର୍ଯ୍ୟପାଳିକା ଉପରେ ନିର୍ଭର କରିବା ସହ ମିତ୍ରମାନଙ୍କୁ କ୍ଷମା ଦେଇ ବିରୋଧୀଙ୍କୁ ଦଣ୍ଡିତ କରିବ, ସେତେବେଳେ ଆଇନଗତ କଟକଣାଗୁଡ଼ିକ ନିଶ୍ଚିତ ଭାବେ ଦୁର୍ବଳ ହୋଇଯିବ। ଅଧିକାରଗୁଡ଼ିକର ସୁରକ୍ଷା ଏକ ନିରପେକ୍ଷ ବା ସ୍ୱଚ୍ଛ ଭାବେ ଆଇନର ପ୍ରୟୋଗ ଉପରେ ନିର୍ଭର କରେ। ଯଦି ସମାଲୋଚକଙ୍କ ତୁଳନାରେ ସହଯୋଗୀମାନଙ୍କ ପ୍ରତି ଅଧିକ ଉଦାରଭାବ ପ୍ରଦର୍ଶନ କରାଯାଏ, ତେବେ ଅଧିକାରଗୁଡ଼ିକରେ ସମାନତା ରହିବ ନାହିଁ। ଫଳରେ ବ୍ୟବସାୟ, ଅଣଲାଭକାରୀ ସଂସ୍ଥା ଏବଂ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ବିରୋଧର ସମ୍ମୁଖୀନ ନ ହେବା ପାଇଁ ସେମାନେ ସ୍ଥିତି ସହ ଖାପଖୁଆଇ କାମ କରିପାରନ୍ତି। ଟ୍ରମ୍ପଙ୍କୁ ଅଧିକ କ୍ଷମତା ମିଳିଛି, ହେଲେ ତାଙ୍କର ରାଜାଭିଷେକ ହୋଇନାହିଁ। ଜଣେ ରାଜା ବିନା ନିର୍ବାଚନରେ ଶାସନ, ବିନା ସ୍ୱୀକୃତିରେ ବ୍ୟୟ, କୋର୍ଟଗୁଡ଼ିକୁ ଭାଙ୍ଗିଦେବା ଏବଂ ଉପ-ରାଷ୍ଟ୍ରୀୟ ସରକାରର ଅଧିକାରକୁ ହଟାଇଦେବା ଭଳି କାର୍ଯ୍ୟ କରିପାରିବେ, କିନ୍ତୁ ଜଣେ ରାଷ୍ଟ୍ରପତି ତାହା କରିପାରିବେ ନାହିଁ। ଯେଉଁମାନେ ଟ୍ରମ୍ପଙ୍କ କୌଶଳକୁ ବାଧା ହଟାଇବା ଲାଗି ବୈଧ ଉପାୟ ବୋଲି ମନେକରୁଛନ୍ତି ଏବଂ ଯେଉଁମାନେ ଏହାକୁ ସ୍ୱଚ୍ଛତା ଦୂର କରିବାର ଏକ ରଣନୀତି ବୋଲି ଭାବୁଛନ୍ତି, ସେମାନଙ୍କ ମଧ୍ୟରେ ବିତର୍କ ଜାରି ରହିବ। କିନ୍ତୁ ପ୍ରଶ୍ନ ହେଉଛି ରାଷ୍ଟ୍ରପତି କ'ଣ ଏକମାତ୍ର ପଦବୀ ହୋଇ ରହିବ, ଯେଉଁଠି ସବୁ ଜାତୀୟ ନିଷ୍ପତ୍ତି କରାଯିବ। ଏହା କରାଯିବାକୁ ଚେଷ୍ଟା କରାଯାଉଛି, ଯାହା ଏବେ ବଜେଟ, ନିଯୁକ୍ତି ଏବଂ ଅନେକ ସିଭିଲ ପ୍ରଶାସନ ପ୍ରକ୍ରିୟାରେ ପ୍ରକାଶ ପାଇଛି।

**ରାଜନୀତି ବିଜ୍ଞାନ ପ୍ରାଧାପକ, ଟରଣ୍ଟୋ ବିଶ୍ୱବିଦ୍ୟାଳୟ**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | 5 | | | | 8 | 9 | |
| | | | | | | 3 | | 4 |
| | | | 7 | | 8 | | | |
| | | 2 | | 6 | | | 5 | 9 |
| | | 9 | 5 | | | | | 6 |
| | | 6 | | | | | | |
| 4 | | | 6 | | 3 | | | 7 |
| | 9 | 8 | | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 8 | 5 | 4 | 3 | 9 | 1 | 7 |
| 3 | 7 | 5 | 1 | 6 | 9 | 2 | 4 | 8 |
| 9 | 1 | 4 | 7 | 2 | 8 | 6 | 3 | 5 |
| 2 | 3 | 7 | 6 | 1 | 4 | 8 | 5 | 9 |
| 4 | 6 | 1 | 8 | 9 | 5 | 7 | 2 | 3 |
| 5 | 8 | 9 | 3 | 7 | 2 | 1 | 6 | 4 |
| 8 | 9 | 6 | 4 | 5 | 1 | 3 | 7 | 2 |
| 7 | 5 | 2 | 9 | 3 | 6 | 4 | 8 | 1 |
| 1 | 4 | 3 | 2 | 8 | 7 | 5 | 9 | 6 |

ଗତକାଲିର ଉତ୍ତର

# 'ବନ୍ଦେ ମାତରମ୍': ସାଂସ୍କୃତିକ ରାଷ୍ଟ୍ରବାଦର ପ୍ରଥମ ଉଦ୍‌ଘୋଷଣା



ଅମିତ ଶାହ
କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ

ଆମ ଦେଶର ଇତିହାସରେ ବେଳେବେଳେ ଏଭଳି କିଛି ବିଶେଷ ଅବସର ଆସିଛି, ଯେତେବେଳେ ଗୀତ ଏବଂ କଳାତ୍ମକ କାର୍ଯ୍ୟ ଭିନ୍ନ ଭିନ୍ନ ରୂପେ ଲୋକମାନଙ୍କ ଭାବନାକୁ ପ୍ରଭାବିତ କରି ଆନ୍ଦୋଳନର ସ୍ୱରୂପ ପ୍ରଦାନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତାହା ଛତ୍ରପତି ଶିବାଜୀ ମହାରାଜଜୀଙ୍କ ସେନାର ଯୁଦ୍ଧ ଗୀତ ହୋଇଥାଉ, ଅଥବା ସ୍ୱାଧୀନତା ଆନ୍ଦୋଳନ ସମୟରେ ସଂଗ୍ରାମୀମାନଙ୍କ ଦ୍ୱାରା ବୋଲାଯାଉଥିବା ଗୀତ ହୋଇଥାଉ କିମ୍ବା ଆପାତକାଳୀନ ସ୍ଥିତି ଜାରି ହୋଇଥିବାବେଳେ ଏହା ବିରୁଦ୍ଧରେ ଦେଶର ଯୁବଗୋଷ୍ଠୀଙ୍କ ସାମୂହିକ ଗାନ ହୋଇଥାଉ ଏହିସବୁ ଗୀତ ଭାରତୀୟ ସମାଜର ସ୍ୱାଭିମାନକୁ ପ୍ରେରଣାରେ ଭରି ଦେଇଛି ଏବଂ ସେମାନଙ୍କୁ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାର ସୁଯୋଗ ପ୍ରଦାନ କରିଛି।

ଅନୁରୂପ ଭାବରେ ଭାରତର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍', ଯାହାର ଇତିହାସ କେବଳ ଯୁଦ୍ଧଭୂମି ନୁହେଁ, ବରଂ ଜଣେ ବିଦ୍ୱାନ୍ ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପ୍ରଶାନ୍ତ କିନ୍ତୁ ବଜ୍ର ସଂକଳ୍ପରୁ ହିଁ ଆରମ୍ଭ ହୋଇଥିଲା। ୧୮୭୫ ମସିହାରେ, ଜଗଦ୍ଧାତ୍ରୀ ପୂଜା (କାର୍ତ୍ତିକ ଶୁକ୍ଳ ନବମୀ ଅବା ଯାହାକୁ ଅକ୍ଷୟ ନବମୀ ବୋଲି କୁହାଯାଇଥାଏ) ଦିନ, ସେ ଏହି ସ୍ତୋତ୍ର ରଚନା କରିଥିଲେ; ଯାହା ଭାରତୀୟ ସ୍ୱାଧୀନତାର ଶାଶ୍ୱତ ସଙ୍ଗୀତରେ ପରିଣତ ହୋଇଥିଲା। ଏହି ପବିତ୍ର ଶବ୍ଦାବଳୀକୁ ରଚନା କରିବା ଲାଗି ସେ ଭାରତର ଗଭୀରତମ ସଭ୍ୟତାଗତ ମୂଳ ଆଧାରରୁ ପ୍ରେରଣା ଲାଭ କରିଥିଲେ। ଅଥର୍ବ ବେଦର ବଜ୍ର ଉଦ୍‌ଘୋଷଣା 'ମାତା ଭୂମିଃ ପୁତ୍ରୋ ଅହଂ ପୃଥିବ୍ୟାଃ'ଠାରୁ ନେଇ ଦେବୀ ମାହାତ୍ମ୍ୟ ପର୍ଯ୍ୟନ୍ତ ସବୁଥିରେ ଥିବା ବିଶ୍ୱମାତାଙ୍କ ଆହ୍ୱାନରୁ ସେ ଏହି ପ୍ରେରଣା ଲାଭ କରିଥିଲେ।

ବଙ୍କିମ୍‌ଚନ୍ଦ୍ରଙ୍କର ଏହି ମହାନ୍ ମନ୍ତ୍ର, ପ୍ରାର୍ଥନା ମଧ୍ୟ ଥିଲା ଏବଂ ଦେଶ ତଥା ଦେଶବାସୀଙ୍କ ପାଇଁ ଭବିଷ୍ୟବାଣୀ ମଧ୍ୟ ଥିଲା। 'ବନ୍ଦେ ମାତରମ୍' କେବଳ ଭାରତର ରାଷ୍ଟ୍ରୀୟ ଗୀତ ନୁହେଁ, କେବଳ ସ୍ୱାଧୀନତା ଆନ୍ଦୋଳନର ପ୍ରାଣଶକ୍ତି ନୁହେଁ, ବରଂ ଏହା ବଙ୍କିମ୍‌ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଥିଲା ପ୍ରଥମ ଉଦ୍‌ଘୋଷଣା, ଅର୍ଥାତ୍ ଆଦ୍ୟ ଓଁକାର। ଏହା ଆମକୁ ସ୍ମରଣ କରାଇ ଦେଇଥିଲା ଯେ, ଭାରତ କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଏକ ଭୂ-ସାଂସ୍କୃତିକ ରାଷ୍ଟ୍ର ମଧ୍ୟ; ଯାହାର ଏକତା ଏହାର ସଂସ୍କୃତି ଏବଂ ସଭ୍ୟତାଠାରୁ ହିଁ ଉଦ୍ଭବ ଏବଂ ସେହି ଉତ୍ସରୁ ତାହା ଜନ୍ମ ନେଇଛି। ଏହା କେବଳ ଭୂ-ଭାଗ ନୁହେଁ, ବରଂ ଏକ ତୀର୍ଥ ଅଟେ। ସ୍ମୃତି, ତ୍ୟାଗ, ଶୌର୍ଯ୍ୟ ଏବଂ ମାତୃତ୍ୱ ସହିତ ବାନ୍ଧିହୋଇ ରହିଥିବା ଏକ ପବିତ୍ର ଭୂମି ଅଟେ।

ମହର୍ଷି ଅରବିନ୍ଦ ମଧ୍ୟ ଯେପରି ବର୍ଣ୍ଣନା କରିଥିଲେ, ବଙ୍କିମ୍‌ଚନ୍ଦ୍ର ଆଧୁନିକ ଭାରତର ଜଣେ ମହାନ୍ ଋଷି ଥିଲେ, ଯିଏ ନିଜର ଶବ୍ଦ ସାଧନା ମାଧ୍ୟମରେ ରାଷ୍ଟ୍ରର ଆତ୍ମାକୁ ପୁନର୍ଜୀବିତ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ 'ଆନନ୍ଦମଠ' କେବଳ ଖଣ୍ଡିଏ ସାଧାରଣ ଉପନ୍ୟାସ ନ ଥିଲା ବରଂ ଗଦ୍ୟରେ ଲିଖିତ ଏକ ମହାନ୍ ମନ୍ତ୍ର ଥିଲା। ଏହା ଏଭଳି ଏକ ରାଷ୍ଟ୍ରକୁ ଜାଗ୍ରତ କରିଥିଲା, ଯାହା ମନରୁ ନିଜର ଦିବ୍ୟ ଶକ୍ତିର ବିସ୍ମରଣ ଘଟିସାରିଥିଲା। ନିଜର ଏକ ପତ୍ରରେ, ବଙ୍କିମ୍ ବାବୁ ଉଲ୍ଲେଖ କରିଥିଲେ: "ମୋର କୌଣସି ଆପତ୍ତି ନାହିଁ, ଯଦି ମୋର ସମସ୍ତ ରଚନାକୁ ଗଙ୍ଗାଜଳରେ ବିସର୍ଜନ କରିଦିଆଯାଏ। କାରଣ ଏହି ଗୋଟିଏ ଶ୍ଳୋକ ହିଁ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ। ଏହା ଏକ ମହାନ୍ ସଙ୍ଗୀତ ହେବ ଏବଂ ଲୋକମାନଙ୍କ ହୃଦୟକୁ ଅବଶ୍ୟ ଜିଣିପାରିବ।" ଏହି ଶବ୍ଦାବଳୀ ଭବିଷ୍ୟତର ସୂଚନା ବହନ କରୁଥିଲା। ଔପନିବେଶିକ ଭାରତର ସବୁଠାରୁ ଅନ୍ଧକାରମୟ କାଳଖଣ୍ଡରେ ଲେଖାଯାଇଥିବା 'ବନ୍ଦେ ମାତରମ୍' ଜାଗରଣର ପ୍ରଭାତୀ ସଙ୍ଗୀତରେ ପରିଣତ ହୋଇଥିଲା। ଏହା ଏପରି ଏକ ଭଜନ, ଯାହା 'ସାଂସ୍କୃତିକ ରାଷ୍ଟ୍ରବାଦ'କୁ ସଭ୍ୟତାଗତ ଗୌରବ ସହିତ ସଂଯୋଗ କରିଦେଇଥିଲା। ଏଥିରେ ଥିବା ପଂକ୍ତିମାନ କେବଳ ସେହି ବ୍ୟକ୍ତି ଲେଖିପାରିବ, ଯାହାର ପ୍ରତିଟି ଲୋମକୂପରେ ରାଷ୍ଟ୍ର ପ୍ରତି ଅଖଣ୍ଡ ଭକ୍ତିଭାବ ଭରପୂର ହୋଇ ରହିଥିବ।

୧୮୯୬ ମସିହାରେ, ରବୀନ୍ଦ୍ରନାଥ ଟାଗୋର 'ବନ୍ଦେ ମାତରମ୍'କୁ ସ୍ୱର ଦେଇ ସଜାଇଥିଲେ ଏବଂ କୋଲକାତା କଂଗ୍ରେସ ଅଧିବେଶନରେ ଏହାକୁ ଗାନ କରିଥିଲେ, ଯାହା ଫଳରେ ଏହି ବାଣୀ ଅମରତ୍ୱ ପ୍ରାପ୍ତ ହୋଇଥିଲା। ଏହି ଗୀତ ଭାଷା ଏବଂ କ୍ଷେତ୍ରର ସୀମାକୁ ଅତିକ୍ରମ କରି ଆଗକୁ ବଢ଼ିବା ସହିତ ସମଗ୍ର ଦେଶରେ ଗୁଞ୍ଜରିତ ହୋଇଉଠିଥିଲା। ତାମିଲନା ସୁବ୍ରମଣ୍ୟମ୍ ଭାରତୀଜୀ ଏହାକୁ ତାମିଲରେ ଅନୁବାଦ କରିଥିଲେ ଏବଂ ପଞ୍ଜାବରେ କ୍ରାନ୍ତିକାରୀମାନେ ଏହି ଗୀତକୁ ଗାଇ ଗାଇ ବ୍ରିଟିଶ୍ ଶାସନକୁ ଖୋଲାଖୋଲି ଭାବରେ ଚ୍ୟାଲେଞ୍ଜ କରିଥିଲେ।

୧୯୦୫ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନ ସମୟରେ, ବଙ୍ଗଳାରେ ବିଦ୍ରୋହର ଅଗ୍ନି ଦାବାନଳ ପରି ଚାରିଆଡ଼େ ପ୍ରସାରିତ ହୋଇଥିଲା। ଇଂରେଜ ସରକାର 'ବନ୍ଦେ ମାତରମ୍' ସଙ୍ଗୀତର ସାର୍ବଜନୀନ ଗାନ ଉପରେ କଠୋର ପ୍ରତିବନ୍ଧ ଲଗାଇ ଦେଇଥିଲେ। ଏହାବ୍ୟତୀତ ୧୪ ଏପ୍ରିଲ ୧୯୦୬ ତାରିଖ ଦିନ ବରିସାଲରେ, ହଜାର ହଜାର ସଂଖ୍ୟକ ଲୋକ ସରକାରଙ୍କ ଏହି ଆଦେଶକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯେତେବେଳେ ପୋଲିସ ସେଠାରେ ଆୟୋଜିତ ଏକ ଶାନ୍ତିପୂର୍ଣ୍ଣ ଜନସଭା ଉପରେ ଲାଠିପ୍ରହାର ଆରମ୍ଭ କରିଥିଲା, ସେଠାରେ ଉପସ୍ଥିତ ପୁରୁଷ ଏବଂ ମହିଳାମାନେ ସେଥିରେ ଲହୁଲୁହାଣ ହୋଇଥିଲେ ସତ, କିନ୍ତୁ ସେମାନଙ୍କ ତୁଣ୍ଡରୁ 'ବନ୍ଦେ ମାତରମ୍' ସ୍ୱର କଦାପି ଲିଭି ନ ଥିଲା।

ସେହିଠାରୁ 'ବନ୍ଦେ ମାତରମ୍'ର ମନ୍ତ୍ର, ଗଦର ପାର୍ଟିର କ୍ରାନ୍ତିକାରୀମାନଙ୍କ ସହିତ କାଲିଫର୍ନିଆ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଆଜାଦ୍ ହିନ୍ଦ୍ ଫଉଜର ସୈନିକମାନଙ୍କ ତୁଣ୍ଡରେ ଗୁଞ୍ଜରି ଉଠିଥିଲା। ଯେତେବେଳେ ନେତାଜୀଙ୍କ ଫଉଜ ସିଙ୍ଗାପୁରରେ ମାର୍ଚ୍ଚ କରୁଥିଲେ ଏବଂ ୧୯୪୬ ମସିହାରେ ରୟାଲ ଇଣ୍ଡିଆନ୍ ନେଭି ଭିତରେ ବିଦ୍ରୋହର ବହ୍ନି କୁହୁଳୁଥିଲା, ସେତେବେଳେ ଭାରତୀୟ ନାବିକମାନେ ବ୍ରିଟିଶ୍ ଯୁଦ୍ଧପୋତମାନଙ୍କରେ ତ୍ରିରଙ୍ଗା ଉଡ଼ାଇଥିଲେ। ଖୁଦିରାମ ବୋଷଙ୍କଠାରୁ ଆରମ୍ଭ କରି ଅସ୍‌ଫାକଉଲ୍ଲା ଖାନ୍‌ଙ୍କ ପର୍ଯ୍ୟନ୍ତ, ଚନ୍ଦ୍ରଶେଖର ଆଜାଦ୍‌ଙ୍କଠାରୁ ଆରମ୍ଭ କରି ତିରୁପୁର କୁମାରନ୍‌ଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ତୁଣ୍ଡରେ କେବଳ ସେହି ଗୋଟିଏ ନାରା ହିଁ ଶୁଣିବାକୁ ମିଳୁଥିଲା। ଏହା ସେତେବେଳକୁ ଆଉ କେବଳ ଗୋଟିଏ ଗୀତ ହୋଇ ରହି ନ ଥିଲା, ତାହା ଭାରତର ସାମୂହିକ ଆତ୍ମାର ସ୍ୱରରେ ପରିଣତ ହୋଇ ସାରିଥିଲା। ମହାତ୍ମା ଗାନ୍ଧୀ ସ୍ୱୟଂ ଏକଥା ସ୍ପଷ୍ଟ ସ୍ୱରରେ ସ୍ୱୀକାର କରିଥିଲେ, 'ବନ୍ଦେ ମାତରମ୍' ସଙ୍ଗୀତରେ "ସବୁଠାରୁ ଶୀତଳ ରକ୍ତକୁ ମଧ୍ୟ ଉଷ୍ମ କରିବାର ଯାଦୁକରୀ ଶକ୍ତି ଭରି ରହିଥିଲା"। ଏହା ଉଦାରବାଦୀଙ୍କଠାରୁ ନେଇ କ୍ରାନ୍ତିକାରୀ ତଥା ବିଦ୍ୱାନ୍‌ମାନଙ୍କଠାରୁ ନାବିକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକଜୁଟ କରିପାରିଥିଲା। ମହର୍ଷି ଅରବିନ୍ଦ ସେଥିପାଇଁ କହିଥିଲେ, ଏହା "ଭାରତର ପୁନର୍ଜନ୍ମର ମନ୍ତ୍ର ଅଟେ।"

ଅକ୍ଟୋବର ୨୬ ତାରିଖ ଦିନ 'ମନ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ବନ୍ଦେ ମାତରମ୍' ଗୀତର ଏହି ମହାନ୍ ଇତିହାସ ସମ୍ପର୍କରେ ଦେଶବାସୀମାନଙ୍କୁ ପୁଣି ଥରେ ସ୍ମରଣ କରାଇ ଦେଇଥିଲେ ଏବଂ ଏହି ରାଷ୍ଟ୍ର ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ହେବା ଉପଲକ୍ଷେ ୭ ନଭେମ୍ବରଠାରୁ ଭାରତ ସରକାରଙ୍କ ତରଫରୁ ଆଗାମୀ ଏକ ବର୍ଷ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଥିବା କଥା ସୂଚାଇଥିଲେ। ଏହି ସମୟରେ ଦେଶବ୍ୟାପୀ 'ବନ୍ଦେ ମାରତମ୍'ର ସମ୍ପୂର୍ଣ୍ଣ ଗାନ କରାଯିବ, ଯାହା ଫଳରେ ଦେଶର ଯୁବ ପିଢ଼ି 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଚିନ୍ତାଧାରାକୁ ଆତ୍ମିକ ଭାବରେ ଅନୁଭବ କରିପାରିବେ।

ଆଜି ଯେତେବେଳେ ଆମେ ଭାରତ ପର୍ବ ପାଳନ କରୁଛୁ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ସ୍ମରଣ କରୁଛୁ, ସେତେବେଳେ ଏକଥା ମଧ୍ୟ ସ୍ମରଣକରୁଛୁ ଯେ ସର୍ଦ୍ଦାର ସାହେବ କିପରି 'ଏକ ଭାରତ'ର ନିର୍ମାଣ କରି 'ବନ୍ଦେ ମାତରମ୍'ର ଭାବନାକୁ ହିଁ ଶାଶ୍ୱତ ରୂପ ପ୍ରଦାନ କରିଥିଲେ। ଏହି ସଙ୍ଗୀତ କେବଳ ଅତୀତର ସ୍ମରଣମାତ୍ର ନୁହେଁ, ବରଂ ଭବିଷ୍ୟତ ନିମନ୍ତେ ଏକ ବଜ୍ର ଆହ୍ୱାନ ମଧ୍ୟ। 'ବନ୍ଦେ ମାତରମ୍' ଆଜି ମଧ୍ୟ ବିକଶିତ ଭାରତ ୨୦୪୭ର ଆମର ସଂକଳ୍ପକୁ ପ୍ରେରଣା ଯୋଗାଉଛି। ଏହା ଭାରତର ସଭ୍ୟତାଗତର ଆତ୍ମବିଶ୍ୱାସର ପ୍ରତୀକ ମଧ୍ୟ। ଆଜି ଏହି ଭାବନାକୁ ଆତ୍ମନିର୍ଭର ଏବଂ ଶ୍ରେଷ୍ଠ ଭାରତରେ ପରିବର୍ତ୍ତନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଏବଂ ଦାୟିତ୍ୱ।

'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମର ଗୀତ, ଅତୁଟ ସଂକଳ୍ପର ଭାବନା ଏବଂ ଭାରତ ଜାଗରଣର ପ୍ରଥମ ମନ୍ତ୍ର ମଧ୍ୟ। ରାଷ୍ଟ୍ରର ଆତ୍ମାରୁ ଜନ୍ମିଥିବା ଶବ୍ଦ କଦାପି ଶେଷ ହୋଇ ନ ଥାଏ। ତାହା ସର୍ବଦୈବ ଜୀବନ୍ତ ରହିଥାଏ, ପିଢ଼ି ପିଢ଼ି ପର୍ଯ୍ୟନ୍ତ ଗୁଞ୍ଜରିତ ହୋଇଥାଏ। ଏହି ଜୟଘୋଷ ଅନନ୍ତକାଳ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୋଇ ଚାଲିଥିବ। ଏବେ ସମୟ ଆସିଛି, ଆମେ ନିଜର ଇତିହାସ, ନିଜର ସଂସ୍କୃତି, ନିଜର ମାନ୍ୟତାଗୁଡ଼ିକୁ ଏବଂ ନିଜର ପରମ୍ପରାକୁ ଭାରତୀୟତା ଦୃଷ୍ଟିରେ ଦେଖିବା।

**ବନ୍ଦେ ମାତରମ୍!**

# ଦେବତ୍ୱର ସନ୍ଧାନ



ମୀରା ବେଉରା

ପୃଥିବୀରେ ଯେତେ ପ୍ରାଣୀ ଅଛନ୍ତି ସବୁଠାରୁ ଅସହାୟ, ଅସନ୍ତୁଷ୍ଟ ଓ ବିଷାଦଗ୍ରସ୍ତ ପ୍ରାଣୀ ହେଉଛି ମଣିଷ, ଯିଏ ନିଜେ ପାଇଥିବା ସମସ୍ତ ଐଶ୍ୱର୍ଯ୍ୟରେ ଖୁସି ନ ହୋଇ ଆହୁରି କିଛି ପାଇବା ପାଇଁ ଲାଳାୟିତ ହୁଏ। ସେହି ମଣିଷ ନିଜର ଆରାମପ୍ରଦ ଜୀବନ ପାଇଁ ଯେତେ ଯେତେ ଯନ୍ତ୍ର ଆବିଷ୍କାର କରୁଛି ଠିକ୍ ସେତିକି ସେତିକି ଦୁଃଖ ନିମନ୍ତ୍ରଣ କରୁଛି। ଏହି ଯନ୍ତ୍ରଗୁଡ଼ିକ ତା'ର ମସ୍ତିଷ୍କକୁ ଏଭଳି ବାନ୍ଧି ଦେଉଛି ଯେ ସେ ଚେଷ୍ଟା କଲେ ବି ତା'ଠାରୁ ମୁକୁଳି ପାରୁନାହିଁ। ପ୍ରାକୃତିକ ପରିବେଶଠାରୁ ନିଜକୁ ଦୂରେଇ ନେଇ ଗୋଟିଏ କୃତ୍ରିମ ଖୁସି ପାଇବା ପାଇଁ ଯେମିତି ପ୍ରତିଶ୍ରୁତିବଦ୍ଧ ହୋଇ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଛି। ବେଳେବେଳେ ନିରାଶ ହୋଇ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉ ନାହିଁ।

ପ୍ରାଗୈତିହାସିକ ଯୁଗ ଆଉ ଆଜିର ଯୁଗ ମଧ୍ୟରେ ଆକାଶ ପାତାଳ ଫରକ। ଆଜିର ମଣିଷ ଆଉ ପାହାଡ଼ ଗୁମ୍ଫାରେ ରହୁନି କି ପୋଡ଼ା ମାଂସ ଓ ବଣରୁ ଫଳମୂଳ ସଂଗ୍ରହ କରି ଖାଉନି। ସେ ବେଶ୍ ସଭ୍ୟ ଶିକ୍ଷିତ ହୋଇ ନିଜକୁ ରୋଗ ମୁକ୍ତ କରିବା ପାଇଁ ଅନେକ ଔଷଧ ଆବିଷ୍କାର କରିସାରିଲାଣି। ସବୁ ଖୁସି ଆଜି ତା'ହାତ ପାଆନ୍ତାରେ। ଏମିତିକି ପୃଥିବୀର ପ୍ରତିଟି କୋଣର ଖବର ଏବେ ସେଇ ହାତମୁଠାରେ ଥିବା ଛୋଟିଆ ଯନ୍ତ୍ରରେ।

ଖାଲି ସେତିକି ନୁହେଁ ଆଖିପିଛୁଳାକେ ଜୋମାଟୋରୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ମଗାଇ ଖାଇ ପାରୁଛି। ପ୍ରାକୃତିକ ପରିବେଶଭରା ନଦୀ, ସମୁଦ୍ର, ପାହାଡ଼ ଘେରା ଜଙ୍ଗଲ ତାକୁ ଭଲ ଲାଗୁନି। ଗୋଟିଏ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଛି, ସବୁ ଥାଇ ମଧ୍ୟ ଆଜିର ମଣିଷ ଉଦାସ ଭାବ କାହିଁକି ଅନୁଭବ କରୁଛି। ଅସୁବିଧା କେଉଁଠି? ବେଳେବେଳେ ଏମିତି ସମୟ ଆସୁଛି ମଣିଷ ନିଃସଙ୍ଗ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛି। ପରିବାରରେ ଏକାଠି ରହୁଥିବା ସଦସ୍ୟମାନଙ୍କ ପାଖରେ ନିଜର ସୁଖ ଦୁଃଖ ବାଣ୍ଟିବା ପାଇଁ ସମୟ ନାହିଁ।

ଥରେ ବୈଜ୍ଞାନିକ ଆଇନଷ୍ଟାଇନ କହୁଥିଲେ, ସେ ସମୟ ପୁଣି ଆସିବ ଯେଉଁଦିନ ଏଇ ମଣିଷମାନେ ଇଟା ପଥରରେ ପୁଣି ଯୁଦ୍ଧ କରିବେ। ଆଜି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଆଇ)ଆବିଷ୍କାର ବଳରେ ମଣିଷ ଯେ କେଉଁଠି ପହଞ୍ଚିଛି ତାହା କଳନା କରିହେବ ନାହିଁ। ଖାଲି ସେତିକି ନୁହେଁ କୃତ୍ରିମ ମାନବ ଆଲେକ୍ସା ମଧ୍ୟ ତିଆରି କରିପାରିଛି ଏ ମଣିଷ। ଏହା ଚିକିତ୍ସା କ୍ଷେତ୍ରରୁ ଆରମ୍ଭ କରି, ଶିକ୍ଷା, ଗମନାଗମନ, ଗୃହ କାର୍ଯ୍ୟ ଆଦିରେ ନିଜର ପାରଦର୍ଶିତା ଦେଖାଇ ପାରିଛି। ଆଜି ରୋବୋଟିକ ଅପରେଶନ ଆରମ୍ଭ ହେବାକୁ ଯାଉଛି। ଫରକ କେବଳ ଏତିକି ଏହି ଯନ୍ତ୍ରମଣିଷର ଜୀବନ ନାହିଁ। ନିୟନ୍ତ୍ରଣ ମଣିଷ ହାତରେ ରହିବ କିନ୍ତୁ ସବୁ ଯନ୍ତ୍ରମଣିଷ କରିବ। ପ୍ରାକୃତିକ ବିପର୍ଯ୍ୟୟ ବା ସାଇବର ସିକ୍ୟୁରିଟି, ପ୍ରତ୍ୟେକ କାର୍ଯ୍ୟ ସଫଳତାର ସହ ଏହି ଏଆଇ ଯନ୍ତ୍ର କରିପାରିବ। ଯଦି ଏହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ ଆରମ୍ଭ କରିଦେବ ତେବେ ଭାରତ ଭଳି ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷକ, ଡାକ୍ତର, ପୋଲିସ ଓ ଗବେଷକଙ୍କର ଆଉ କ'ଣ ବା ଆବଶ୍ୟକତା ରହିବ। ବରଂ ନିଯୁକ୍ତି ଓ ବେରୋଜଗାର ସମସ୍ୟା ଉତ୍କଟ ହେବ। ଏହା ମଧ୍ୟ ସାମାଜିକ ଅସନ୍ତୁଳନ ସୃଷ୍ଟି କରିବ। ଏମିତି ଦିନ ନ ଆସୁ ମଣିଷ ନିଜର ଧ୍ୱଂସ ହେବାର ସମୟକୁ ଆମନ୍ତ୍ରଣ ନ କରୁ। ଯେଉଁ ପରମାଣୁ ବୋମା ମଣିଷ ନିଜର ସୁରକ୍ଷା ପାଇଁ ତିଆରି କରିଥିଲା ସେହି ପରମାଣୁ ବୋମା ଏ ସୁନ୍ଦର ପୃଥିବୀକୁ ଧ୍ୱଂସସ୍ତୂପରେ ପରିଣତ କରିଦେବ।



ଏ କଥା ସତ୍ୟ ଯେ ମଣିଷର ସୂକ୍ଷ୍ମ ଚିନ୍ତା, ଚେତନା ଶକ୍ତି, ଭାବନା ଓ ସୃଜନଶୀଳତାକୁ ଏଆଇ ଟପି ଯାଇ ପାରିବ ନାହିଁ।

ଏତିକି କୁହାଯାଇପାରେ ମଣିଷ ନିଜ ମସ୍ତିଷ୍କକୁ ନୁହେଁ ବରଂ ହୃଦୟକୁ ଖଟାଇ ଅନେକ କର୍ଯ୍ୟକରିପାରେ। ମଣିଷ ଭିତରେ ଯେଉଁ ସାତ୍ତ୍ୱିକ ଦିବ୍ୟଗୁଣ ଈଶ୍ୱର ଦେଇଛନ୍ତି ତାହା ନିଶ୍ଚିତ ଦୁର୍ଲଭ। ପ୍ରଯୁକ୍ତି ବିଦ୍ୟା ଅପବିଦ୍ୟାରେ ପରିଣତ ନ ହେଉ। ପୃଥିବୀର ସବୁଠାରୁ ସରଳ, ସ୍ୱଚ୍ଛ ନିଷ୍କପଟ, ସୁନ୍ଦର ପ୍ରାଣୀ ଏ ମଣିଷ ଯଦି ଏଆଇ ମାୟାରେ ନ ପଡ଼ି ନିଜର ସୁରକ୍ଷାକୁ ନିଜ ହାତମୁଠାରେ ରଖିବ ତେବେ ସେ ସୁରକ୍ଷିତ ହେବା ସହ ଏକ ସୁସ୍ଥ ସୁନ୍ଦର ନିରାମୟ ପୃଥିବୀ ସୃଷ୍ଟି କରିବାକୁ ସକ୍ଷମ ହେବ। ଏଥିରେ ସନ୍ଦେହ ନାହିଁ। ଶେଷରେ ଏତିକି କୁହାଯାଇପାରେ ଯେ ପ୍ରଯୁକ୍ତି ବିଦ୍ୟା ଭସ୍ମାସୁର ନ ହୋଇ ମଣିଷ ଭିତରେ ଦେବତ୍ୱର ସନ୍ଧାନ କରୁ। ମଣିଷ ମଣିଷ ଭିତରେ ଦୂରତା ଲୋପ ପାଉ ଓ ମଣିଷ ମଣିଷକୁ ଛଳନାହୀନ ଭାବେ ଭଲପାଉ।

**ରଘୁନାଥ ଜୀଉ ମହାବିଦ୍ୟାଳୟ**
**ଦେଉଳସାହି, ତୁଳସୀପୁର, କଟକ**
**ମୋ: ୭୮୪୬୯୨୧୪୦୦**

## ଏଇ ଭାରତରେ

ରଶ୍ମି ଦୁର୍ବେଙ୍କ ପ୍ରାରମ୍ଭିକ ବିବାହିତ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ତାହାକୁ ମୁକାବିଲା କରି ଏହି ମହିଳାଜଣକ ଏବେ କୃଷିରେ ସଫଳତା ପାଇବା ସହ ୨୦୦୦ କୃଷକଙ୍କୁ ମାର୍ଗଦର୍ଶନ କରୁଛନ୍ତି। ମଧ୍ୟପ୍ରଦେଶର ସେନଗୁଡା ଗାଁରେ ରହୁଛନ୍ତି ରଶ୍ମି। ୧୮ ବର୍ଷ ବୟସରେ ବିବାହ ପରେ ସେ ଏହି ଗାଁକୁ ଆସିଥିଲେ। ପରେ ସେ ପରିବାର ଚଳାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଭାବ ଦୂର କରିବା ପାଇଁ ପ୍ରଥମେ ସେ ୨୦୧୫ରେ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେଠାରୁ ସେ ସଞ୍ଚୟ, ନାରୀ ସଶକ୍ତୀକରଣ ତଥା କୃଷି ସମ୍ବନ୍ଧୀୟ ଆଲୋଚନାରୁ ଅନେକ କିଛି ଶିକ୍ଷା କରିଥିଲେ। ୨୦୧୮ରେ ପ୍ରଫେଶନାଲ ଆସିଷ୍ଟାଣ୍ଟ ଫର ଡେଭଲପ୍‌ମେଣ୍ଟ ଆକ୍ସନରୁ ଆଧୁନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ପୈତୃକ ଜମିରେ ଚାଷ ଆରମ୍ଭ କରିଥିଲେ। ଏଥିରେ ସଫଳ ହେବା ପରେ ସେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟରେ ସେନଗୁଡା ଓ ଏହାର ଆଖପାଖ ଗାଁଗୁଡ଼ିକରେ କୃଷକମାନଙ୍କୁ କୃଷି ପାଇଁ ପ୍ରୋତ୍ସାହିତ କରିଥିଲେ। ପ୍ରଥମେ ତାଙ୍କ ସହ ୧୫୦ କୃଷକ ସାମିଲ ହୋଇଥିଲେ। ଏବେ ସେ ୨୦୦୦ କୃଷକଙ୍କୁ ସଶକ୍ତ କରିପାରିଛନ୍ତି। ଏହା ବ୍ୟତୀତ ମହିଳାଙ୍କ ପାଇଁ କାର ଡ୍ରାଇଭିଂ ପ୍ରଶିକ୍ଷଣର ବ୍ୟବସ୍ଥା ମଧ୍ୟ କରିଛନ୍ତି।

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା ।

-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରେଲୱେ ମାର୍କେଟରେ ବିଦ୍ୟୁତ୍ ବାଇପାସ୍

ମହାଶୟ,

ଜଟଣୀ ରେଲୱେ ନିୟୁ ମାର୍କେଟ ବ୍ୟବସାୟୀମାନେ ବିଦ୍ୟୁତ୍ ହୁକ୍ ପକାଇ ବେପାର କରୁଥିବା ଦେଖାଯାଉଛି। ଆଉ କେତେକ ବ୍ୟବସାୟୀ ସ୍ମାର୍ଟ ମିଟରକୁ ବାଇପାସ୍ କରି ବିଦ୍ୟୁତ ବ୍ୟବହାର କରୁଛନ୍ତି। ଫଳରେ ମାସକୁ ୩ହଜାର ଟଙ୍କା ବିଲ୍ ହେବା କଥା କିନ୍ତୁ ମାସକୁ ୩୦୦ ଟଙ୍କା କିମ୍ବା ୪୦୦ ଟଙ୍କା ବିଲ୍ ଦେଇ ଚୁପ୍ ରହୁଛନ୍ତି। ଯଦି ଶର୍ଟ ସର୍କିଟ ଯୋଗୁ ମାର୍କେଟରେ ନିଆଁ ଲାଗେ ତେବେ ତାହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ କିମ୍ବା ରେଲ୍‌ୱେ ମାର୍କେଟ ଧ୍ୱଂସ ପାଇଯିବ। ସଚ୍ଚୋଟ ବ୍ୟବସାୟୀମାନେ ଇଲେକ୍ଟ୍ରି ବିଭାଗ ଜେଇଙ୍କୁ ବିଦ୍ୟୁତ ବାଇପାସ୍ ସମ୍ପର୍କରେ ଅଭିଯୋଗ ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଚେକିଂ କଲେ କିନ୍ତୁ ବ୍ୟବସାୟୀମାନେ ହାତଗୁଞ୍ଜା ଦେଇ ତାହାକୁ ଚାପିଦେଲେ। ଜେଇ ଦେଖି ନ ଦେଖିଲା ଭଳି ହେଉଛନ୍ତି।

**-ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟମନ୍ତ୍ରୀଙ୍କ ମିଶନ 'ପାୱାର'

## ଜଳ, ବିଦ୍ୟୁତ୍ ରାସ୍ତାରେ ଆଣିବ ନୂତନତ୍ୱ

ଭୁବନେଶ୍ୱର, ୬।୧୧ (ରବିନାରାୟଣ ଜେନା)

ରାଜ୍ୟରେ ବିଜୁଳି, ପାନୀୟ ଜଳ ଏବଂ ସବୁଦିନିଆ ରାସ୍ତାର ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ତିନୋଟି ମୌଳିକ ସମସ୍ୟାର ଯେପରି ଅନ୍ତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଟିବ ଏବଂ ରାଜ୍ୟବାସୀ ଉପକୃତ ହୋଇପାରିବେ ସେନେଇ ମୁଖ୍ୟମନ୍ତ୍ରୀ ମିଶନ ପାୱାର (ପିଓଡବ୍ଲୁଏଆର୍) କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ନୋଟ୍‌ଶିଟ୍ ଲେଖି ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି, ରାଜ୍ୟରେ କେତେକ ସ୍ଥାନରେ ଲୋକେ ଅନ୍ଧାରରେ ରହିବା ସହିତ ସ୍ୱଚ୍ଛ ପାଣି ପାଉ ନାହାନ୍ତି। ସରକାର ଏଥିପାଇଁ ଉତ୍ତରଦାୟୀ। ବିଭିନ୍ନ କାରଣରୁ ଓଡ଼ିଶାର ଅନେକ ଗ୍ରାମକୁ ଏହି ତିନିଗୋଟି ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ପୂର୍ବରୁ ଏଥିପାଇଁ ଅନେକ ସମୟ ସାରଣୀ ଦିଆଯାଇଥିଲେ ସୁଦ୍ଧା, ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ଏବେ ବି ଅନେକ ଗ୍ରାମ ଏବଂ ଲକ୍ଷ ଲକ୍ଷ ପରିବାର ବିଜୁଳି ସଂଯୋଗରୁ ବଞ୍ଚିତ ଅଛନ୍ତି। ତେଣୁ, ଲୋକଙ୍କୁ ବିଶେଷ ଭାବେ ଗ୍ରାମାଞ୍ଚଳରେ ଏହି ତିନିଗୋଟି ମୌଳିକ ସୁବିଧା ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ପାଇଁ 'ମିଶନ ପାୱାର' ଗଠନ କରାଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମିଶନ ମୋଡ୍‌ରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଯେପରି କି ଓଡ଼ିଶାର ସବୁ ଗ୍ରାମକୁ ୨୦୨୭ ଶେଷ ସୁଦ୍ଧା ବିଜୁଳି, ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ କରାଯାଇପାରିବ। 'ମିଶନ ପାୱାର'କୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ନଭେମ୍ବର ୧୦ ତାରିଖ ସୁଦ୍ଧା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ନେଇ ଶକ୍ତି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶକ୍ତି ବିଭାଗ ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଉନ୍ନୟନ ଆୟୁକ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଏବଂ ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ନଭେମ୍ବର ୪ରେ ସେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀ ଏହି ତିନୋଟି ମୌଳିକ ସେବାକୁ ଲୋକଙ୍କ ନିକଟତର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଲୋକର ଦୁଆର ମୁହଁରେ ଯେପରି ସ୍ୱଚ୍ଛ ପାନୀୟଜଳ ପହଞ୍ଚିପାରିବ ଏବଂ ସେ ଅନ୍ଧାରରେ ନ ରହିବ ତାହା ହିଁ ସରକାରଙ୍କ ମୂଳ ଆଭିମୁଖ୍ୟ। ଏହି ଲକ୍ଷ୍ୟ ହାସଲ କରିବାପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନଭେମ୍ବର ୧୧ରେ ଲୋକସେବା ଭବନରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଯୋଗଦେବା ପାଇଁ ଅତିରିକ୍ତ ସଚିବ ଉପରୋକ୍ତ ତିନି ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରିଛନ୍ତି।

# ନୂଆପଡ଼ାବାସୀଙ୍କ ପାଇଁ ଆମ ଦ୍ୱାର ସବୁବେଳେ ଖୋଲା

## ରୋଡ୍ ଶୋ କରି ପ୍ରଚାର କଲେ ମୁଖ୍ୟମନ୍ତ୍ରୀ

ନୂଆପଡ଼ା,୬।୧୧ (ପୀତାମ୍ବର ସାହୁ/ମକାରୁ ବେମାଲ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ା ଜିଲା କୋମନା ବ୍ଲକରେ ରୋଡ୍ ଶୋ' କରି ନିର୍ବାଚନ ପ୍ରଚାର କରିଛନ୍ତି। ମାଝୀ ଅପରାହ୍ନ ୩ଘଣ୍ଟା ୪୦ ମିନିଟରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କୋମନା ବ୍ଲକ କୁରେଶର ପଞ୍ଚାୟତର ଉଦ୍ୟାନବନ୍ଧ ପଡ଼ିଆରେ ପହଞ୍ଚିଥିଲେ। ପ୍ରଥମେ ଉଦ୍ୟାନବନ୍ଧ ଛକରେ ଥିବା ବାବାସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଏକ ବିରାଟ ରୋଡ୍ ଶୋ। ଏହି ଅବସରରେ ପାରମ୍ପରିକ ଘଣ୍ଟବାଦ୍ୟ, ପୁରୁଷ ଓ ମହିଳା ସଙ୍କୀର୍ତ୍ତନ, ଦୁଲଦୁଲି, ଘୁମୁରା ଆଦି ବାଜା ବଜାଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏକ ଭବ୍ୟ ଖୋଲା ଗାଡ଼ିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ଭାଜପା ପ୍ରାର୍ଥୀ ଜୟ ଢୋଲକିଆ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ କଳାହାଣ୍ଡିର ପୂର୍ବତନ ସାଂସଦ ବସନ୍ତ ପଣ୍ଡା ସାମିଲ ହୋଇଥିଲେ। ଏହି ସମୟରେ ରାସ୍ତା ଲୋକାରଣ୍ୟ ହୋଇପଡ଼ିଥିଲା। ନେତାମାନେ ଉଦ୍ୟାନବନ୍ଧଠାରୁ ପ୍ରାୟ ୭ କିଲୋମିଟର ଦୂର ରୋଡ୍ ଶୋ କରି କୋମନାରେ ପହଞ୍ଚିଥିଲେ।



ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ ନେତୃବୃନ୍ଦ।

ସେଠାରେ ଏକ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧନ କରିଥିଲେ। ଏହି ସମୟରେ ସେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ବେଇମାନ ପ୍ରସଙ୍ଗକୁ ଆସି ବେଇମାନ କିଏ ବୋଲି ପ୍ରଶ୍ନ କରିଥିଲେ। ବିଜେପୁର, କାକଟପୁର ଓ ନର୍ଲାରେ ବିଜେଡି ଯାହା କରିଥିଲା ତାହା କ'ଣ ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ହେବାପରେ ସେ ପଞ୍ଚମଥର ପାଇଁ ନୂଆପଡ଼ାକୁ ଆସିଛନ୍ତି। ବିଜେଡି ବରଗଡ଼ ଅଞ୍ଚଳରୁ ପ୍ରାର୍ଥୀ କରିଛି ବୋଲି କହିବା ସହିତ ଏଠାରେ ବିଜେଡିର ନେତା ନ ଥିଲେ କି ବୋଲି ପ୍ରଶ୍ନ କରିଥିଲେ। ଆମ ସରକାର ଯାହା କହେ କାମରେ କରି ଦେଖାଏ ବୋଲି କହିଥିଲେ। ନୂଆପଡ଼ାବାସୀଙ୍କ ପାଇଁ ଆମ ଦ୍ୱାର ସବୁବେଳେ ଖୋଲା ରହିଛି। ନୂଆପଡ଼ା ମାଟିରେ ନିଶ୍ଚୟ ପଦ୍ମ ଫୁଟିବ ଓ ଜୟ ଢୋଲକିଆ ବିଜୟୀ ହେବେ ବୋଲି କହିଥିଲେ। ଦ୍ୱିତୀୟ ସ୍ଥାନ ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ଲଢ଼େଇ ଚାଲିଛି ବୋଲି ଉଲ୍ଲେଖ କରି ପରିବର୍ତ୍ତନରେ ସାମିଲ ହେଲେ ନୂଆପଡ଼ା ବିକାଶରେ ସାମିଲ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚାଷୀ ପ୍ରସଙ୍ଗ ଉଠାଇ ବିଜେଡିକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେଡି ସରକାର ୧୦୦ ଟଙ୍କା ସବ୍‌ସିଡି ଦେବାକୁ କହି ଦେଇପାରି ନ ଥିଲେ। କିନ୍ତୁ ଆମ ସରକାର ଆସିବା ମାତ୍ରେ ୮୦୦ ଟଙ୍କା ସବ୍‌ସିଡି ଦେଇଛି। ଏହାର ସୁବିଧା ରାଜ୍ୟର ୧୭ ଲକ୍ଷ କୃଷକଙ୍କୁ ମିଳିଛି ବୋଲି ସେ ନିଜ ବକ୍ତବ୍ୟରେ କହିଛନ୍ତି। ନୂଆପଡ଼ାର ବିକାଶ ପାଇଁ ଆମ ସରକାର ୧୪ ଶହ କୋଟି ଟଙ୍କାର ସହାୟତା ଘୋଷଣା କରିସାରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ସମୟରେ ମଞ୍ଚରେ ଥିବା ଭାଜପା ପ୍ରାର୍ଥୀ ଜୟ ଢୋଲକିଆ କାନ୍ଦି ପକାଇଥିଲେ।

# ଓପିଏସ୍‌ସି ପକ୍ଷରୁ ପିଜିଟି ପ୍ରାଣୀବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ

- **କୃତକାର୍ଯ୍ୟ ୫୦ ମଧ୍ୟରେ ୩୪ ମହିଳା**
- **ସୁବ୍ରତ କୁମାର ପାଟ୍ଟଯୋଶୀ ଟପ୍ପର**

କଟକ,୬।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ପ୍ରାଣୀବିଜ୍ଞାନ ପୋଷ୍ଟ ଗ୍ରାଜୁଏଟ୍ ଟିଚର୍ସ (ପିଜିଟି) ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ସୁବ୍ରତ କୁମାର ପାଟ୍ଟଯୋଶୀ ସର୍ବୋଚ୍ଚ ନମ୍ବର ରଖି ମେଧା ତାଲିକାରେ ଟପ୍ପର ହୋଇଛନ୍ତି। ମେଧା ତାଲିକାର ଦ୍ୱିତୀୟରେ ସୁଶ୍ରୀ ସରିତା ସାହୁ, ତୃତୀୟରେ ରଶ୍ମି ପ୍ରିୟା ଗୌଡ଼ ଏବଂ ଦେବାଶିଷ ପୃଷ୍ଟି, ଅର୍ଦ୍ଧେନ୍ଦୁ ଶେଖର ସାହୁ, ପ୍ରଜ୍ଞା ପାରମିତା ପ୍ରଧାନ, ସୁଶ୍ରୀ ରଶ୍ମିରେଖା ପୃଷ୍ଟି, ରୁତୁପର୍ଣ୍ଣା ନାୟକ, ସୁପ୍ରଭା ବାରିକ ଓ ବିନିତ କୁମାର ସାହୁ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନରେ ଅଛନ୍ତି। ପ୍ରଥମ ୧୦ଜଣଙ୍କ ମଧ୍ୟରେ ୬ଜଣ ମହିଳା ଥିବା ବେଳେ ୪ଜଣ ପୁରୁଷ ଅଛନ୍ତି। ମୋଟ ୫୦ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୪ଜଣ ମହିଳା ରହି ଗୌରବ ଅର୍ଜନ କରିଛନ୍ତି। ଏହି ପଦବୀ ନିମନ୍ତେ ୨୦୨୩-୨୪ରେ ବିଜ୍ଞପ୍ତି ନଂ. ୨୫ ପ୍ରକାଶ ପାଇଥିବା ବେଳେ ଲିଖିତ ପରୀକ୍ଷା ୨୦୨୪ ସେପ୍ଟେମ୍ବର ୧୫ ଓ ୨୯ ତାରିଖରେ ହୋଇଥିଲା। ପୁଣି ସାକ୍ଷାତକାର ପରୀକ୍ଷା ୨୦୨୫ ଅକ୍ଟୋବର ୨୨ରୁ ୨୪ ତାରିଖ ମଧ୍ୟରେ ହୋଇଥିଲା। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟ ପରବର୍ତ୍ତୀ ସମୟରେ ହେବ। ସେଥିପାଇଁ ଏ ସଂକ୍ରାନ୍ତରେ ଜାଣିବା ପାଇଁ ନିୟମିତ ଓପିଏସ୍‌ସି ୱେବ୍‌ସାଇଟ୍‌କୁ ଦେଖିବା ନିମନ୍ତେ ପରାମର୍ଶ ଦିଆଯାଇଛି।

# କାନଧରି ଆଣ୍ଠୁମାଡି ଧାରଣା ଦେଲେ ଆଶାୟୀ ସଂସ୍କୃତ ଶିକ୍ଷକ



## ତୁରନ୍ତ ରେଜଲ୍ଟ ନ ବାହାରିଲେ ସାମୂହିକ ଆତ୍ମାହୁତି ଚେତାବନୀ

ଭୁବନେଶ୍ୱର, ୬।୧୧ (ସୁଚିସ୍ମିତା ସାହୁ)

ରାସ୍ତାରେ ଭୋ ଭୋ ହୋଇ କାନ୍ଦିଲେ, ଆଣ୍ଠୁମାଡ଼ି କାନଧରି ଧାରଣା ଦେଲେ ଆଶାୟୀ ସଂସ୍କୃତ ଶିକ୍ଷକ। ୫ମାସରୁ ଉର୍ଦ୍ଧ୍ୱ ହେବ ଅର୍ଥାତ୍ ମେ' ୧୭ରୁ ୭୨୯ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ ପଦବୀ ପାଇଁ ୫ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଇତିମଧ୍ୟରେ ବହୁ ବିଳମ୍ବରେ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇଥିଲେ ମଧ୍ୟ ମେରିଟ ଲିଷ୍ଟ ପ୍ରକାଶ ପାଉନାହିଁ। ଫଳରେ ଗୁରୁବାର ଶହଶହ ପରୀକ୍ଷାର୍ଥୀ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ(ଓଏସଏସସି) କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଏଭଳି ଅଭିନବ ଭାବେ ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଟ୍ରେନିଂ ଗ୍ରାଜୁଏଟ୍ ଟିଚର(ଟିଜିଟି) ଅଧୀନରେ ପିସିଏମ୍, ସିବିଜେଡ୍, ସଂସ୍କୃତ, ପିଇଟି, ଉର୍ଦ୍ଦୁ, ତେଲୁଗୁ ସମେତ ବିଭିନ୍ନ ପଦବୀ ପାଇଁ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇସାରିଛି। ଏପରିକି ଅକ୍ଟୋବର ୨୨ ତାରିଖରୁ ଅନ୍ୟ ଟିଜିଟି ପଦବୀଗୁଡିକ ପାଇଁ ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ନଭେମ୍ବର ୪ ସୁଦ୍ଧା ମେରିଟ ତାଲିକା ପ୍ରକାଶ ପାଇଛି। ଏପରିକି ଆସନ୍ତା ୧୫ ତାରିଖରେ ନିଯୁକ୍ତି ଦେବାକୁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ ସଂସ୍କୃତ ଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ପଦବୀ ପାଇଁ ଗୋଟିଏ ସମୟରେ ପରୀକ୍ଷା ହୋଇଥିଲେ ମଧ୍ୟ ମେରିଟ୍ ଲିଷ୍ଟ ଓ ନିଯୁକ୍ତିରେ କାହିଁକି ବିଳମ୍ବ କରାଯାଉଛି। ଇତିମଧ୍ୟରେ ସଂସ୍କୃତ ଶିକ୍ଷକଙ୍କ ପଦବୀ ପାଇଁ ଡକ୍ୟୁମେଣ୍ଟ ଭେରିଫିକେଶନ ସରିଥିଲେ ବି ଏପର୍ଯ୍ୟନ୍ତ ରେଜଲ୍ଟ ବାହାରି ପାରୁନି। ଏହାକୁ ନେଇ ଆଶାୟୀମାନେ ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ଶୀତ ଅଧିବେଶନ ପାଇଁ ବିଭାଗୀୟ ସମୀକ୍ଷା: ଆଜି ସବୁ ବିଭାଗର ପ୍ରସ୍ତାବ ଯାଞ୍ଚ

ଭୁବନେଶ୍ୱର,୬।୧୧ (ରବିନାରାୟଣ ଜେନା)

ଶୀତକାଳୀନ ଅଧିବେଶନ ପାଇଁ ଆସନ୍ତାକାଲି ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ବଜେଟ ପ୍ରସ୍ତାବ ସମୀକ୍ଷା କରାଯିବ। ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ଲୋକସେବା ଭବନରେ ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ବିଭାଗୀୟ ପ୍ରସ୍ତାବଗୁଡ଼ିକ ଯାଞ୍ଚ କରିବେ। ଏସଂକ୍ରାନ୍ତରେ ଗୁରୁବାର ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ଅବଗତ କରାଯାଇଛି। ଅର୍ଥ ବିଭାଗ ଅତିରିକ୍ତ ସଚିବ ସମସ୍ତ ବିଭାଗକୁ ସମୟ ସାରଣୀ ଦେଇ ଅବଗତ କରାଇଛନ୍ତି, ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ବଜେଟ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହେବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଭାଗୀୟ ଅର୍ଥ ପରାମର୍ଶଦାତା ଓ ସହ ଅର୍ଥ ପରାମର୍ଶଦାତା ଉପସ୍ଥିତ ରହିବା ଆବଶ୍ୟକ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ମତ୍ସ୍ୟ ଓ ପଶୁସମ୍ପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ବଜେଟ ପ୍ରସ୍ତାବକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ତର୍ଜମା କରିଛନ୍ତି। ଅପରାହ୍ନ ୪ଟା ୩୦ମିନିଟ୍‌ରୁ ୫ଟା ଯାଏ ଏହି ବିଭାଗର ସମୀକ୍ଷା କରାଯାଇଥିବା ଅର୍ଥ ବିଭାଗ ପକ୍ଷରୁ ଜଣାଯାଇଛି।




# ଫରେଷ୍ଟର ନିଲମ୍ବିତ

## ଟ୍ରେନ୍ ଧକ୍କାରେ ଦନ୍ତାହାତୀ ମୃତ୍ୟୁ ଘଟଣା

ବେତନଟୀ,୬।୧୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ନିକଟ ଆଗ୍ରିଆ ଲେଭଲ୍ କ୍ରସିଂ ନିକଟରେ ଶନିବାର ରାତିରେ ଶାଳିମାର-ଭଞ୍ଜପୁର ଟ୍ରେନ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଧବାର ବେତନଟୀ ଫରେଷ୍ଟର ପ୍ରଦୀପ ଦେହୁରୀଙ୍କୁ ବନ ବିଭାଗ ନିଲମ୍ବନ କରିଛି। ମଙ୍ଗଳବାର ଏହି ଘଟଣାରେ ଫରେଷ୍ଟ ଗାର୍ଡ ହୃଷୀକେଶ ବେହେରା ଓ ଜୟନ୍ତୀ ପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ବନ ବିଭାଗ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଆଗକୁ ଅନ୍ୟ ଅଧିକାରୀଙ୍କୁ ମଧ୍ୟ ନିଲମ୍ବନ କରାଯାଇପାରେ ବୋଲି ଆଲୋଚନା ହେଉଛି।

# ଦୁଇଦିନ ପରେ ବଢ଼ିବ ଶୀତ

ଭୁବନେଶ୍ୱର, ୬।୧୧ (ବନ୍ଦନା ସେଠୀ)

ରାଜ୍ୟରେ ଧୀରେ ଧୀରେ ପାରଦ ତଳମୁହାଁ ହେଉଥିବାବେଳେ ଶୀତ ଅନୁଭୂତ ହେବାରେ ଲାଗିଛି। ଆଉ ୨ଦିନ ପରେ ଶୀତ ଆହୁରି ବଢିବ। ଆଗାମୀ ୪୮ଘଣ୍ଟା ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ କମିବା ସହ ଅଧିକ ଶୀତ ଅନୁଭୂତ ହେବ ବୋଲି ଗୁରୁବାର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଓ ପାହାଡିଆ ଅଞ୍ଚଳରେ ଶୀତର ମାତ୍ରା ବଢ଼ିବା ଆରମ୍ଭ ହୋଇଛି। ଉତ୍ତରା ବାୟୁ ସହିତ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ହ୍ରାସ ଯୋଗୁ ଆସନ୍ତା ୯ ତାରିଖ ବେଳକୁ ପାହାଡିଆ ଅଞ୍ଚଳର କିଛି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ପର୍ଯ୍ୟନ୍ତ ଖସିପାରେ। ଭୁବନେଶ୍ୱର ଓ କଟକ ସହରରେ ମଧ୍ୟ ଆଗାମୀ ୭୨ ଘଣ୍ଟାରେ ୧୬ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବା ସମ୍ଭାବନା ରହିଛି। ତେବେ ପୂର୍ବବର୍ଷ ଅପେକ୍ଷା ଚଳିତ ନଭେମ୍ବରରେ ସ୍ୱଳ୍ପ ଶୀତ ଅନୁଭବ ହେବ। ଗୁରୁବାର ଉପକୂଳ ଓ ଉତ୍ତର ଓଡ଼ିଶାରେ ତାପମାତ୍ରା ସ୍ୱାଭାବିକ ରହିଥିବାବେଳେ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିଛି। ପାରଳାଖେମୁଣ୍ଡିଠାରେ ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ରହିଥିବାବେଳେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରହିଥିଲା। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼ ଏବଂ କଳାହାଣ୍ଡି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା କୁହୁଡି ପଡିଛି।

# ଭୋଟ ପାଇଁ ଓଡ଼ିଶାବାସୀଙ୍କୁ ବ୍ୟବହାର କରିଛନ୍ତି ବିଜେଡି, କଂଗ୍ରେସ: ସାଏ

## ନୂଆପଡ଼ାରେ ବିଜୟ ସଂକଳ୍ପ ସମାବେଶ

ନୂଆପଡ଼ା, ୬।୧୧ (ମକାରୁ ବେମାଲ)

ବିଜେଡି ଓ କଂଗ୍ରେସ ଭୋଟ ପାଇଁ ଓଡ଼ିଶାବାସୀଙ୍କୁ ବ୍ୟବହାର କରିଛନ୍ତି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି। ନୂଆପଡ଼ା ବ୍ଲକ ପଞ୍ଚମପୁରଠାରେ ଗୁରୁବାର ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ କହିଛନ୍ତି, ବିଜେଡି ୨୪ ବର୍ଷ ଓ କଂଗ୍ରେସ ୫୦ ବର୍ଷ ଶାସନ କରି ମଧ୍ୟ ଓଡ଼ିଶାବାସୀଙ୍କ ଭରସା ହରାଇଛନ୍ତି। ଶେଷ ନିଃଶ୍ୱାସ ଥିବା ଯାଏ ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆ ବିଜେଡି ପାଇଁ କାର୍ଯ୍ୟ କଲେ। ହେଲେ ନିଜ ଦଳର ସହଯୋଗୀଙ୍କ ସୁଖଦୁଃଖର ସାଥୀ ହୋଇପାରିଲେ ନାହିଁ ନବୀନ ପଟ୍ଟନାୟକ। ଏପରି କି ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶେଷ ସମୟରେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତା ମଧ୍ୟ କଲେ ନାହିଁ ବୋଲି ସାଏ କହିଛନ୍ତି।

ସାଏ ଆହୁରି କହିଛନ୍ତି, କଂଗ୍ରେସ ପରିବାରବାଦକୁ ଛାଡ଼ିପାରିନି। ଦୀର୍ଘ ୫୦ ବର୍ଷର ଶାସନ ସମୟରେ ଦଳ ଓଡ଼ିଶାକୁ ଅବହେଳା କରିଛି। ଉଭୟ ବିଜେଡି ଓ କଂଗ୍ରେସ ପାରିବାରିକ ଦଳ। ଏହି ଦୁଇଦଳ ଓଡ଼ିଶାବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇସାରିଛନ୍ତି। 'ଭାଜପାର ଅନ୍ୟ ନାମ ବିକାଶ'କୁ ନୂଆପଡ଼ାବାସୀ ହୃଦ୍‌ବୋଧ କରିସାରିଛନ୍ତି। ଭୋଟର ଏଥର ଭାଜପାର ଯୁବ ଚେହେରା ଜୟ ଢୋଲକିଆଙ୍କୁ ବିଜୟୀ କରିବେ। ଭାଜପାର ଲୋକତନ୍ତ୍ର, ନିୟତ, ନୀତି, ସିଦ୍ଧାନ୍ତ, ବିଚାରଧାରା ରହିଛି। ଗରିବ ପରିବାରରୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନକୁ ଆସିବା ପରେ 'ମୋ ସରକାର ଗରିବଙ୍କ ପାଇଁ ସମର୍ପିତ' ବୋଲି କହିଥିଲେ ଏବଂ ପ୍ରଥମ ଦିନରୁ ଗରିବଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କ୍ରିୟାନ୍ୱୟନ କରିଥିଲେ। ଶୌଚାଳୟ, ପକ୍କାଘର, ମାଗଣା ରାଶନ, ବିଜୁଳି ଭଳି ମୌଳିକ ସମସ୍ୟାର ସମାଧାନ କରିପାରିଛନ୍ତି। ଜୟ ଢୋଲକିଆ ଆପଣଙ୍କ ସେବା କରିବା ପାଇଁ ଆସିଛନ୍ତି। ବିଧାୟକ ହେବା ପରେ କେନ୍ଦ୍ର ଓ ରାଜ୍ୟରୁ ପଇସା ଆଣି ସେ ନୂଆପଡ଼ାବାସୀଙ୍କ ସାମଗ୍ରିକ ବିକାଶ କରିବେ ବୋଲି ସାଏ କହିଛନ୍ତି।

ଏହି ସମାବେଶରେ ପ୍ରାର୍ଥୀ ଜୟ ଢୋଲକିଆ, ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହ ପ୍ରଭାରୀ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାୟପୁର ବିଧାୟକ ପୁରନ୍ଦର ମିଶ୍ର, ଚୁନିଲାଲ ସାହୁଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।



# ଭୋଟଗଣତି ହୋଇପାରିବ, ଫଳାଫଳ ଘୋଷଣା ହେବନି: ହାଇକୋର୍ଟ

ରାୟଗଡ଼ା,୬।୧୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ କାଉନସିଲରମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଭୋଟିଂ ପରେ ହାଇକୋର୍ଟ ଗଣତି ପାଇଁ ଯେଉଁ ରହିତାଦେଶ ଜାରି କରିଥିଲେ ସେନେଇ ବୁଧବାର ଶୁଣାଣି ହୋଇଛି। ଭୋଟ ଗଣତି ହୋଇପାରିବ, ହେଲେ ଜିଲ୍ଲାପ୍ରଶାସନ ଫଳାଫଳ ପ୍ରକାଶ କରିପାରିବେ ନାହିଁ ବୋଲି ଫଳାଫଳ ଘୋଷଣା ହେବନାହିଁ ବୋଲି ହାଇକୋର୍ଟ ଚାରପତି ରାୟ ଦେଇଥିବା ସୂଚନା ମିଳିଛି । ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ବର୍ତ୍ତମାନ ପୁଷ୍ପା ହାଇକୋର୍ଟରୁ କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ ଏ ସମ୍ପର୍କରେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏ ନେଇ କୌଣସି ସୂଚନା ନାହିଁ ଏବଂ ଶୁଣାଣି ତାରିଖ ପରିବର୍ତ୍ତନ ହୋଇଛି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉକି, ରାଜ୍ୟ ସଭାର ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ, ଅଧ୍ୟକ୍ଷା,

**ପୌର ପରିଷଦ ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

■ **ନଭେମ୍ବର ୧୦ରେ ପରବର୍ତ୍ତୀ ଶୁଣାଣି**

ରାୟଗଡ଼ା ପୌର ପରିଷଦର ୧୯ଜଣ କାଉନସିଲର ଏକକାଳୀନ ଦଳ ଛାଡ଼ିଥିଲେ। ଏହାପରେ ରାୟଗଡ଼ା ପୌର ପରିଷଦର ୨୪ଜଣ କାଉନସିଲରଙ୍କ ମଧ୍ୟରୁ ବିଜେଡିର ୧୯ଜଣ କାଉନସିଲର ପୌର ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଉପାଧ୍ୟକ୍ଷା ପଣ୍ଡା କାର୍ଯ୍ୟରେ ଅବହେଳା ଓ ମନମୁଖି କାର୍ଯ୍ୟକଳାପ କରୁଥିବା ଅଭିଯୋଗକରି କାଉନସିଲରମାନେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଇଥିଲେ । ଏହାପରେ ଅକ୍ଟୋବର ୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇଥିଲା। ଏଥିରେ ବିଜେଡିର ୨୦ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟିଂ କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଅନାସ୍ଥା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଭୋଟ ଗଣତି ଉପରେ ବିଚାରପତି ରହିତାଦେଶ ଜାରି କରିଥିଲେ । ତେବେ ପରବର୍ତ୍ତୀ ଶୁଣାଣି ତାରିଖ ଅକ୍ଟୋବର ୧୫ ରହିଥିଲେ ହେଁ ପରିବର୍ତ୍ତନ ହୋଇ ବୁଧବାର ଶୁଣାଣି ହୋଇଥିଲା। ବୁଧବାର ହାଇକୋର୍ଟ ବିଚାରପତି ଏହାର ଶୁଣାଣିକରି ଗଣତି ହୋଇପାରିବ, କିନ୍ତୁ ବିଜ୍ଞପ୍ତି ଜାରି କରାଯାଇପାରିବ ନାହିଁ କି ଫଳାଫଳ ଘୋଷଣା କରାଯାଇପାରିବନାହିଁ ବୋଲି ରାୟ ଦେଇଥିବା ସରକାରୀ ଆଇନଜୀବୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି ସେ କହିଛନ୍ତି ।

## ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ହତ୍ୟା

ରାୟଗଡ଼ା,୬।୧୧(ଆଶିଷ ରଞ୍ଜନ ପଣ୍ଡା)

**ଅଭିଯୁକ୍ତ ଗିରଫ**


ସୃଷ୍ଟି ଶର୍ମା

ଉତ୍ତରାଖଣ୍ଡରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ନିର୍ମମ ହତ୍ୟା କରାଯାଇ ମୃତଦେହକୁ ଏକ ନଦୀରେ ଫିଙ୍ଗି ଦିଆଯାଇଥିଲା। ଉତ୍ତରାଖଣ୍ଡ ଲାଲପୁର ଥାନା ପୋଲିସ ଗୁରୁବାର ଅପରାହ୍ନରେ ନଦୀରୁ ମୃତଦେହ ଜବତ କରିଛି। ହତ୍ୟା ଅଭିଯୋଗରେ ପୋଲିସ ମୃତ ଯୁବତୀ ରହୁଥିବା ଘର ମାଲିକଙ୍କ ପୁଅ ଅମିତ ସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା (୨୩) ଉତ୍ତରାଖଣ୍ଡର ଲାଲକୁଆଁସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ ତାଙ୍କର ଇଣ୍ଟର୍ନସିପ ଟ୍ରେନିଂ କରିବାକୁ ଯାଇଥିଲେ। ସେ ଲାଲପୁରର ଭାରତୀୟମ ଇଣ୍ଟରନ୍ୟାସନାଲ ସ୍କୁଲ ପଛରେ କାମେଶ୍ୱର ସିଂହଙ୍କ ଘରେ ଏକ ଏକ ଘର ଭଡ଼ା ନେଇ ରହୁଥିଲେ। ତେବେ ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ ବନ୍ଦ ଥିବାବେଳେ ଜେକେପୁରଠାରେ ଥିବା ତାଙ୍କ ପରିବାର ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ସୃଷ୍ଟିଙ୍କ ପରିବାର ଲୋକ ଘର ମାଲିକ କାମେଶ୍ୱର ସିଂହଙ୍କୁ ଯୋଗାଯୋଗ କରିବାରୁ ସେମାନେ ବାହାରେ ଥିବାରୁ ସୃଷ୍ଟିଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ଘର ମାଲିକଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୁରଜ ଏବଂ ମନୀଷଙ୍କ ସହିତ ଲାଲପୁରରେ ପହଞ୍ଚି ଥାନାରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ। ସେମାନେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନ କରି ଘର ମାଲିକ କାମେଶ୍ୱର ସିଂହଙ୍କ ଘରର ସିପାରିତରେ ଥିବା ପୂର୍ବତନ ଜିଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହି ସମୟରେ ଘର ମାଲିକଙ୍କ ପୁଅ ଅମିତଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କ ସନ୍ଦେହ ହେବାରୁ ପୋଲିସକୁ କହିଥିଲେ। ଏହାପରେ ପୋଲିସ ଘର ମାଲିକଙ୍କ ପୁଅଙ୍କୁ ପଚରାଉଚୁରା କରିବା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ଇଟା ଏବଂ ପଥର ବାନ୍ଧି ଲାଲପୁର ମନ୍ଦିର ପଛପଟେ ଶ୍ରୀପୁର-ମହାରାଜପୁର ରାସ୍ତା ନିକଟରେ ଥିବା ବାଉରା ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ସୂଚନା ପାଇବା ପରେ ପୋଲିସ ଗୁରୁବାର ଅପରାହ୍ନରେ ନଦୀରୁ ମୃତଦେହ ଜବତ କରିଛି। ଅଭିଯୁକ୍ତ ଅମିତ ସିଂହଙ୍କୁ ଗିରଫ କରିବା ସହ ହତ୍ୟାରେ ସହାୟତା କରିଥିବା ଲୋକଙ୍କ ବିଷୟରେ ତଦନ୍ତ କରୁଛି। ତେବେ ଏହି ହତ୍ୟା ପଛର କାରଣ ଜଣାପଡ଼ି ନ ଥିବା ବେଳେ ଏବେ ସୃଷ୍ଟିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଯାଇଛି।

## ମୁନିଗୁଡ଼ା ରୋଟାରି କ୍ଲବ୍ ଗୋଲ୍ଡ କ୍ଲବ୍ ଆୱାର୍ଡରେ ସମ୍ମାନିତ


ମୁନିଗୁଡ଼ା ରୋଟାରି କ୍ଲବ୍ କର୍ମକର୍ତ୍ତା ମାନପତ୍ର ଓ ଟ୍ରଫି ଗ୍ରହଣ କରୁଛନ୍ତି।

ମୁନିଗୁଡ଼ା,୬।୧୧ (ନନ୍ଦ କିଶୋର ପଟ୍ଟନାୟକ)

ରାଜ୍ୟସ୍ତରୀୟ ଡିଷ୍ଟ୍ରିକ୍ଟ ଆଇକନ୍ ଆୱାର୍ଡ ଅର୍ଜୁନ ପୁରସ୍କାର ସମାରୋହରେ ରୋଟାରି କ୍ଲବ୍ ଅଫ୍ ମୁନିଗୁଡ଼ା ରୟାଲକୁ ଗୋଲ୍ଡ କ୍ଲବ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ସେହିପରି ମୁନିଗୁଡ଼ା ରୋଟାରି କ୍ଲବ୍ ସଭାପତି ରୋଟାରିୟନ ସୁଦାମ ଚରଣ ପଣ୍ଡାଙ୍କୁ ଗୋଲ୍ଡ ସଭାପତି ଭାବେ ଓ ରୋଟାରିଆନ ନରେଶ କୁମାର ପାତ୍ରଙ୍କୁ ଗୋଲ୍ଡ ସମ୍ପାଦକ ଭାବେ ଏବଂ ପ୍ରବୀଣ କୁମାର ସିପ୍କାଙ୍କୁ ସେବାରତ୍ନ ଆୱାର୍ଡରେ ସମ୍ମାନିତ କରାଯାଇଛି। ଏଥିସହ ରୋଟାରି କ୍ଲବ୍ ଅଫ୍ ମୁନିଗୁଡ଼ା ରୟାଲକୁ ୩ ଷ୍ଟାର କ୍ଲବର ମାନ୍ୟତା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ରେଳ ବିଭାଗର ରେଲ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ସମାରୋହରେ ମୁନିଗୁଡ଼ା ରୋଟାରି କ୍ଲବ୍‌ର ସୁଦାମ ଚରଣ ପଣ୍ଡା, ନରେଶ କୁମାର ପାତ୍ର, କେ.ରମେଶ ରାଜୁ, ଜ୍ୟୋତିରାମ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେମାନେ ରୋଟାରି ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଓ ୩ଟି ୱାର୍ଲଡ ରେକର୍ଡ କରିଥିବା ପ୍ରଥମ ମହିଳା ଲକ୍ଷ୍ମୀ ମହାପାତ୍ରଙ୍କଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ରୋଟାରି କ୍ଲବ୍ ଅଫ୍ ମୁନିଗୁଡ଼ା ରୟାଲ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଆଜି ସଫଳତା ମିଳିଛି ବୋଲି ପୂର୍ବତନ ସଭାପତି ସୁଦାମ ଚରଣ ପଣ୍ଡା ପ୍ରକାଶ କରିଛନ୍ତି।

# ପ୍ରକୃତ ଆକଳନ ପାଇଁ ଚାଷୀଙ୍କ ଦାବି

ରାୟଗଡ଼ା,୬।୧୧(ଆଶିଷ ରଞ୍ଜନ ପଣ୍ଡା)

**ମୋନ୍ଥା ପ୍ରଭାବରେ ଜିଲାରେ ମାତ୍ର ୬୦.୮ ହେକ୍ଟର ଫସଲ ନଷ୍ଟ ନେଇ କୃଷି ବିଭାଗ ସୂଚନା**



ବାତ୍ୟା ମୋନ୍ଥା ପ୍ରଭାବରେ ରାୟଗଡ଼ା ଜିଲାରେ ମାତ୍ର ୬୦.୮ ହେକ୍ଟର ଫସଲ ନଷ୍ଟ ହୋଇଥିବା କୃଷି ବିଭାଗର ତଥ୍ୟରୁ ଜଣାପଡ଼ିଛି। ତେବେ କୃଷି ବିଭାଗ ଅଧିକାରୀମାନେ ଯେଉଁ ଆକଳନ କରିଛନ୍ତି ସେଥିରେ ଅନେକ ତ୍ରୁଟି ରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷେତ୍ରରେ ଅଧିକାରୀ ଠିକ୍ ଭାବରେ ଅନୁଧ୍ୟାନ କରି ନ ଥିବା ଚାଷୀ କହିଛନ୍ତି। ଏଭଳିକି ସର୍ବାଧିକ ବର୍ଷା ଗୁଣପୁର ବ୍ଲକରେ ହୋଇଥିବା ବେଳେ କିଭଳି ଭାବେ ଫସଲ କ୍ଷତି ହୋଇନାହିଁ ବୋଲି ସେମାନେ କୃଷି ବିଭାଗଙ୍କୁ ପ୍ରଶ୍ନ କରିଛନ୍ତି। ତେଣୁ ଏ ନେଇ ପୁଣି ଥରେ ଫିଲ୍ଡ ଅନୁଧ୍ୟାନ କଲେ ଚାଷୀ ଉପକୃତ ହୋଇପାରିବେ ବୋଲି ଚାଷୀଙ୍କୁ ଦାବି କରିଛନ୍ତି।

ବିଭାଗର ସୂଚନା ଅନୁଯାୟୀ ରାୟଗଡ଼ା ବ୍ଲକରେ ୧୨ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବାବେଳେ ସର୍ବାଧିକ କଲ୍ୟାଣସିଂହପୁର ବ୍ଲକରେ ୪୫.୮ ହେକ୍ଟର ନଷ୍ଟ ହୋଇଛି। ରାୟଗଡ଼ା ଜିଲାରେ ୧୧ଟି ବ୍ଲକ ମଧ୍ୟରୁ ୯ ଟି ବ୍ଲକରେ ବାତ୍ୟା ପ୍ରଭାବରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇ ନ ଥିବା ବିଭାଗ ରିପୋର୍ଟ ପ୍ରଦାନ କରିଛି । କୃଷି ବିଭାଗର ସୂଚନା ପ୍ରକାରେ ଜିଲାରେ ୬୦.୭ ହେକ୍ଟର ଜମି ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୩୩ %ରୁ ଉର୍ଦ୍ଧ୍ୱ କ୍ଷୟକ୍ଷତି ମାତ୍ର ୬୦.୮ ହେକ୍ଟର ଜମିରେ ହୋଇଛି। ସୂଚନାଯୋଗ୍ୟ, ଯେଉଁ ଚାଷୀଙ୍କ ୩୩%ରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଛି ସେହି ଚାଷୀଙ୍କୁ ହିଁ ସରକାରଙ୍କ ସହାୟତା ରାଶି ମିଳିପାରିବ। ସରକାରଙ୍କ ନିୟମ ଅନୁଯାୟୀ ବର୍ଷା ଉପରେ ନିର୍ଭର କରି ଚାଷ କରୁଥିବା ଚାଷୀଙ୍କୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷୟକ୍ଷତି ରାଶି ମିଳୁଥିବା ବେଳେ ଜଳସେଚନ କରି ଚାଷ କରୁଥିବା ଚାଷୀଙ୍କ ହେକ୍ଟର ପିଛା ୧୭ ହଜାର ଟଙ୍କା ସହାୟତା ରାଶି ଓ ଉଦ୍ୟାନ ଭିତ୍ତିକ ଚାଷ କରି ବର୍ଷାରେ କ୍ଷତି ହୋଇଥିବା ଚାଷୀଙ୍କୁ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କା କ୍ଷତିପୂରଣ ମିଳିବ ବୋଲି ଜିଲା କୃଷି ଅଧିକାରୀ ଏସ.କେ ଏହେସାନ ପ୍ରକାଶ କରିଛନ୍ତି।

## ଓଏପିଏଫ୍ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

ରାୟଗଡ଼ା,୬।୧୧ (ଆଶିଷ ରଞ୍ଜନ ପଣ୍ଡା)


ମୃତ ଗୌରୀ ପ୍ରସାଦ ଡାଡ଼ିଙ୍ଗି

ଓଡ଼ିଶା ସହାୟକଆରକ୍ଷୀ ବାହିନୀ (ଓଏପିଏଫ)ର ଜଣେ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଗୌରୀ ପ୍ରସାଦ ଡାଡ଼ିଙ୍ଗି (୪୫)। ରାୟଗଡ଼ା ବ୍ଲକ ପିତାମହାଲ ଓ ଜେମାଦେଈପେଣ୍ଟ ରାସ୍ତା ମଝିରେ ଥିବା ଏକ କପା ବାଡ଼ି ମଧ୍ୟରେ ତାଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଛି। ଗୌରୀ ରାୟଗଡ଼ା ଥାନାରେ କାର୍ଯ୍ୟରତ ଥିଲେ। ଖବରପାଇ ଶେଷଖାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। କେଉଁ କାରଣରୁ ଗୌରୀଙ୍କ ମୃତ୍ୟୁ ଘଟିଲା ତାଙ୍କ ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ଛୁଟି ସରିବା ପରେ ବୁଧବାର ରାତିରେ ମୃତ ଗୌରୀ କାର୍ଯ୍ୟରେ ଯୋଗଦେଇଥିଲେ। କିନ୍ତୁ କୌଣସି କାରଣରୁ ତାଙ୍କର ମୃତ୍ୟୁ ହୋଇଛି ବୋଲି ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇ କହିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ କରୁଛି। ତାଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ଗୌରୀଙ୍କ ସ୍ୱାସ୍ଥ୍ୟ ଖରାପ ଥିଲା ବୋଲି ସୂଚନାରୁ ଜଣାପଡ଼ିଛି।

# ବିଷମକଟକ ବ୍ଲକ୍‌ରେ ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ

ବିଷମକଟକ, ୬।୧୧(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକର ସମସ୍ତ ବିଦ୍ୟାଳୟରେ ନିମ୍ନମାନର ପୋଷାକ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ପୋଷାକରେ ସରକାରୀ ଲୋଗୋ ଲଗାଯାଇ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପିଲାମାନଙ୍କ ପୋଷାକରେ ସରକାରୀ ଲୋଗୋ ଲଗାଯିବା ପାଇଁ ରାଜ୍ୟ ସରକାର ସମସ୍ତ ଶିକ୍ଷା ବିଭାଗକୁ ଚିଠି କରିଥିଲେ ମଧ୍ୟ ବିଷମକଟକ ବ୍ଲକ୍ ଶିକ୍ଷା ବିଭାଗ ଏହା କାର୍ଯ୍ୟକାରୀ କରିନାହାନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନିଙ୍କୁ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ଯେଉଁ ବିଦ୍ୟାଳୟରେ ବିନା ଲୋଗୋରେ ପୋଷାକ ବଣ୍ଟନ କରାଯାଇଛି ଉକ୍ତ ବିଦ୍ୟାଳୟର ନାମ କୁହନ୍ତୁ ବୋଲି ଓଲଟା ସେ ପ୍ରଶ୍ନ କରିଛନ୍ତି। ଏ ନେଇ ମୁନିଗୁଡ଼ା ଦାୟିତ୍ୱରେ ଥିବା ବିଇଓ ଗଣେଶ ଶବରଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ତ ସ୍କୁଲରେ ପ୍ରଥମେ ବିନା ଲୋଗୋ ପୋଷାକ ବଣ୍ଟନ କରାଯାଇଥିଲା। ମୋ ନଜରକୁ ଆସିବା ପରେ ସମସ୍ତ ପୋଷାକ ଫେରାଇ ଦିଆଯାଇଥିବା ଶବର କହିଛନ୍ତି। ଏ ସମ୍ପର୍କରେ ଗୁଣପୁର ଉପଜିଲାପାଳ ଅଭିଷେକ ବିଲାପ ଧୁଧାଲଙ୍କୁ ଯୋଗାଯୋଗ କରିବାରୁ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ହେଲେ ବିଷମକଟକ ଶିକ୍ଷା ବିଭାଗ କାହିଁକି ବିନା ଲୋଗୋରେ ପୋଷାକ ବଣ୍ଟନ କରିଛନ୍ତି ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଷମକଟକ ବ୍ଲକବାସୀ ଦାବି କରିଛନ୍ତି।

# ପିଲାଙ୍କ ପ୍ରତିଭା ବିକଶିତ କରେ ସୁରଭି

କଲ୍ୟାଣସିଂହପୁର,୬।୧୧ (ଦୀପକ କୁମାର ପରିଡ଼ା )

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବାରା ପ୍ରସାଦ ରାଓ, ଏବିଇଓ ମୋହନ ରାଓ କଣ୍ଡାଗିରୀ, ବିଜୟୀ କୁମାର ସେଠୀ, ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣସିଂହପୁରର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦଳାଇ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଶୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଶିଶୁ ମହୋତ୍ସବ ସୁରଭି ଦ୍ୱାରା ପିଲାଙ୍କ ପ୍ରତିଭାର ବିକଶିତ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୩ଟି ପଞ୍ଚାୟତରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରୀ କନିଷ୍ଠ, ବରିଷ୍ଠ, ସର୍ବ ବରିଷ୍ଠ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭାକୁ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସିଆରସିସି ଅନିରୁଦ୍ଧ ସାମନ୍ତରାୟ ଓ ଶିକ୍ଷକ ଜୟରାମ କୁଲେସିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଚୋରା ମଦ ବ୍ୟବସାୟୀଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୬।୧୧(ଆଶିଷ ରଞ୍ଜନ ପଣ୍ଡା)

ଚୋରା ଦେଶୀ ମଦ କାରବାର ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଏସ୍‌ଡିଜେଏମ ବର୍ଷା ଦାସ। ଜରିମାନା ଅନାଦେୟ ଥିଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାୟଗଡ଼ା ଅବକାରୀ ବିଭାଗ ପକ୍ଷରୁ ୨୦୨୪ ଜୁନ ୧୪ ତାରିଖରେ ସ୍ଥାନୀୟ ରୋଉଡ କଲୋନୀ କୋଇଲାପାଡ଼ା ନିକଟରେ ଚଢ଼ାଉ କରାଯାଇ ଚୋରା ମଦ ବ୍ୟବସାୟୀ ଏ. ମମତାଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ ହୋଇଥିଲା। ଏ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

# ବେଆଇନ କ୍ଲିନିକ୍ ଉପରେ ଉପଜିଲାପାଳଙ୍କ ଚଢ଼ାଉ

ଗୁଣପୁର,୬।୧୧( ପ୍ରଦୀପ କୁମାର ପାଢ଼ୀ)

■ **ଖଟିଆ ପକାଇ ଚାଲିଥିଲା ରୋଗୀସେବା**

■ **ଚିକିତ୍ସା ନାଁରେ ଲୋକଙ୍କୁ ଲୁଟୁଛନ୍ତି କ୍ୱାକ୍**


ଗୁଣପୁର ଉପଜିଲାପାଳ ପୋଲିସ ସହାୟତାରେ କ୍ଲିନିକ୍ ଉପରେ ଚଢ଼ାଉ କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳ ଧୁଧାଲ ଅଭିଷେକ ବିଲାପ ଗୁରୁବାର ଗୁଣପୁର ସହରରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍, ପାଥୋଲାବ୍‌ଗୁଡିକ ଉପରେ ଚଢ଼ାଉ କରିଛନ୍ତି। ସେହି କ୍ଲିନିକ୍‌ଗୁଡ଼ିକୁ ଚାବି ପକେଇ ସିଲ୍ କରିବା ସହ କ୍ଲିନିକ୍ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଉପଜିଲାପାଳ ଗୁଣପୁର ଆଦର୍ଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ଏକ ବିଶେଷଜ୍ଞ ଦଳ ପଠାଇ ବେଆଇନ ଭାବେ ଚାଲିଥିବା ସମସ୍ତ କ୍ଲିନିକ୍ ଏବଂ ପାଥୋଲାବ୍‌ଗୁଡ଼ିକର କାଗଜପତ୍ର ଯାଞ୍ଚ କରିବା ନିମନ୍ତେ ଉପଜିଲାପାଳ ଚିଠି ମଧ୍ୟ କରିଛନ୍ତି ।

ଗୁଣପୁର ସହରରେ କ୍ୱାକ୍‌ମାନେ ବିଭିନ୍ନ ସ୍ଥାନରେ କ୍ଲିନିକ୍ ଖୋଲି ରୋଗୀଙ୍କ ଚିକିତ୍ସା କରିବା ନାଁରେ ବ୍ୟାପକ ମାତ୍ରାରେ ଅର୍ଥ ଶୋଷଣ କରୁଛନ୍ତି। ଭୁଲ ଚିକିତ୍ସା କରି ରୋଗୀଙ୍କ ଜୀବନ ସହ ଖେଳି ଆସୁଛନ୍ତି। ଏପରି ଅନେକ ଅଭିଯୋଗ ପ୍ରଶାସନ ନିକଟରେ ପହଞ୍ଚିବା ପରେ ଉପଜିଲାପାଳ ଗୁରୁବାର ପୋଲିସ ସହାୟତାରେ ସହରର ବିଭିନ୍ନ କ୍ଲିନିକ୍, ପାଥୋଲାବ୍ ଉପରେ ଚଢ଼ାଉ କରିଥିଲେ। ପୁରୁଣା ଗୁଣପୁର, ବାଇପାସ୍ ରୋଡ଼, ପୁରୁଣା ବସଷ୍ଟାଣ୍ଡ, ବାଳିକା ଉଚ୍ଚ ବିଦ୍ୟାଳୟ ଛକଠାରେ ଥିବା ଏମ୍ଏମ୍ ମେଡିକସ୍ କ୍ଲିନିକ୍, ଅମୁଲ୍ୟ ଭାରତ, ଲୋଗେଂଶ ଶବର, ଅନନ୍ତ ଦାସ, ଆସ୍ଥା କ୍ଲିନିକ୍, ରାଧିକା ଡକ୍ଟର ଚାମ୍ବର ଭଳି ବିଭିନ୍ନ କ୍ଲିନିକ୍, ପାଥୋଲାବ୍ ଉପରେ ଚଢ଼ାଉ କରିଥିଲେ। କିଛି କ୍ଲିନିକ୍‌ରେ ଖଟିଆ ପକାଇ ରୋଗୀଙ୍କୁ ଚିକିତ୍ସା ଚାଲିଥିବା ଦେଖି ସେମାନଙ୍କୁ ତୁରନ୍ତ ଗୁଣପୁର ସରକାରୀ ଚିକିତ୍ସାଳୟରେ ଭର୍ତ୍ତିକରିବା ନିମନ୍ତେ ଉପଖଣ୍ଡ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଉପଜିଲାପାଳ ବୁଧାଲ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ଲିନିକ୍‌ଗୁଡ଼ିକୁ ସିଲ୍‌କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଗୁଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଆଗକୁ ଏପରି ଚଢ଼ାଉ ଜାରି ରହିବ ବୋଲି ଉପଜିଲାପାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପ୍ରଶାସନର ଏହି ଚଢ଼ାଉ ପରେ ଅନ୍ୟମାନଙ୍କ ମଧ୍ୟରେ ଛନକା ପଶିଛି। ଅନ୍ୟପକ୍ଷେ ବର୍ଷ ବର୍ଷ ଧରି ବିଭିନ୍ନ ଅଞ୍ଚଳରେ ବିନା ପଞ୍ଜୀକରଣରେ ବେଆଇନ ଭାବରେ ଚାଲିଥିବା କ୍ଲିନିକ୍ ଏବଂ ପାଥୋଲାବ୍ ଉପରେ ସ୍ୱାସ୍ଥ୍ୟ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଗଳିକନ୍ଦିରେ ମାଳ ମାଳ କ୍ଲିନିକ ଏବଂ ସଂସ୍ଥାଗୁଡ଼ିକ ଚାଲିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କାହିଁକି ନୀରବଦ୍ରଷ୍ଟା ସାଜିଛି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଆଇନ ଅନୁଯାୟୀ ସହରରେ କେତୋଟି କ୍ଲିନିକ୍ ରହିଛି ତା'ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି । ଉପଜିଲାପାଳଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।


**OFFICE OF THE NOTIFIED AREA COUNCIL, KHALLIKOTE**

Letter No.1745/NAC Khallikote Date : 31.10.2025

"e" Procurement Notice

TENDER REFERENCE NO. : KIT-NAC-02/2025-26

BID ID NO. 2025-ORULB-120435

No.C-1364 : Bid documents consisting of work, Estimated cost, Cost of Tender Paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. website i.e www.tendersodisha.gov.in

| | | |
|---|---|---|
| 1. | Name of the Work | Civil construction works as mentioned in DTCN. |
| 2. | No. of works | 22 No. |
| 3. | Estimated cost | Rs.5.00 lakhs to 19.99 lakhs |
| 4. | Period of completion | As per DTCN |
| 5. | Date & time of availability of bid document in the portal | From 10.00 A.M. of 03.11.2025 to 17.11.2025 up to 5.00 P.M. |
| 6. | Last date / Time for receipt of bids in the portal | 17.11.2025 up to 5.00 P.M. |
| 7. | Last Date / Time of receiving of documents relating of tender Off-line | 18.11.2025 at 10.00 A.M. to 05.00 P.M. |
| 8. | Bids received online shall be opened on | 19.11.2025 at 11.00 A.M. |
| 9. | Name and address of the Officer Inviting Bid | Executive Officer, NAC, Khallikote |

Further details can be seen from the e-procurement portal https://tendersodisha.gov.in

OIPR- Sd/- Executive Officer, NAC, Khallikote



**DIRECTOR OF ECONOMICS & STATISTICS, ODISHA, BHUBANESWAR**

No. 7005/DES-ROMIS-CENSUS-0001-2025 Date: 1.11.25

**ADVERTISEMENT**

No. S-13: Applications are invited for engagement of one IT/Data Expert on temporary basis for a period of one year under the Project Management Unit (PMU) of Irrigation & Spring Census of DE&S, Odisha. For the eligibility and selection criteria, remuneration, ToR and other details please visit the official website: **https://pc.odisha.gov.in & https://des.odisha.gov.in**. Application must reach this office by 15.11.2025 by 5.00 P.M.

OIPR: (Sd./-)

# ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ଚାଷ ଉପରେ ଗୁରୁତ୍ୱ

## ଜିଲାସ୍ତରୀୟ ଶ୍ରୀଅନ୍ନ ଅଭିଯାନ, ମାଣ୍ଡିଆ ଦିବସ ପାଳନ

ମାଲକାନଗିରି,୬ା୧୧
(ଗୌରି ଶଙ୍କର ପଣ୍ଡା)

ମାଲକାନଗିରି ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମାଲକାନଗିରି ଶ୍ରୀ ଅନ୍ନ ଅଭିଯାନ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଗୁରୁବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଏବଂ ସୋମନାଥ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୌଷ୍ଟିକ ଖାଦ୍ୟ, କୃଷି ଓ ଗ୍ରାମୀଣ ଜୀବିକାରେ ମାଣ୍ଡିଆ ଓ ଅନ୍ୟାନ୍ୟ ଶ୍ରୀଅନ୍ନ ଫସଲର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲା। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସିଦ୍ଧାର୍ଥ କର ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀ ମହେଶ ପାଢ଼ୀ ମାଣ୍ଡିଆକୁ ପୋଷଣ ଓ ପରିବେଶ ସହିତ ଜଡିତ ଫସଲ ବୋଲି ବର୍ଣ୍ଣନା କରିଥିଲେ। କେମିତି ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ଚାଷ କରିଯାଇପାରିବ ସେ ନେଇ ଚାଷୀଙ୍କୁ ଅବଗତ କରିଥିଲେ। ଚାଷୀଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ଏବଂ ଚାଷ ବିଷୟରେ ସଚେତନତାମୂଳକ କାର୍ଯ୍ୟକ୍ରମ ବୃଦ୍ଧି କରିବା ପାଇଁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଉପଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ଜିଲା କାର୍ଯ୍ୟକ୍ରମ ପରିଚାଳକ, ୱାସୱାନର କର୍ମକର୍ତ୍ତା, ଶ୍ରୀ ଅନ୍ନ ଅଭିଯାନରେ ଜଡିତ ବେସରକାରୀ ସଂସ୍ଥା, ଏଫପିଓ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ଚାଷୀ ଯୋଗଦେଇଥିଲେ। ଏହି ଅବସରରେ ମାଣ୍ଡିଆ ଉତ୍ପାଦ ଖାଦ୍ୟ ରାଗି ଲଡୁ, ବିସ୍କୁଟ ଆଦି ପ୍ରଦର୍ଶିତ କରାଯାଇଥିଲା। ଶେଷରେ ପ୍ରଗତିଶୀଳ କୃଷକ ଓ ଏସ୍‌ଏଚଜି ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଯେଉଁଥିରେ ଚିତ୍ରକୋଣ୍ଡା ବ୍ଲକର ତୁଳା ଦଳେଇ, କୋରୁକୋଣ୍ଡା ବ୍ଲକର ସାବିତ୍ରୀ, ଖଇରପୁଟ ବ୍ଲକର ସବିତା ଚପାଡ଼ି, ମାଲକାନଗିରି ବ୍ଲକର ଭାନୁମତୀ ପାଙ୍ଗି, ମାଥିଲି ବ୍ଲକ ର ଭାନୁମତୀ ପାଙ୍ଗି ଶ୍ରେଷ୍ଠ ମାଣ୍ଡିଆ ଚାଷୀ ଭାବେ ସମ୍ମାନିତ ହୋଇଥିଲେ। ବସନ୍ତ ଖିଲ ଶ୍ରେଷ୍ଠ ସଂରକ୍ଷିତ ଚାଷୀ, ସମାରି ନାୟକ ଶ୍ରେଷ୍ଠ ମହିଳା ମଣ୍ଡି ଉଦ୍ୟୋଗୀ, ମା' ବିରଜା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରଯାଇଥିଲା। ମହେଶ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସମସ୍ତେ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ମାଣ୍ଡିଆ ଚାଷ ଓ ଖାଦ୍ୟ ବ୍ୟବହାର ବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଥିଲେ।


ଅତିଥି ମାଣ୍ଡିଆ ଉତ୍ପାଦ ଖାଦ୍ୟ ପ୍ରଦର୍ଶନୀ ମେଳା ବୁଲି ଦେଖୁଛନ୍ତି।

# ୧୯ରୁ ୩ ଦିନ ଧରି କରାଯିବ ବିଭିନ୍ନ କାର୍ଯ୍ୟକ୍ରମ


ବୈଠକରେ ଆଲୋଚନା କରାଯାଉଛି।

## ଜିଲାସ୍ତରୀୟ ପରବ ୨୦୨୫ ନେଇ ମ୍ୟୁନିସିପାଲିଟିର ପ୍ରସ୍ତୁତି ବୈଠକ

କୋରାପୁଟ, ୬ା୧୧
(ଅମିତାଭ ବେହେରା)

କୋରାପୁଟ ଲୋକ ମହୋତ୍ସବ ପରବ ୨୦୨୫ ଜିଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମ ନେଇ ଗୁରୁବାର କୋରାପୁଟ ମ୍ୟୁନିସିପାଲିଟିରେ ପ୍ରସ୍ତୁତି ବୈଠକ କରାଯାଇଛି। ମ୍ୟୁନିସିପାଲିଟି ସଭାଗୃହରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ କରାଯାଇଛି। ୧୨ ତାରିଖରେ ଲକ୍ଷ୍ମୀପୁର ବ୍ଲକ କୁଟୁଣିପଦରରୁ ପରବ ଶୁଭାରମ୍ଭ ହେବ। ଜିଲାସ୍ତରୀୟ ପରବ ମହୋତ୍ସବ ଶୁଭାରମ୍ଭ ପରେ ୧୯,୨୦ ଓ ୨୧ ତାରିଖରେ କୋରାପୁଟ ମ୍ୟୁନିସିପାଲିଟି ସ୍ତରୀୟ ପରବ ମହୋତ୍ସବ ପାଳନ କରାଯିବ। ଆସନ୍ତା ୧୯ ତାରିଖରେ କ୍ରୀଡା ପ୍ରତିଯୋଗିତା, ୨୦ରେ ବିଭିନ୍ନ ଆଦିବାସୀ ଲୋକ ନୃତ୍ୟ ସହ କଳାକୁ ନେଇ ବିଭିନ୍ନ ବର୍ଗର ପ୍ରତିଯୋଗିତା ହେବ। ୨୦ ତାରିଖ ସନ୍ଧ୍ୟାରେ ମ୍ୟୁନିସିପାଲିଟିସ୍ତରୀୟ ପରବ ମହୋତ୍ସବ ମୁଖ୍ୟ ସମାରୋହ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ କଟିମ, ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରୀପାଠୀ, ନିର୍ବାହୀ ଯନ୍ତ୍ରୀ ମନୋଜ ପାତ୍ର, କାଉନସିଲର କାଦମ୍ବିନୀ ସେଠୀ, ସନ୍ଧ୍ୟାରାଣୀ ଜେନା, ଚନ୍ଦ୍ର ପ୍ରଭା ହିଆଲ, ଲେହା ପ୍ରଧାନ, ସୁଭଦ୍ରା ମୁଦୁଲି, ପଦ୍ମା ମୁଦୁଲି, ରଶ୍ମିତା ନାୟକ, ମାଲେଶ୍ୱର ରାଓ, ପ୍ରଫୁଲ୍ଲ ମହାପାତ୍ରଙ୍କ ସହ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସିମା ପଢିହାରି କାଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୫୧ କଇଁଛ ଜବତ, ୨ ଗିରଫ

ମାଲକାନଗିରି,୬ା୧୧
(ଦୁର୍ଯ୍ୟୋଧନ ପାତ୍ର)


ଜବତ କଇଁଛ ସହ ଗିରଫ ୨ ଅଭିଯୁକ୍ତ ।

ମାଲକାନଗିରି ଜିଲା ମୋଟୁ ବନାଞ୍ଚଳ ଓ ରାଜସ୍ୱ ଅଧିକାରୀ ମିଳିତ ଭାବେ ଚଢାଉ କରି ୫୧ କଇଁଛ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୋଟୁ ଥାନା ଲଛିପେଟା ପୋଷ୍ଟ ଅନ୍ତର୍ଗତ ଏମ୍.ପି.ଭି. ୪୭ ଗ୍ରାମର ସୁରଜ ମଣ୍ଡଳ ଓ ଏମ୍.ଭି. ୮୧ ଗ୍ରାମର ଜୟନ୍ତ ବାଛାଡ।

ବିଶେଷ ସୂତ୍ରରୁ ଖବରପାଇ ମୋଟୁ ବନ କର୍ମଚାରୀ ଓ ରାଜସ୍ୱ ଅଧିକାରୀ ଏକ ଦଳ ଗଠନ କରି ମୋଟୁ ବନାଞ୍ଚଳ କମାରଗୁଡା ଗ୍ରାମ ନିକଟରେ ଜଗି ରହିଥିଲେ। ଏହି ସମୟରେ ଏକ ବାଇକ୍ ଆସୁଥିବା ଦେଖି ସନ୍ଦେହ କରି ଗାଡି ଅଟକାଇ ଯାଞ୍ଚ କରିବାରୁ ୨ଟି ବସ୍ତାରେ ୫୧ କଇଁଛ ଥିବା ଜାଣି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶର ଭେମୁଲାରାଇ ଅଞ୍ଚଳରୁ ଜଣେ ବିକ୍ରେତାଙ୍କଠାରୁ ଜୀବନ୍ତ କଇଁଛ କିଣିକି ଡଙ୍ଗା ଯୋଗେ ଓଡିଶା ସୀମା ପାର ହୋଇ କୁର୍ସନପାଲ୍ଲୀ ଘାଟ ଅଞ୍ଚଳକୁ ଆସିଥିଲେ। ସେଠାରୁ କଇଁଛଗୁଡିକୁ ଏମ୍‌ପି.ଭି-୪୭ ଗ୍ରାମକୁ ପରିବହନ କରୁଥିଲେ। ତେବେ ଏହି କଇଁଛ ରାତ୍ର ସମୟରେ ପରିବହନ କରିବାରୁ ଯୋଜନା କରୁଥିବା ବେଳେ ବନବିଭାଗ ଓ ରାଜସ୍ୱ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୋଟର ସାଇକେଲ ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବାଲିମେଳାରେ ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ବାଲିମେଳା,୬ା୧୧ ( ଶିବଦତ୍ତ ସାହୁ )

ମାଲକାନଗିରି ଜିଲାପାଳ ସୋମେଶ ଉପାଧ୍ୟାୟ ଗୁରୁବାର କୋରୁକୋଣ୍ଡା ବ୍ଲକ ଗସ୍ତ କରି ବାଲିମେଳା ଏନ୍‌ଏସି ଅନ୍ତର୍ଗତ ସହରରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଜିଲାପାଳଙ୍କ ସହ କୋରୁକୋଣ୍ଡା ବିଡ଼ିଓ ଅମୂଲ୍ୟ କୁମାର ସାହୁ ପ୍ରଥମେ ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ନୂତନ ଏନ୍‌ଏସି କାର୍ଯ୍ୟାଳୟ ଗୃହ ଏବଂ ନୂତନ ସହରୀ ବିକାଶ ଯୋଜନା, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଏବଂ ପୌର ପରିଷଦ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଏହା ସହିତ ଏକ ଏନଫୋର୍ସମେଣ୍ଟ ଟିମ୍ ଗଠନ କରି ତୁରନ୍ତ ବାଲିମେଳା ସହରର ବିଭିନ୍ନ ରାସ୍ତା କଡ଼ରେ ବସୁଥିବା ଉଠା ବ୍ୟବସାୟୀଙ୍କୁ ଦୈନିକ ବଜାରରେ ଥିବା ଦୋକାନରେ ଥଇଥାନ କରିବା ପାଇଁ ଜିଲାପାଳ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମେଡିକାଲ ଛକ ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖ ରାସ୍ତାର ଅପର ପାର୍ଶ୍ୱର ତଳ ମହଲାରେ ମାର୍କେଟ କମ୍ପ୍ଲେକ୍ସ କରାଯିବା ସହ ଉପର ମହଲାରେ ଏକ ସିନେମା ହଲ ନିର୍ମାଣ କରାଯିବା ନେଇ ପ୍ରସ୍ତାବ ରହିଥିବା କହିଥିଲେ। ଏହାପରେ ସେ କଳିଙ୍ଗ ଆଦର୍ଶ ବିଦ୍ୟାଳୟ ଯାଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ତାଙ୍କର ଭଲମନ୍ଦ ସମ୍ପର୍କରେ ପଚାରି ବୁଝିବା ସହ ପିଲାଙ୍କୁ ପାଠ ପଢ଼ାଇଥିଲେ। ଏ ସମ୍ପର୍କରେ ବାଲିମେଳା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ମାର୍କେଟ କମ୍ପ୍ଲେକ୍ସ ଓ ସହରୀ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ସିନେମା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଚୟନ ହୋଇନାହିଁ। ଖୁବଶୀଘ୍ର ସ୍ଥାନ ସ୍ଥିର କରି ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଜିଲାପାଳ ଫେରିବା ରାସ୍ତାରେ ଚିତାପରୀ ୩ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ।


ଜିଲାପାଳ ଏବଂ ବିଡିଓ ବାଲିମେଳା ଦୈନିକ ବଜାର ଭିତର ପରିଦର୍ଶନ କରୁଛନ୍ତି।

# 'ଆମକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଆବଶ୍ୟକ ନାହିଁ'

- ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବିରୋଧ
- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାରାଙ୍ଗୁଲ ପଞ୍ଚାୟତବାସୀ

କୋରାପୁଟ, ୬ା୧୧
(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଚାରାଙ୍ଗୁଲ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବା ନେଇ ଜିଲା ପ୍ରଶାସନ ପ୍ରସ୍ତାବ ଦେଇଛି। ଏହାକୁ ବିରୋଧକରି ପଞ୍ଚାୟତବାସୀ ଗୁରୁବାର ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ଭେଟିଥିଲେ। ଆମକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଆବଶ୍ୟକ ନାହିଁ ବୋଲି ପଞ୍ଚାୟତବାସୀ କହିଛନ୍ତି।

ସରପଞ୍ଚ ଫୁଲମତି ପୂଜାରୀଙ୍କ କହିବା ଅନୁସାରେ ଚାରାଙ୍ଗୁଲ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସାମିଲକରିବା ପାଇଁ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି। ଚାରାଙ୍ଗୁଲ ପଞ୍ଚାୟତରେ ଗରିବ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ସେମାନେ ସାଧାରଣତଃ ଚାଷ ଉପରେ ନିର୍ଭରକରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ପଞ୍ଚାୟତକୁ ଆସୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇପାରୁଛନ୍ତି। ଯଦି ଚାରାଙ୍ଗୁଲ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ସାମିଲ କରାଯିବ ତେବେ ସେସବୁ ସୁବିଧା ମିଳିବ ନାହିଁ। ଆମେ ପଞ୍ଚାୟତରେ ରହିବା ପାଇଁ ଚାହୁଁଛୁ ବୋଲି ପଞ୍ଚାୟତବାସୀ କହିଛନ୍ତି। ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଜିଲାପାଳଙ୍କ ସହ ମଧ୍ୟ ଆଲୋଚନା କରିବା ସାଙ୍ଗକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସାମାଜିକ କର୍ମୀ ରମିଲ କୁଲଦୀପ, ପୂର୍ବତନ ସରପଞ୍ଚ ଶେଖର ଇଣ୍ଡିଙ୍ଗ, ସୁଦାମ କୁଲଦୀପ, ପଦୁ ମୁଦୁଲି, ରଞ୍ଜିତ କୁଲଦୀପ, ଭକ୍ତ ଗୌଡ଼, ରାମ ବିଷୋୟୀ, ରାମ ଇଣ୍ଡିଙ୍ଗ, ବାସୁଦେବ ପୂଜାରୀଙ୍କ ସମେତ ଜନ ପ୍ରତିନିଧି ଓ ପଞ୍ଚାୟତ ବାସିନ୍ଦା ଉପସ୍ଥିତ ଥିଲେ।


କୋରାପୁଟ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାରାଙ୍ଗୁଲ ପଞ୍ଚାୟତବାସୀ।

# ତମାଖୁ ଦୋକାନରେ ଚଢ଼ାଉ



ତମାଖୁ ବିକ୍ରି ହେଉଥିବା ଦୋକାନରେ ଚଢ଼ାଉ କରାଯାଉଛି।

ମାଲକାନଗିରି,୬ା୧୧ (ସୁଚିତ୍ରା ଦାସ)

ଗତ ଅକ୍ଟୋବର ୧୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ତମାଖୁ ମୁକ୍ତ ଭାରତ ଗଠନ ଅଭିଯାନ ଚାଲିଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଜିଲା ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ଦୋକାନରେ ଚଢାଉ କରାଯାଇଛି । ଜିଲା ସଦରରେ ଥିବା ବିଭିନ୍ନ ଦୋକାନରେ ଗଚ୍ଛିତ ଥିବା ଗୁଟଖା, ତମାଖୁ, ସିଗାରେଟ ଇତ୍ୟାଦି ଜବତ କରିବା ସହ ପ୍ରତି ଦୋକାନରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି। ତେବେ ଆଜି ଗୋଟିଏ ଦିନରେ ପ୍ରାୟ ୧୩୮୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ଯୁବପିଢୀଙ୍କୁ ନିଶା ଠାରୁ ଦୂରେଇ ରଖିବା ପାଇଁ ଏବଂ ଜିଲାକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ଏହି ଚଢାଉ କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ଏହି ଅଭିଯାନ ଜାରି ରହିବ ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ପ୍ରକାଶ କରିଛନ୍ତି। ଏହି ଚଢାଉ ବେଳେ ଡ୍ରଗ୍ସ ଇନ୍ସପେକ୍ଟର ପ୍ରବୀଣ କୁମାର ଜେନା, ଏନ୍‌ଟିସିପି ପରାମର୍ଶଦାତା ଶିବ ସୁନ୍ଦର ପାଣିଗ୍ରାହୀ, ଅବକାରୀ ଓଆଇସି ରମେଶ ସାହୁକାର ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ତ୍ରିରଙ୍ଗାକୁ ଅବମାନନା, ଧାନ କ୍ଷେତରେ ଲାଗିଛି ଜାତୀୟ ପତାକା

କୋରୁକୋଣ୍ଡା,୬ା୧୧ (ଶିବଦତ୍ତ ସାହୁ )

ଆମେ ଭାରତୀୟ ଜାତୀୟ ପତାକାକୁ ସମ୍ମାନ ଦେଇ ତ୍ରିରଙ୍ଗାକୁ ସର୍ବଦା ସର୍ବୋଚ୍ଚରେ ରଖିଥାଉ। ଭାରତରେ ଜାତୀୟ ପତାକାକୁ ଅସମ୍ମାନ ଏକ ଦଣ୍ଡନୀୟ ଅପରାଧ। ହେଲେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ ସଦାଶିବପୁର ଗାଁରେ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଗାଁ ଦେଇ ଯାଇଥିବା ରାଜ୍ୟ ରାଜପଥ କଡ଼ରେ ଧାନକ୍ଷେତରେ ଓଲଟା ହୋଇ ଲାଗିଛି ଜାତୀୟ ପତାକା। ଦୀର୍ଘ ଦିନ ଧରି ଏହି କ୍ଷେତରେ ପତାକାକୁ ଧାନ ଜଗୁଆଳି ଭାବେ ବ୍ୟବହାର କରାଯାଇଛି। ଯେଉଁ ଚାଷୀ ଏଭଳି କାର୍ଯ୍ୟ କରିଛନ୍ତି, ସେ ହୁଏତ ଜାତୀୟ ପତାକାର ମର୍ଯ୍ୟାଦା ସମ୍ପର୍କରେ ଜାଣି ନଥାଇ ପାରନ୍ତି। କିନ୍ତୁ ଏହି ରାସ୍ତା ଦେଇ ବହୁ ଜିଲା ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧିମାନେ ଯାତାୟାତ କରୁଥିଲେ ମଧ ତ୍ରିରଙ୍ଗା ପତାକାକୁ ଅସମ୍ମାନ କରିବାର ଦୃଶ୍ୟ କିଭଳି ତାଙ୍କ ନଜରକୁ ଆସୁନାହିଁ ବୋଲି ପ୍ରଶ୍ନ ଉଠୁଛି। ଚିତ୍ରକୋଣ୍ଡା ବିଧାୟକଙ୍କ ନିଜ ଗ୍ରାମ ପଞ୍ଚାୟତ ସୋମନାଥପୁରର ସଦାଶିବପୁର ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଜାତୀୟ ପତାକାକୁ ଏଭଳି ସ୍ଥାନରେ ଦିନରାତି ରଖିବା ଏକ ଗୁରୁତର ଅପରାଧ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।


ଧାନ ଜମିରେ ଓଲଟା ହୋଇ ଲାଗିଥିବା ତ୍ରିରଙ୍ଗା।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଡିଆ,୬ା୧୧
(ଭାସ୍କର ରାଓ)


ଶିବିରରେ ଉପସ୍ଥିତ ଅତିଥି ଏବଂ ଡାକ୍ତର।

ମାଲକାନଗିରି ଜିଲା ପଡିଆ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ଅଧିକାରୀ ଦେଶା କମରାମିଙ୍କ ନେତୃତ୍ୱରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଡିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର, ଏମ୍‌ପି ପ୍ରତିନିଧି ପି ଭେଙ୍କେଟେଶ୍ୱର ରାଓ, ବିଧାୟକ ପ୍ରତିନିଧି ମନଦୀପନ ରାୟ, ୮ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ଅଭିତ ହୁସେନ, ଡାକ୍ତର ସଞ୍ଜୀବ କୁମାର କର, ଡାକ୍ତର ନିରଞ୍ଜନ ବେହେରା, ଡାକ୍ତର ବ୍ରଜେଶ ବେହେରା ଯୋଗଦେଇ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମୋଟ ୪୦୩ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପରୀକ୍ଷା କରାଯାଇଥିଲା । ଏଥିମଧ୍ୟରେ ୨୦୭ ଚିକିତ୍ସା ବାଧକ, ୨୮ ଜଣ ମାନସିକ ବିକାର ଗ୍ରସ୍ତ, ୧୮ ଚଳନ ଅସମର୍ଥ ବା ଚଳନ ବାଧକ, ୬୫ ଦୃଷ୍ଟି ବାଧକି, ୮୫ ମୁକ ବଧିର ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦୁରା କବାସୀଙ୍କ ସହଯୋଗରେ ସମସ୍ତ ଆୟୋଜନ କରାଯାଇଥିଲା ।

# ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ କରିବାକୁ ପରାମର୍ଶ

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣିସମ୍ପଦ ମେଳା

କୋରୁକୋଣ୍ଡା,୬ା୧୧ (ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ପକ୍ଷରୁ କୋରୁକୋଣ୍ଡା ବ୍ଲକ୍ ସଦର ଖେଳ ପଡ଼ିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଗଗନ ଚରଣ ନାୟକ ମଞ୍ଚ ପରିଚାଳନା କରିଥିଲେ। ଆବାହକ ଭାବେ ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅବିନାଶ ମାଝୀ, ସହ ଆବାହକ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା, ଡାକ୍ତର ରାଜେଶ କୁମାର କଅଁର, ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ମାଲକାନଗିରି ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଇତିଶ୍ରୀ ଦାସ, ଜିଲା ଓମ୍‌ଫେଡ୍ ଦାୟିତ୍ୱରେ ଥିବା ଅଧିକାରିଣୀ ମାନସୀ କର ପ୍ରମୁଖ ମଞ୍ଚାସୀନ ଥିଲେ। ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷ, ଉନ୍ନତ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଉତ୍ପାଦନ, ମତ୍ସ୍ୟଚାଷ, ଗୋପାଳନ, ଉଦ୍ୟାନ କୃଷିକୁ ଉପଯୋଗ କରିବା ନିମନ୍ତେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱ ଦେଇଥିଲେ।

ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ କୃଷିକୁ ଗୁରୁତ୍ୱଦେବା ନିମନ୍ତେ ଜିଲା ପ୍ରାଣୀ ଚିକିତ୍ସକ ଡାକ୍ତର ନାୟକ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷି, ପଶୁପାଳନ, କୁକୁଡ଼ା, ଛେଳି, ମତ୍ସ୍ୟ, ଯାଆଁଳ ଚାଷ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଆତ୍ମନିର୍ଭର ଚାଷୀଙ୍କୁ ୧ ହଜାର ଟଙ୍କା ସମେତ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ୩ ଜଣ ମତ୍ସ୍ୟଚାଷୀଙ୍କୁ ନୂତନ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଥିଲା। ପରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମତ୍ସ୍ୟଚାଷ ଏବଂ ଗୋପାଳନ ସମ୍ବନ୍ଧରେ ଉପସ୍ଥିତ ଅଧିକାରୀଙ୍କଠାରୁ ବିଭିନ୍ନ ଜ୍ଞାନ ଆହରଣ କରିଥିଲେ। ଅଞ୍ଚଳରେ ଥିବା ଗୋରୁ, ଛେଳି, ମେଣ୍ଢା ତଥା ଅନ୍ୟ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ବିଭାଗ ପକ୍ଷରୁ ମୋବାଇଲ ଆମ୍ବୁଲାନ୍ସ ଅଞ୍ଚଳରେ ବୁଲୁଥିବା ବେଳେ ଏହାର ଟୋଲ୍ ଫ୍ରି ନଂ. ୧୯୬୨ରେ କଲ୍ କରିବାକୁ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ମାଝୀ କହିଥିଲେ। ଶେଷରେ କୋରୁକୋଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ସୌମେନ୍ଦୁ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅଧିକାରୀମାନେ।

**OFFICE OF THE NOTIFIED AREA COUNCIL, KHALLIKOTE**

Letter No.1745/NAC Khallikote Date : 31.10.2025

"e" Procurement Notice
TENDER REFERENCE NO. : KIT-NAC-02/2025-26
BID ID No. 2025-ORULB-120435

No.C-1364 : Bid documents consisting of work, Estimated cost, Cost of Tender Paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. website i.e www.tendersodisha.gov.in

| | | |
|---|---|---|
| 1. | Name of the Work | : Civil construction works as mentioned in DTCN. |
| 2. | No. of works | : 22 No. |
| 3. | Estimated cost | : Rs.5.00 lakhs to 19.99 lakhs |
| 4. | Period of completion | : As per DTCN |
| 5. | Date & time of availability of bid document in the portal | : From 10.00 A.M. of 03.11.2025 to 17.11.2025 up to 5.00 P.M. |
| 6. | Last date / Time for receipt of bids in the portal | : 17.11.2025 up to 5.00 P.M. |
| 7. | Last Date / Time of receiving of documents relating of tender Off-line | : 18.11.2025 at 10.00 A.M. to 05.00 P.M. |
| 8. | Bids received online shall be opened on | : 19.11.2025 at 11.00 A.M. |
| 9. | Name and address of the Officer Inviting Bid | : Executive Officer, NAC, Khallikote |

Further details can be seen from the e-procurement portal https://tendersodisha.gov.in

OIPR-
Sd./- Executive Officer, NAC, Khallikote

**DIRECTOR OF ECONOMICS & STATISTICS, ODISHA, BHUBANESWAR**

No. 7005/DES-ROMIS-CENSUS-0001-2025 Date: 1.11.25

**ADVERTISEMENT**

No. S-13: Applications are invited for engagement of one IT/Data Expert on temporary basis for a period of one year under the Project Management Unit (PMU) of Irrigation & Spring Census of DE&S, Odisha. For the eligibility and selection criteria, remuneration, ToR and other details please visit the official website: **https://pc.odisha.gov.in & https://des.odisha.gov.in.** Application must reach this office by 15.11.2025 by 5.00 P.M.

OIPR: (Sd./-)

## କଣ୍ଠଶିଳ୍ପୀ ଏଚ୍.ବଚନଙ୍କ ପରଲୋକ

ଜୟପୁର,୬।୧୧(ପବନ ପାଣିଗ୍ରାହୀ)



ଆଦିବାସୀ ଦେଶିଆ ଗୀତକୁ ଘରେ ଘରେ ତଥା ରାଜ୍ୟସ୍ତରରେ ପହଞ୍ଚାଇଥିବା ଜୟପୁର ସହରର କଣ୍ଠଶିଳ୍ପୀ ଏଚ୍. ବଚନଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଖବରପାଇ ଅନେକ କଳାକାର ଶେଷ ଦର୍ଶନ କରିବାକୁ ତାଙ୍କ ବାସଭବନକୁ ଯାଇଥିଲେ। ଶୁକ୍ରବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ କଣ୍ଠରେ ଗାଇଥିବା ଲୋକପ୍ରିୟ ଦେଶିଆ ଗୀତ ନୂଆସାହି କିଜାମବାଡ ସାହି, କାଳିଆ ମଇଷି, ଉଦିଆ ଜନପରା ଗୀତ ଅନ୍ୟତମ। ନୂଆସାହି କି ଜାମବାଡ ସାହି ଗୀତ ରିଲିଜ ହେବା ପରେ ରାତାରାତି ଏହି ଗୀତ ଅବିଭକ୍ତ କୋରାପୁଟ ଜିଲାର ପୁରପଲ୍ଲୀ ସମେତ ଓଡ଼ିଶାରେ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିଲା। ଏହି ଗୀତରେ ସେ ଦେଶିଆ ଶବ୍ଦର ପ୍ରୟୋଗ କରି ଗୀତକୁ ଭିନ୍ନ ସ୍ୱାଦର କରି ଗଢି ତୋଳିଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର,୬।୧୧(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ହେଉଥିବା ଖବରପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସୂଚନାନୁଯାଇ ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ହଦଲି ରାସ୍ତାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ୮.୪ ଲିଟର ଦେଶି ମଦ ନେଇ ଯାଉଥିବା ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରୀ ହରିନ ସୁଚନା ଦେଇଛନ୍ତି।

# ପରିବେଶ, ସ୍ୱାସ୍ଥ୍ୟ ହିତକର ପୁଷ୍ଟିଶସ୍ୟର ପ୍ରଚାର ଲକ୍ଷ୍ୟ

କୋରାପୁଟରେ ଜିଲାସ୍ତରୀୟ ମାଣ୍ଡିଆ ଦିବସ

- ଜିଲାର ୧୨ ଜଣ ଅଗ୍ରଣୀ ଚାଷୀ ପୁରସ୍କୃତ

କୋରାପୁଟ,୬।୧୧(ଅମିତାଭ ବେହେରା)

କୋରାପୁଟସ୍ଥିତ ସଭାବନା ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଅତିରିକ୍ତ ଜିଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମାଣ୍ଡିଆ ରାଣୀ ଡ. ରାଇମତୀ ଘିଉରିଆ, ସିଡ୍ ଗର୍ଲ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ହିତକର ପୁଷ୍ଟିଶସ୍ୟର ବହୁଳ ପ୍ରଚାର ବ୍ୟବହାର କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ।

କୋରାପୁଟ ଜିଲାର ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି। ନୂତନ ପ୍ରଣାଳୀରେ ଚାଷ କରି କିପରି ଉତ୍ପାଦନ ବୃଦ୍ଧି ହେବ ସେଥି ନିମନ୍ତେ ଚାଷୀମାନଙ୍କୁ ତାଲିମ ଦିଆଯାଉଛି। କୋରାପୁଟ ଜିଲାରେ ବାର୍ଷିକ ୨.୫ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲାପାଳ କହିଛନ୍ତି। ମାଣ୍ଡିଆକୁ ନିତିଦିନ ଖାଇବାରେ ବ୍ୟବହାର କରିବାକୁ ସେ ନିବେଦନ କରିଛନ୍ତି। ଏହାଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ସହ ଚାଷୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ଆର୍‌ଆର୍‌ଟିଏସ୍‌ର ଡ.ପର୍ଶୁରାମ ସିଆଲ, କେଭିକେର ବୈଜ୍ଞାନିକ ଡ. ସୁନୀତା ଦଣ୍ଡସେନା ଯୋଗଦେଇ ତଥ୍ୟଭିତ୍ତିକ ରିପୋର୍ଟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ୧୨ ଜଣ ଅଗ୍ରଣୀ ଚାଷୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ ଡାକ୍ତର ନୀଳମାଧବ ଶତପଥୀ, ଏଡିଇଓ ଅର୍ପିତା ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, ନାରାୟଣପାଟଣା କୃଷି ଜିଲା ଅଧିକାରୀ ସନ୍ତୋଷ ଦଳବେହେରା, ଏଡିଏଚ୍ ପୂର୍ଣ୍ଣଜୟ ପାଣିଗ୍ରାହୀ, ଟିଡିକଲର ଆଶୁତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ମିଲେଟ ପ୍ରଦର୍ଶନୀ ମେଳାକୁ ଜିଲାପାଳ ଶୁଭାରମ୍ଭ କରିଥିଲେ। ପ୍ରଦର୍ଶନୀରେ ଜିଲାରୁ ଉତ୍ପାଦିତ ମାଣ୍ଡିଆ, କାଙ୍ଗୁ ସମେତ ବିଭିନ୍ନ ମିଲେଟ, କୃଷି ସାମଗ୍ରୀ ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ଆଦି ପ୍ରଦର୍ଶିତ ହୋଇଥିଲା। ପ୍ରକାଶ ଯେ, ୨୦୨୨ରୁ ମାଣ୍ଡିଆ ଦିବସ ପାଳନ କରାଯାଉଛି। ମାର୍ଗଶୀର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଏ।



ଜିଲାପାଳ ମିଲେଟ ପ୍ରଦର୍ଶନୀ ମେଳାର ଶୁଭାରମ୍ଭ କରୁଛନ୍ତି।

# କୋଟପାଡ଼ରେ ଖୋଲିଲା ଜିଲା ଓ ସେସନ ଜଜ୍‌ଙ୍କ ସର୍କିଟ କୋର୍ଟ

ଚାନ୍ଦିଲି(କୋଟପାଡ଼), ୬।୧୧ (ମୁକ୍ତେଶ୍ୱର ନାୟକ)

ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କୋଟପାଡ଼ ସିଭିଲ କୋର୍ଟ ପରିସରରେ ଜୟପୁରଠାରେ ଥିବା କୋରାପୁଟ ଜିଲା ଏବଂ ଫୌଜଦାରୀ ଅଦାଲତଙ୍କ ସର୍କିଟ ଅଦାଲତ ଗୁରୁବାର ବିଧିବଦ୍ଧ ଭାବେ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଫୌଜଦାରୀ ବିଚାରପତି ପ୍ରଦୀପ କୁମାର ମହନ୍ତ କୋଟପାଡ଼ ଅଞ୍ଚଳର ବିଭିନ୍ନ ମକଦ୍ଦମା ଗୁଡିକର ସାକ୍ଷ୍ୟ ବିଚାର କରିବା ସହ ବିଚାରାଧୀନ ବନ୍ଦୀଙ୍କ ଜାମିନ ଶୁଣାଣି କରିଥିଲେ।

ସୂଚନା ଯୋଗ୍ୟ ଯେ, ଦୀର୍ଘ ବର୍ଷ ଧରି କୋଟପାଡ଼ ଓକିଲ ସଂଘ ପକ୍ଷରୁ ସେସନ କୋର୍ଟ, ମହିଳା କୋର୍ଟ, ପରିବାର କୋର୍ଟ, ପକ୍‌ସୋ କୋର୍ଟ ଏବଂ ସିଭିଲ ଜଜ କୋର୍ଟ ନିମନ୍ତେ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାବି କରାଯାଉଥିଲା। ଅଦାଲତ ଓକିଲ ସଂଘ ଦାବୀକୁ ହୃଦୟଙ୍ଗମ କରି ସମସ୍ତ କୋର୍ଟରେ ସର୍କିଟ କୋର୍ଟ ପ୍ରଦାନ କରିଥିଲେ। ସଂଘ ପକ୍ଷରୁ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସଭାପତି ବାବୁଲି ନାୟକ, ପୂର୍ବତନ ସଭାପତି ପଙ୍କଜ ପାତ୍ର, ଜିତେନ୍ଦ୍ରନାଥ ମହାପାତ୍ର, ଶଙ୍କର ପ୍ରସାଦ ପଣ୍ଡା ପ୍ରମୁଖ ଧନ୍ୟବାଦ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ କୋଟପାଡ଼ରେ ସିଭିଲ ଜଜ କୋର୍ଟ ପ୍ରତିଷ୍ଠା ନେଇ ହାଇକୋର୍ଟଙ୍କ ନିକଟରେ ସଂଘ ପକ୍ଷରୁ ଦାବି ଉପସ୍ଥାପନା କରାଯାଇଛି। ଏବେ ଅଦାଲତଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଥିବା ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ କୋଟପାଡ଼ ଜେଏମ୍‌ଏଫ୍‌ସି ତ୍ରିଜୀବ କୁମାର ନନ୍ଦଙ୍କ ଉପସ୍ଥିତିରେ କୋଟପାଡ଼ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ବାବୁଲି ନାୟକ, ପୂର୍ବତନ ସଭାପତି ପଙ୍କଜ ପାତ୍ର, ଜିତେନ୍ଦ୍ର ମହାପାତ୍ର, ଗୁପ୍ତ କୈଳାସ ମହାନ୍ତି, ପ୍ରଦୀପ ବକ୍ସି, ଅଜିତ ପଟ୍ଟନାୟକ, ସୁଧୀର ମହାନ୍ତି, ବାଲକୃଷ୍ଣ ବିଷୋୟୀ, ଦୁର୍ଗାପ୍ରସନ୍ନ ସାହୁ, ଗୁପ୍ତ ପ୍ରସାଦ ବେହେରା, ଲିଙ୍ଗରାଜ ନାୟକ, ଶଙ୍କର ପଣ୍ଡା, ଘନଶ୍ୟାମ ବିଷୋୟୀ, ଖଗପତି ପାତ୍ର, ଅଜିତ ପାତ୍ର, ସଂଗ୍ରାମ ଜେନା, ଚିନ୍ମୟ ଷଡ଼ଙ୍ଗୀ, ବିଦ୍ୟୁତ୍‌ଲତା ମୁଦୁଲି, ନିମେଶ୍ୱରୀ ନାୟକଙ୍କ ସମେତ ଅନେକ ଆଇନଜୀବୀ ଜିଲା ଜଜ ପ୍ରଦୀପ କୁମାର ମହନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଜିଲା ଜଜ ପ୍ରଦୀପ କୁମାର ମହନ୍ତଙ୍କ ସହ ଆଇନଜୀବୀମାନେ।

# ଇଣ୍ଟରସ୍କୁଲ କ୍ରିକେଟ ପ୍ରତିଯୋଗିତା ନେଇ ଖେଳାଳି ଚୟନ

ଜୟପୁର,୬।୧୧(ପବନ ପାଣିଗ୍ରାହୀ)

ଜୟପୁର ଦଶହରା ପଡ଼ିଆଠାରେ କୋରାପୁଟ ଜିଲା ଇଣ୍ଟର ସ୍କୁଲ କ୍ରିକେଟ ଚୟନ ପ୍ରକ୍ରିୟା ଗୁରୁବାର ଆରମ୍ଭ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବା ଟିମ ଆସନ୍ତା ୨୦ ତାରିଖରେ କଟକରେ ହେବାକୁ ଥିବା ଇଣ୍ଟର ସ୍କୁଲ ଟୁର୍ନାମେଣ୍ଟରେ ଭାଗ ନେବେ। ଚୟନ ପ୍ରକ୍ରିୟାରେ କୋରାପୁଟ ଜଲାର ବିଭିନ୍ନ ବିଦ୍ୟାଳୟର ୭୫ ଜଣ ଖେଳାଳୀ ଭାଗ ନେଇଥିଲେ। ଚୟନ କମିଟିର କର୍ମକର୍ତ୍ତା ବାବୁଲା ରାଉତ, ବାପି ପରିଡ଼ା ଓ ବଳରାମ ପାଣିଗ୍ରାହୀ ୬୦ ଜଣ ଖେଳାଳିଙ୍କୁ ଚୟନ କରିଥିଲେ। ୬୦ ଜଣଙ୍କ ମଧ୍ୟରେ ୪ଟି ଟିମ ଗଠନ କରାଯାଇ ସେଥି ମଧ୍ୟରୁ ଗୋଟିଏ କଟକ ଯିବ ବୋଲି ଆୟୋଜନ ରବିନାୟକ ଓ ଅନୁପ ପାତ୍ର ପ୍ରକାଶ କରିଛନ୍ତି। ଶୁକ୍ରବାରଠାରୁ ଉକ୍ତ ୪ ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଆସିଥିବା ଖେଳାଳିମାନେ।

# ଜିଲାସ୍ତରୀୟ ସୁରଭିରେ ୪୨୭ ପ୍ରତିଯୋଗୀଙ୍କ ପ୍ରତିଭା ପ୍ରଦର୍ଶନ

କୋରାପୁଟ,୬।୧୧ (ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଜିଲାସ୍ତରୟ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୧୪ ବ୍ଲକ୍‌ରୁ ୪୨୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି, ଡିଇଓ କରୁଣାକର ଭୁଏ, ଏଡିଇଓ ଚମେଲି ମଜୁମଦାର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜୀବନରେ ସାହସର ସହ ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ସାଂସ୍କୃତିକ ଦଳ ରାଜ୍ୟସ୍ତରୀୟ ସୁରଭିରେ ସଫଳତା ପାଇବ ତାଙ୍କୁ ପରବ ମଞ୍ଚରେ ସୁଯୋଗ ଦିଆଯିବ ବୋଲି କୁହାଯାଇଥିଲା। ବିତର୍କ, ବକ୍ତୃତା, ସଙ୍ଗୀତ,ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ,କୁଇଜ୍,ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଜିଲାର ସମସ୍ତ ବିଇଓ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିଲେ।

ସେହିଭଳି ଉଦ୍‌ଘାଟନୀ ଉତ୍ସବରେ ଡିଇଓ କରୁଣାକର ଭୁଏ, ଏଡିଇଓ ଅର୍ପିତା ପ୍ରଧାନ, ଚମେଲି ମଜୁମଦାର, ସେମିଳିଗୁଡ଼ା ବିଇଓ ଭବାନୀ ପଟ୍ଟନାୟକ, ଏସ୍‌ସିସି ଭେଙ୍କଟେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ସୁରଭିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ସୁରଭିରେ ଭାଗନେବେ ବୋଲି ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ସୂଚନା ଦେଇଛନ୍ତି। ରମେଶ ସାହୁ ଏବଂ ରାଜେନ୍ଦ୍ର ରଥ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷା ବିଭାଗର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ନନ୍ଦପୁରର ୩ ଛାତ୍ରୀଛାତ୍ରଙ୍କ ବାଜିମାତ୍



ନନ୍ଦପୁର ବିଇଓ, ଏବିଇଓଙ୍କ ସହ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଚିରାଗ ଦୀପ କବାଟ।

ନନ୍ଦପୁର, ୬।୧୧ (ତୁଷାର କାନ୍ତ ମହାନ୍ତି)

ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନନ୍ଦପୁର ବ୍ଲକର ୩ ଛାତ୍ରୀଛାତ୍ର ବାଜିମାତ୍ କରିଛନ୍ତି। ଜୋଲାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଚିରାଗ ଦୀପ କବାଟ କୁଇଜ୍ (କନିଷ୍ଠ) ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେହିଭଳି ଥୁବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ମାମାଲି ନିରିକି ଗୀତ ଓ ପାଡୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଉମା ମହେଶ୍ୱରୀ ସେଠୀ ପିଏମ ପୋଷଣ ଶିଳ୍ପ କଳା ପ୍ରତିଯୋଗିତାରେ ଜିଲାସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତିନି ଛାତ୍ରୀଛାତ୍ର ଓ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ ଶୁଭେଚ୍ଛା ଜଣାଇବା ସହ କୃତି ପ୍ରତିଯୋଗୀ ରାଜ୍ୟ ସ୍ତରରେ ସଫଳ ହୁଅନ୍ତୁ ବୋଲି କାମନା କରିଛନ୍ତି।

# ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳକୁ ମିଳିଲାନି ସୁଯୋଗ

- ଦଶମନ୍ତପୁର ବ୍ଲକରେ ବ୍ୟତିକ୍ରମ
- ଦ୍ୱିତୀୟ ହୋଇଥିବା ଦଳ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଲେ

ଦଶମନ୍ତପୁର,(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୧୩ କ୍ଲଷ୍ଟର ଓ ପରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ବିଭିନ୍ନ ପ୍ରତିଯୋଗିତାର ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାର ନିୟମ ରହିଥିବାବେଳେ ଏଠାରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇଛି। ଦଶମନ୍ତପୁରରୁ ଦଳଗତ ନୃତ୍ୟରେ ପ୍ରଥମ ହୋଇଥିବା ଆଇଡିଏସ୍‌ର ଅନାଥ ଅନ୍ତେବାସୀଙ୍କୁ କିନ୍ତୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାକୁ ଦିଆଯାଇ ନ ଥିଲା। ଏହା ବଦଳରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଜଣାପଡ଼ିଛି।

ଚଳିତ ମାସ ୩ ତାରିଖରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଭାଗ ନେବାକୁ ସମସ୍ତଙ୍କୁ ଚିଠି କରାଯାଇଥିଲା। ବ୍ଲକର ୧୩ କ୍ଲଷ୍ଟରରୁ କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେଠାରେ ଆୟୋଜିତ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଆଇଡିଏସ୍‌ର ଅନାଥ ଅନ୍ତେବାସୀ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସୁରଭି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଜିଲାସ୍ତରରେ ଭାଗ ନେବା ପାଇଁ ସେମାନେ ପ୍ରସ୍ତୁତ ହେଉଥିବାବେଳେ ୪ ତାରିଖରେ କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କୁ ମନା କରାଯାଇଥିଲା। ତାଙ୍କ ବଦଳରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଜିଲାସ୍ତରୀୟ ସୁରଭି ପାଇଁ ପଠାଯାଇଥିଲା। ସିଆର୍‌ସିସି ମଧୁସୂଦନ ପାତ୍ରଙ୍କୁ ଏହାର କାରଣ ପଚାରିବାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାମାନେ ଏକ ବେସରକାରୀ ବିଦ୍ୟାଳୟର। ତେଣୁ ସେମାନଙ୍କୁ ବାଦ ଦିଆଯାଇ ଦ୍ୱିତୀୟ ହୋଇଥିବା ବିଦ୍ୟାଳୟକୁ ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପଠାଗଲା ବୋଲି କହିଥିଲେ। ତେବେ ବେସରକାରୀ ବିଦ୍ୟାଳୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ ନାହିଁ ବୋଲି ଯଦି ନିୟମ ରହିଛି ତା ହେଲେ ସେମାନଙ୍କୁ କ୍ଲଷ୍ଟର ଓ ବ୍ଲକ ସ୍ତରରେ କିପରି ସୁଯୋଗ ମିଳିଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୧୭.୧୧.୨୦୨୫ ରୁ ୨୫.୧୧.୨୦୨୫** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

ସମ୍ପତ୍ତି ତନଖି କରିବାର ସମୟ : ୧୭.୧୧.୨୦୨୫ ରୁ ୨୪.୧୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର (ଡୁବୁରି ଶାଖା ପ୍ରବନ୍ଧକ: ୮୦୧୮୫୩୦୦୨୩, କ୍ଷମତାପ୍ରାପ୍ତ ଅଧିକାରୀ ମୋ.: ୯୪୩୮୯୧୨୭୨୬, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର, ରିକଭରୀ ଡିପାର୍ଟମେଣ୍ଟ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଡୁବୁରି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ପୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିଟୀରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/-** + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ଶ୍ରୀକାନ୍ତ ସେଠୀ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ପୋର, ଥାନା: ଟମକା, ଏସ୍‌ଆରଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚଉପାର୍ଶ୍ୱ ରେଉତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣୁ ସେଠୀ | ଟ.୬,୮୧,୨୧୦/- / ଟ.୬୮,୧୨୧/- / ସାଙ୍କେତିକ |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :

ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://baanknet.com / https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://baanknet.com / https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍

ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ।

ସ୍ଥାନ : କେନ୍ଦୁଝର, ତାରିଖ : ୦୬.୧୧.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

इंडियन बैंक Indian Bank इलाहाबाद ALLAHABAD

## ଆଞ୍ଚଳିକ କାର୍ଯ୍ୟାଳୟ, କଟକ

ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪
ଇ-ମେଲ: zocuttack@indianbank.co.in

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

{ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୮(୬) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍}

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ (ସରଫେଶୀ) ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

**ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡ଼ିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗ କରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। **ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବାସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବ୍‌ସାଇଟ୍ : https://www.ebkray.in/baanknet.com**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବକେୟା ପରିମାଣ /ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଟକ ନୟାସଡକ ଶାଖା/ ଋଣଗ୍ରହୀତା: ମେସର୍ସ ଭାରତ ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ମିର୍ଜା ଆକୁବ ଅଲ୍ଲି ବେଗ୍, ପଞ୍ଜିକୃତ କାର୍ଯ୍ୟାଳୟ:** ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମିର୍ଜା ଆକୁବ ଅଲ୍ଲି ବେଗ୍,** ପିତା: ମିର୍ଜା ଅଫସର ଅଲ୍ଲି ବେଗ୍ / **ଗ୍ୟାରେଣ୍ଟିଦାତା: ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ଏ ମିର୍ଜା ଅହମ୍ମଦ ଅଲ୍ଲି ବେଗ୍, ଉଭୟଙ୍କ ଠିକଣା- ସା: ଯୋବ୍ରା ମେନ୍ ରୋଡ୍, ଦାସ ସାହି, ଗୀତା ମେମୋରିଆଲ ହସ୍ପିଟାଲ ସମ୍ମୁଖ, ପୋ.: କଲେଜ ସ୍କୋୟାର, କଟକ-୭୫୩୦୦୩ | **ମିର୍ଜା ଅଫସର ଅଲ୍ଲି ବେଗ୍,** ପିତା: ଏ ମିର୍ଜା ଅହମ୍ମଦ ଅଲ୍ଲି ବେଗଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୨୪/୧୪୪୪, ଖାତା ନଂ.: ୧୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: କଟକ ଟାଉନ ୟୁନିଟ୍ ନଂ.: ୨୫, ସା: ଯୋବ୍ରା-୧, ଚୁନାଭାଟି ରୋଡ୍, ଥାନା: ମାଲଗୋଦାମ ନଂ.: ୨, ତହସିଲ: କଟକ ନଂ.: ୨୩୮, ଜିଲ୍ଲା: କଟକ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପୂର୍ଣ୍ଣ ଚନ୍ଦ୍ର ସାହୁ ଏବଂ ରାସ୍ତା, ଦକ୍ଷିଣ: ମିର୍ଜା ଅଖତାର ଅଲ୍ଲି, ପୂର୍ବ: ମନସୁର ଖାନ୍, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ସାହୁ / **ସମ୍ପତ୍ତି ଆଇଡି: ALLA200008931858** | ୨୯.୦୭.୨୦୧୭ / ୧୨.୧୦.୨୦୧୭ / ୦୬.୧୧.୨୦୨୫ ସୁଦ୍ଧା ଟ.୨,୫୦,୪୧,୫୮୫/- ପରିଶୋଧ ତାରିଖ ପର୍ଯ୍ୟନ୍ତ ପ୍ରଚୁଳ୍ୟ ହାରରେ ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / ଗଠନ୍ମାତକ (ସାଙ୍କେତିକ) | ଟ.୬୫,୧୬,୦୦୦/- / ଟ.୬,୫୧,୬୦୦/- / ଟ.୫୦,୦୦୦/- |

**ଇ-ନିଲାମ ତାରିଖ ଏବଂ ସମୟ: ୨୫.୧୧.୨୦୨୫ (ମଙ୍ଗଳବାର), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା**

**ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୨୪.୧୧.୨୦୨୫ରିଖ ରାତ୍ର ୧୧.୫୫ ଘଟିକା ପର୍ଯ୍ୟନ୍ତ (ଅନ୍‌ଲାଇନ୍‌ରେ) ଅର୍ଥାତ ପୋର୍ଟାଲରେ ଦର୍ଶିତ ନିଲାମ ତାରିଖ ଓ ସମୟ ପୂର୍ବରୁ**

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ: ତା.୧୦.୧୧.୨୦୨୫ରିଖ ଠାରୁ ତା.୧୮.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ**

**ନିୟମ ଓ ସର୍ତ୍ତାବଳୀ :** ୧) ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: **https://www.ebkray.in/baanknet.com** ଦେଖନ୍ତୁ। ସମ୍ଭାବ୍ୟ ନିଲାମଧାରୀମାନେ କ୍ଷମତାପ୍ରାପ୍ତ ଅଧିକାରୀ/ଶାଖାରେ ଯୋଗାଯୋଗ କରିପାରିବେ। ୨) ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଉପର ଦର୍ଶିତ ତାରିଖରେ ଇ-ନିଲାମ ବିକ୍ରୟ ଅନୁଷ୍ଠିତ ହେବା ପାଇଁ **୧୫ଦିନିଆ** ନୋଟିସ୍ ଅଟେ। ୩) ସଫଳ ନିଲାମଧାରୀ ସମସ୍ତ ଖର୍ଚ୍ଚ ଯଥା- ଷ୍ଟାମ୍ପ ଡ୍ୟୁଟି, ବିକ୍ରୟ ସାର୍ଟିଫିକେଟ୍ ରେଜିଷ୍ଟ୍ରେସନ୍ ଯଦି ଥାଏ ତାହା ବହନ କରିବେ। ୪) କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ କରାଯିବାକୁ ଥିବା ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦେୟ, ଲିୟନ, ଏନ୍‌କମ୍ବ୍ରାନ୍ସ, ସମ୍ପତ୍ତି ଟିକସ, ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥାକୁ ଥିବା ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। ୫) କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ କୌଣସି ବିଡ୍‌କୁ ଗ୍ରହଣ କିମ୍ବା ବାତିଲ କିମ୍ବା ବିକ୍ରୟ ସ୍ଥଗିତ/ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାରୀ ରହିଛି। ଦ୍ରଷ୍ଟବ୍ୟ ଏହିକି ଏହି ନୋଟିସ୍ ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିବାକୁ ବ୍ୟାଙ୍କ ଦ୍ୱାରା କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଉନାହିଁ।

**ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।**

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ୍ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତିନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: କଟକ, ତାରିଖ: ୦୬.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ବନ୍ଦେ ମାତରମ୍: ପ୍ରେରଣାର ଉତ୍ସ


ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ

କ'ଣ ଗୋଟିଏ ଗୀତର ଏତେ ଶକ୍ତି ଅଛି? ଜଣେ ସଂଗ୍ରାମୀ ଏହି ଗୀତକୁ ଖୁସିରେ ଗାଇ ଗାଇ ମୃତ୍ୟୁଦଣ୍ଡ ଭୋଗିବା ପାଇଁ ଫାଶିଖୁଣ୍ଟରେ ଝୁଲିପଡ଼ିବ? କ'ଣ ଗୋଟିଏ ଗୀତର ଏତିକି ତାକତ ଅଛି, ଯାହାର ଶବ୍ଦର ପ୍ରେରଣା ନିଜ ଜୀବନକୁ ତିଳ ତିଳ ଦଗ୍ଧ କରି ନିଜ ଦେଶମାତୃକାର ଚରଣ କମଳରେ ସମର୍ପି ଦେବ? ସ୍କୁଲ କଲେଜରେ ପଢୁଥିବାବେଳେ କ୍ଷୁଦିରାମ ବୋଷଙ୍କ ବଳିଦାନ କାହାଣୀ ମୋତେ ବେଶ୍ ଆକର୍ଷିତ କରୁଥିଲା। କ୍ଷୁଦିରାମ ବୋଷ ବନ୍ଦେ ମାତରମ୍ ଗାଇ ଗାଇ ନିଜ ଜୀବନକୁ ମା' ଭାରତୀର ପାଦପଦ୍ମରେ ସମର୍ପି ଦେବାର କଥା ଇତିହାସ କହେ। ହୁଏତ ଆମ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମର ଶ୍ରେୟ କେବଳ କେତୋଟି ପରିବାରରେ ସୀମିତ କରିବା ପାଇଁ ଅପଚେଷ୍ଟା କରାଯାଇଥାଇପାରେ। ମାତ୍ର ଆମର ସ୍ୱାଧୀନତା ସଂଗ୍ରାମ ଥିଲା ବିରାଟ ଜନ ଆନ୍ଦୋଳନ। କେତୋଟି ପରିବାର ନୁହେଁ, ଆମ ଦେଶର ଲକ୍ଷ ଲକ୍ଷ ଯୁବପିଢ଼ିଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନର ଭିତ୍ତିଭୂମି ଉପରେ ଠିଆ ହୋଇଛି ଆମର କଷ୍ଟଲବ୍ଧ ସ୍ୱାଧୀନତା।

ମୋର ମନେଅଛି ୩ ଅକ୍ଟୋବର ୨୦୧୪। ଏହି ଦିନ ଥିଲା ପବିତ୍ର ବିଜୟା ଦଶମୀ। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଆରମ୍ଭ କଲେ ତାଙ୍କର ରେଡିଓଭିତ୍ତିକ ଜନ ସମ୍ବାଦର କାର୍ଯ୍ୟକ୍ରମ 'ମନ୍ କୀ ବାତ୍'। ପ୍ରଥମ ଅଧ୍ୟାୟରୁ ସଦ୍ୟତମ ୧୨୭ତମ ଅଧ୍ୟାୟ ଅକ୍ଟୋବର ୨୬ ତାରିଖ ପର୍ଯ୍ୟନ୍ତ ଏମିତି କୌଣସି 'ମନ୍ କୀ ବାତ୍' ନାହିଁ, ଯାହାଙ୍କୁ ମୁଁ ମନଧ୍ୟାନ ଦେଇ ଶୁଣିନାହିଁ। ମୋଦୀଜୀ ତାଙ୍କ 'ମନ୍ କୀ ବାତ୍'ରେ ଉଠାଉଥିବା ଅନେକ ପ୍ରସଙ୍ଗ ମୋ ଭଳି ଦେଶର କୋଟି କୋଟି ସାଧାରଣ ଜନତାଙ୍କୁ ବେଶ୍ ପ୍ରଭାବିତ କରିଛି। ମାତ୍ର ତାଙ୍କର ସଦ୍ୟତମ 'ମନ୍ କୀ ବାତ୍'ରେ ଆମର ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ନଭେମ୍ବର ୭ ତାରିଖ ଦିନ ପାଳନ କରାଯିବ ବୋଲି କହିଥିଲେ। ଏହା ସହ 'ବନ୍ଦେ ମାତରମ୍'ର ବିଶେଷତା, ଭାରତୀୟ ସଭ୍ୟତା, ସଂସ୍କୃତି ଏବଂ ଦେଶ ପାଇଁ ନିଜକୁ ସମର୍ପି ଦେବାର ପ୍ରେରଣା ପ୍ରସଙ୍ଗରେ କହିଥିଲେ। ଏହି ସମୟରେ ମୋ ମନ ଭିତରେ ପିଲାଦିନୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କାମରୁ ଶିଶୁ ମନ୍ଦିରରେ ଗୁରୁଜୀରୁ ରାଜନୀତିରେ ସାର୍ବଜନୀନ ଜୀବନରେ, ବ୍ୟକ୍ତି-ସମାଜ ଓ ରାଷ୍ଟ୍ର ପାଇଁ କାର୍ଯ୍ୟକର୍ତ୍ତାମାନଙ୍କ ମନରେ ଭାବନା ଜାଗରଣ କରିବା ଲାଗି ଆମେ କରୁଥିବା ଉଦ୍ୟମ ସବୁ ମୋ ମନରେ ନାଚି ଉଠୁଥିଲା।

ମୋଦୀଜୀଙ୍କ ସଦ୍ୟତମ ମନ୍ କୀ ବାତ୍‌ର କିଛି ଦିନ ପରେ ଆମ ଦେଶର ମହିଳା କ୍ରିକେଟ୍ ଦଳ ପ୍ରଥମ ଥର ପାଇଁ ବିଶ୍ୱ କପ୍ ଜିତି ରେକର୍ଡ କଲା। ଦିନ ଥିଲା, ୨ ନଭେମ୍ବର ୨୦୨୫, ଡିୱାଇ ପାଟିଲ ଷ୍ଟାଡିୟମ୍। ଠିକ୍ ମଧ୍ୟରାତ୍ରରେ ଆମ ଝିଅମାନେ ମ୍ୟାଚ୍ ଜିତି ଆମ ଛାତିକୁ କୁଣ୍ଢେମୋଟ କରିଥିଲେ। ଏହି ସମୟରେ ସାରା ଷ୍ଟାଡିୟମରେ ସମବେତ ହଜାର ହଜାର ଜନତା ଏକ ସ୍ୱରରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରୁଥିଲେ। ମୋ ଭଳି ଆପଣମାନେ ବି ସେଇ ମୁହୂର୍ତ୍ତର ଗୌରବ ମନେମନେ ଅନୁଭବ କରିଥିବେ। ମୋର ମନେଅଛି, ୨୦୧୧ ମସିହାରେ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଭାରତ ଶ୍ରୀଲଙ୍କାକୁ ହରାଇ ବିଶ୍ୱ କପ୍ କ୍ରିକେଟ୍ ଜିତିଥିଲା। କ୍ରିକେଟ୍‌ପ୍ରେମୀ ଭାବରେ ଉତ୍କଣ୍ଠାର ସହ ଏହି ଖେଳକୁ ଉପଭୋଗ କରୁଥିଲି। ପୂରା ଷ୍ଟାଡିୟମ୍ ହଜାର ହଜାର ଦର୍ଶକଙ୍କ ବନ୍ଦେ ମାତରମ୍ ସଙ୍ଗୀତ ସ୍ୱରରେ କମ୍ପି ଉଠୁଥିଲା। ଅନୁଭବ ହେବା ସ୍ୱାଭାବିକ ଏ ଗୀତ ଗୀତ ନୁହେଁ, ଏହା ଭାରତର ହୃଦୟର ସ୍ପନ୍ଦନ। ଆପଣମାନେ ୟୁଟ୍ୟୁବ୍‌କୁ ଯାଆନ୍ତୁ ସଦ୍ୟ ମହିଳା ଦଳର ବିଜୟ ଓ ଭାରତର ବିଶ୍ୱ କପ୍ ବିଜୟର ଅବ୍ୟବହିତ ପୂର୍ବରୁ ବନ୍ଦେ ମାତରମ୍ ହଜାର ହଜାର ଭାରତୀୟଙ୍କ ସଙ୍ଗୀତ ଗାନକୁ ପୁଣି ଥରେ ଶୁଣନ୍ତୁ। ଦେଖନ୍ତୁ ଭାରତୀୟ ଭାବରେ ଆପଣମାନଙ୍କ ମନରେ କିପରି ଭାବନା ସୃଷ୍ଟି ହେଉଛି।

ମୋଦୀଜୀଙ୍କ ୨୬ ଅକ୍ଟୋବର 'ମନ୍ କୀ ବାତ୍'ରେ 'ବନ୍ଦେ ମାତରମ୍'ର ଅବତାରଣା ଓ ପରେ ୨ ନଭେମ୍ବରରେ ଆମ ମହିଳା କ୍ରିକେଟ୍ ଟିମ୍‌ରେ ମଧ୍ୟରାତ୍ରିରେ ବିଜୟ ଅବସରରେ ହଜାର ହଜାର ଦର୍ଶକଙ୍କ ମିଳିତ ବନ୍ଦେ ମାତରମ୍ ଗାନ ମୋତେ ବନ୍ଦେ ମାତରମ୍‌ର ମହନୀୟତାକୁ ନେଇ ମୋର ଭାବନାକୁ ବ୍ୟକ୍ତ କରିବାକୁ ପ୍ରେରଣା ଯୋଗାଇଲା।

ମୋଦୀଜୀ ତାଙ୍କ ମନ୍ କୀ ବାତ୍‌ରେ କହିଥିଲେ, ବନ୍ଦେ ମାତରମ୍ ଆମ ଦେଶ ଭକ୍ତି ଓ ରାଷ୍ଟ୍ରୀୟ ଗୌରବ ଚିରନ୍ତନ ପ୍ରତୀକ। ଦେଶ ପାଇଁ କଠିନ ସମୟରେ ବନ୍ଦେ ମାତରମ୍‌ରେ ଉଦ୍‌ଘୋଷ ୧୪୦ କୋଟି ଭାରତୀୟଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ। ହୁଏତ ମହାନ୍ ଦେଶଭକ୍ତ, ସାରସ୍ୱତ ସାଧକ ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟ ଊନବିଂଶ ଶତାବ୍ଦୀରେ ବନ୍ଦେ ମାତରମ୍ ରଚନା କରିଯାଇଛନ୍ତି। ମାତ୍ର ଏହି ଗୀତ ହଜାର ହଜାର ବର୍ଷର ଆମର ସଭ୍ୟତା, ସଂସ୍କୃତି ଓ ପରମ୍ପରାର ପ୍ରତିନିଧିତ୍ୱ କରେ। ବେଦରେ ଲିଖିତ 'ମାତା ଭୂମିଃ ପୁତ୍ରୋହମ୍ ପୃଥିବ୍ୟାଃ' ଅର୍ଥାତ୍ ଏହି ଭୂମି ଆମର ମାତା ଏବଂ ଆମେ ସମସ୍ତେ ତାଙ୍କର ସନ୍ତାନ। ଏହା ଭାରତର ମୂଳ ବିଚାର ଏବଂ ଏହି ବିଚାର ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟ ତାଙ୍କର ବନ୍ଦେ ମାତରମ୍ ସଙ୍ଗୀତରେ ପ୍ରତିଫଳନ ବୋଲି ମୋଦୀ ବ୍ୟାଖ୍ୟା କରିଥିଲେ। ତଥ୍ୟ କହୁଛି, ନଭେମ୍ବର ୭ ତାରିଖ ୧୮୭୫ ମସିହା, ଏହା ଥିଲା ଦୁର୍ଗାପୂଜାର ମହାସପ୍ତମୀ ତିଥି। ଏହି ଦିନ ଏହି ମହାନ୍ ସଙ୍ଗୀତକୁ ରଚନା କରିଥିଲେ ବଙ୍କିମ୍‌ଚନ୍ଦ୍ର। ୧୯୦୫ରେ ବ୍ରିଟିଶ୍ ଡିଭାଇଡ୍ ଆଣ୍ଡ୍ ରୁଲ୍ ନୀତିରେ ବଙ୍ଗ ଭାଷାଭାଷୀ ଅଞ୍ଚଳକୁ ବିଭାଜନ କଲେ। ବଙ୍ଗ ଭଙ୍ଗ ବିରୋଧରେ ଆରମ୍ଭ ହୋଇଥିବା ବ୍ରିଟିଶ୍ ବିରୋଧୀ ଜନ ଆନ୍ଦୋଳନର ସୂତ୍ରଧର ସାଜିଥିଲା ବଙ୍କିମ୍‌ଚନ୍ଦ୍ରଙ୍କ ବନ୍ଦେ ମାତରମ୍ ସଙ୍ଗୀତ। ଏହି ଆନ୍ଦୋଳନ ଜାତି, ବର୍ଣ୍ଣ, ଧର୍ମ, ଭାଷା, ଅଞ୍ଚଳ ଭିତ୍ତିରୁ ଉପରକୁ ଉଠି ସମସ୍ତଙ୍କୁ ଏକ କରିବାରେ ଉତ୍‌ପ୍ରେରକର ଭୂମିକା ନେଲା, ଇତିହାସ ଏହାର ସାକ୍ଷୀ।

ଆଜି ଯେତେବେଳେ ଆମେ ଏହି ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛେ, ନୂଆ ଭାରତର ନୂଆ ପିଢ଼ି ପାଖରେ ଏହି ସଙ୍ଗୀତର ମହାନୀୟତାକୁ ପହଞ୍ଚାଇବା ଏକ ରାଷ୍ଟ୍ରୀୟ ଦାୟିତ୍ୱ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କୀ ବାତ୍'ରେ କରିଥିବା ବ୍ୟାଖ୍ୟାକୁ ନେଇ ସାରା ଦେଶ ତଥା ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ବନ୍ଦେ ମାତରମ୍‌ର ମହିମା ମଣ୍ଡନର ଆବଶ୍ୟକତା ଅଛି। ଆମ ରାଜ୍ୟବାସୀ, ବିଶେଷ ଭାବରେ ଯୁବପିଢ଼ି ଏଥିରେ ସାମିଲ ହେବା ପାଇଁ ମୁଁ ଆହ୍ୱାନ ଜଣାଉଛି।

ବଙ୍କିମ୍‌ଚନ୍ଦ୍ରଙ୍କ ରଚିତ ବନ୍ଦେ ମାତରମ୍‌କୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ୧୮୯୬ ମସିହାରେ ପ୍ରଥମଥର ପାଇଁ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଗାନ କରିଥିଲେ। ଏହା ପରଠାରୁ ଦେଶର ରାଷ୍ଟ୍ରବାଦୀ ଆନ୍ଦୋଳନର ଯୁଦ୍ଧଂ ଦେହିର ସ୍ୱର ହୋଇଥିଲା ବନ୍ଦେ ମାତରମ୍। ୧୯୦୫ ମସିହାରେ ବଙ୍ଗ ଭଙ୍ଗ ବିରୋଧରେ ସାରା ସମାଜକୁ ଏକ କରିବାର ମନ୍ତ୍ର ଏହି ସଙ୍ଗୀତ ଏହାର ପ୍ରଭାବର ପରାକାଷ୍ଠା ଦେଖାଇଥିଲା।

ବନ୍ଦେ ମାତରମ୍‌ର ଗ୍ରହଣୀୟତାର ବିବାଦ ଭିତରକୁ ଯିବା ମୋର ବିଷୟବସ୍ତୁ ନୁହେଁ। ମାତ୍ର ବନ୍ଦେ ମାତରମ୍‌କୁ ନେଇ ବିବାଦ ଅଯଥା ଏବଂ ଧର୍ମୀୟ ଭାବନା ଆହତ ହେବାର ଯୁକ୍ତିକୁ ନେଇ ଦୀର୍ଘ ଦିନ ବିବାଦର ଅନ୍ତ ହେବା ମଧ୍ୟ ଜରୁରୀ। ଆମ ଭାରତୀୟ ସମାଜ ଗଙ୍ଗା, ଗୀତା ଓ ଗୋମାତାର ପୂଜାରୀ। ଆମ ସଭ୍ୟତା ସଂସ୍କୃତି ଅନାଦି ଅନନ୍ତକାଳରୁ ରହି ଆସିଛି ଏବଂ ଦୃଢ଼ ନିଶ୍ଚିତତାର ସହ କହିପାରିବା ଯେ, ଏହା ଅନାଦି ଅନନ୍ତକାଳ ପର୍ଯ୍ୟନ୍ତ ତିଷ୍ଠି ରହିବ। ମୋର ମହାନ୍ କବି ଇକ୍‌ବାଲଙ୍କ ଗୋଟିଏ ପଂକ୍ତି ମନେପଡୁଛି। ସେ ଲେଖିଥିଲେ...

ୟୁନାନ-ଓ-ମିଶର୍-ଓ-ରୋମ୍ ସବ୍ ମିଟ ଗୟେ ଜହାଁସେ।
ଅବ୍ ତକ୍ ମଗର ହୈ ବାକୀ, ନାମ-ଓ-ନିଶାଁ ହମାରା।
କୁଛ ବାତ୍ ହେ କି ହସ୍ତି, ମିଟ୍‌ତୀ ନେହିଁ ହମାରୀ
ସଦିୟୋ ରାହାହେଁ ଦୁଶ୍‌ମନ, ଦୌର -ଏ - ଜମାଁ ହମାରା।

ଦୁନିଆର ଅନେକ ସଭ୍ୟତା ଧ୍ୱଂସ ପାଇଯାଇଛି। ଧ୍ୱଂସ ପଛରେ ମୂଳ ବିଷୟ କାଳକ୍ରମେ ସେଠାକାର ପୁତ୍ରରୂପୀ ସମାଜ ସେମାନଙ୍କ ସଭ୍ୟତା ଓ ସଂସ୍କୃତିଠାରୁ ଦୂରେଇଯିବା। ଆଜି ମିଶର ସଭ୍ୟତା ନାହିଁ। ମିଶର ହୋଇଯାଇଛି ଇଜିପ୍ଟ। ସେଠାକାର ସ୍ଫିଙ୍କ୍ସ ଓ ପିରାମିଡ୍ ଶ୍ରଦ୍ଧା, ସମ୍ମାନ ଓ ପ୍ରେରଣାର କେନ୍ଦ୍ର ନୁହେଁ, ସଂଗ୍ରହାଳୟ ବସ୍ତୁ ପାଲଟି ଯାଇଛନ୍ତି। ଅପରପକ୍ଷରେ ଆମ ଭାରତୀୟ ସଭ୍ୟତା ବଞ୍ଚିଛି, କାରଣ ଆମ ପାଇଁ ଆମ ମାତୃଭୂମି ଜୀବନ୍ତ ରାଷ୍ଟ୍ର ପୁରୁଷ। ସଂସ୍କୃତିର ପ୍ରବାହମାନ ଧାରା ପ୍ରତିରୋଧର ସାମ୍ନା କରି ଆଗକୁ ବଢ଼ିଛି। କେବେ ହୁଏତ ଗତି ଶିଥିଳ ହୋଇଛି, ମାତ୍ର ପୁଣି ଏହାର ପୁତ୍ରରୂପୀ ସମାଜ ସଂଗଠିତ ହୋଇ ସାମରିକ ଓ ସାଂସ୍କୃତିକ ଆକ୍ରମଣକୁ ପରାଜିତ କରିଛି। ପୁଣି ରାଷ୍ଟ୍ରର ଚିରନ୍ତନ ପ୍ରବାହ ଅବିରତ ଗତିରେ ଆଗକୁ ଆଗକୁ ବଢ଼ି ଚାଲିଛି।

ଆମର ଶ୍ରଦ୍ଧା କେନ୍ଦ୍ର ଗୀତା, ଗଙ୍ଗା, ଗୋମାତା ତଥା ଦୈବ ଆରାଧନା ପୀଠ ସବୁବେଳେ ପ୍ରେରଣାର କେନ୍ଦ୍ର ହୋଇ ରହିଛନ୍ତି। ଊନବିଂଶ ଶତାବ୍ଦୀରେ ହୁଏତ ବଙ୍କିମ୍‌ଚନ୍ଦ୍ର ବନ୍ଦେ ମାତରମ୍ ରଚନା କଲେ। ମାତ୍ର ଏହି ସଙ୍ଗୀତ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅନ୍ତଃସ୍ୱରରେ ଏକ ଅଭିବ୍ୟକ୍ତି ମାତ୍ର। ମୋଦୀଜୀଙ୍କ ଭାଷଣରେ ବେଦର ପ୍ରତିଫଳନ ବନ୍ଦେ ମାତରମ୍।

ଯଦି ଆମ ସଭ୍ୟତାର ଧାରା ଯୁଗ ଯୁଗ ଧରି ସଶକ୍ତ ହୋଇ ପ୍ରବାହିତ ହୁଏ, ତା'ହେଲେ ବିଶ୍ୱରେ ଆହ୍ୱାନର ସମ୍ମୁଖୀନ ହେଉଥିବା ସବୁ ମତ, ପନ୍ଥ ଓ ବିଚାର ବଞ୍ଚି ରହିପାରିବ। ଆମ ଦଳର ଜଣେ ତଥ୍ୟ ଆଧାରିତ ତର୍କର ପ୍ରବକ୍ତା ଓ ସାଂସଦ ସୁଧାଂଶୁ ତ୍ରିବେଦୀ। ତାଙ୍କର ଏକ ଟିଭି ଆଲୋଚନାରେ ମତ ରଖିଥିବା କିଛି କଥାକୁ ମୁଁ ଉଦ୍ଧୃତ କରୁଛି। 'ଭାରତ ଧର୍ମନିରପେକ୍ଷ', କାରଣ ଭାରତ ହିନ୍ଦୁବହୁଳ ଦେଶ। ହିନ୍ଦୁସଂଖ୍ୟା ଯଦି କମିଯିବ, ତା'ହେଲେ ଭାରତର ଧର୍ମନିରପେକ୍ଷତା କବର ନେବ। ସାରା ବିଶ୍ୱରୁ ବିଲୁପ୍ତ ହୋଇଥିବା ପାରସୀ ଧର୍ମ ଭାରତ ଭଳିଆ ଦେଶରେ ସୁଖ ଶାନ୍ତିରେ ପ୍ରସ୍ଫୁଟିତ। ଇହୁଦୀମାନେ ସମଗ୍ର ବିଶ୍ୱରେ ଯାଯାବର ଜୀବନ ବଞ୍ଚୁଥିବା ବେଳେ ଲାଞ୍ଛନା ଓ ଅପମାନର ଶିକାର ହୋଇଥିଲେ। ମାତ୍ର ଇସ୍ରାଏଲ ସୃଷ୍ଟି ହେବା ପରେ ତାଙ୍କର ସ୍ମୃତି ପୁସ୍ତକ କହୁଛି ଭାରତ ଏକମାତ୍ର ଦେଶ, ଯେଉଁଠି ଇହୁଦୀ କୌଣସି ପାତରଅନ୍ତରର ଶିକାର ହୋଇ ନ ଥିଲା। ପୃଥିବୀରେ ୫୬ଟି ମୁସ୍‌ଲିମ୍ ରାଷ୍ଟ୍ର ଅଛି। ମାତ୍ର ଭାରତ ହେଉଛି ପୃଥିବୀର ଏକମାତ୍ର ରାଷ୍ଟ୍ର, ଯେଉଁଠି ଇସ୍‌ଲାମର ୭୦ରୁ ଊର୍ଦ୍ଧ୍ୱ ପ୍ରକାରର ସମ୍ପ୍ରଦାୟ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ନିଜର ବିଶ୍ୱାସକୁ ପାଳନ କରିଆସୁଛନ୍ତି।

ଏହା କହିବାର ଉଦ୍ଦେଶ୍ୟ, ମୋଦୀଜୀଙ୍କ ମନ୍ କୀ ବାତ୍‌ର ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତିର ପାଳନ ନଭେମ୍ବର ୭, ଏହା ଚିରନ୍ତନ ଭାରତୀୟ ଭାବଧାରାକୁ ଜାଗ୍ରତ କରିବ। ଭାରତୀୟ ସଭ୍ୟତା ଓ ସଂସ୍କୃତିର ଜୟ ଜୟକାର କରିବ, ଯାହା ଭିତରେ ବିଶ୍ୱ ମଙ୍ଗଳ, ବସୁଧୈବ କୁଟୁମ୍ବକମ୍‌ର ଚିରନ୍ତନ ବାର୍ତ୍ତା ଜନ ଜନ ପର୍ଯ୍ୟନ୍ତ ପହଞ୍ଚାଇବ।

ଆସନ୍ତୁ ଆମେ ସବୁ ଭାରତବାସୀ ମା' କହି ଭାରତ ମାତା ପାଖରେ ମୁଣ୍ଡ ନୁଆଁଇବା। ଆଉ ଗର୍ବର ସହିତ କହିବା ବନ୍ଦେ ମାତରମ୍। ସଗର୍ବରେ ବଙ୍କିମ୍‌ଚନ୍ଦ୍ରଙ୍କ ଦୁର୍ଗାପୂଜାର ପବିତ୍ର ମହାସପ୍ତମୀରେ ରଚିତ ଏହି ସଙ୍ଗୀତର ପଦ- 'ତ୍ୱହି ଦୁର୍ଗା ଦଶ ପ୍ରହରଣ ଧାରିଣୀ, କମଲା କମଲଦଲ ବିହାରିଣୀ, ବାଣୀ ବିଦ୍ୟାଦାୟିନୀ, ନମାମୀ ତ୍ୱମ୍'କୁ ଦୋହରାଇବା।

'ବନ୍ଦେ ମାତରମ୍'- ଯୁଗ ଯୁଗ ଧରି ଭାରତୀୟ ସମାଜକୁ ପିଢ଼ି ପରେ ପିଢ଼ି ପ୍ରେରଣା ଦେଉ। ଏହା ଭିତରେ ହିଁ ସମଗ୍ର ମାନବ ଜାତିର ସୁରକ୍ଷା ଓ ସମୃଦ୍ଧିର ବାର୍ତ୍ତା ଅଛି। ମା' ଭାରତୀଙ୍କ ଆଶୀର୍ବାଦ କାମନା କରୁଛି।
ବନ୍ଦେ ମାତରମ୍
ଭାରତ ମାତା କୀ ଜୟ

# ବିଲ୍ ମଞ୍ଜୁରୀ ପାଇଁ ୨୦ ହଜାର ଟଙ୍କା ନେଉଥିଲେ

## ଭିଜିଲାନ୍ସ ଜାଲରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର,୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝରର ଜିଲା ସାମାଜିକ ସୁରକ୍ଷା ଅଧିକାରୀ(ଡିଏସ୍‌ଏସ୍‌ଓ) ବିପ୍ଳବ କେଶରୀ ସାମନ୍ତରାୟ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଏକ ଏନ୍‌ଜିଓ ପକ୍ଷରୁ କରାଯାଇଥିବା କାର୍ଯ୍ୟର ବିଲ୍ ସୁବିଧାରେ ମଞ୍ଜୁର କରାଇଦେବା ଓ ନୂଆ କାମ ଯୋଗାଇଦେବାକୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ସେଲ୍‌ରେ ବୁଧବାର ଅଭିଯୋଗ ହୋଇଥିଲା। ଗୁରୁବାର କଟକ ଭିଜିଲାନ୍ସ ସେଲ୍‌ର ଏକ ଟିମ୍ କେନ୍ଦୁଝରରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଗିରଫ କରିଛି। ଡିଜିଟାଲ ମୋଡ (ଫୋନ୍ ପେ')ରେ ୨୦ ହଜାର ଟଙ୍କା ଲାଞ୍ଚ ନେଇଥିବା ଜଣାପଡ଼ିଛି। ଭିଜିଲାନ୍ସ ତାଙ୍କ ସମ୍ପତ୍ତି ତାଲିକା ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବିଭାଗ ପକ୍ଷରୁ ଭିନ୍ନକ୍ଷମ ଲୋକଙ୍କୁ କୃତ୍ରିମ ଅଙ୍ଗ, ଆଶାବାଡ଼ି, ତିନିଚକିଆ ସାଇକେଲ, ମୋଟରଚାଳିତ ସାଇକେଲ ଆଦି ଦେଇ ଥଇଥାନ କରାଯାଏ। ବିଭିନ୍ନ କାମ ଏନ୍‌ଜିଓ ଜରିଆରେ ହେଉଛି। ଅଧିକାରୀ କାମ ଯୋଗାଇଦେବା ଓ ସୁବିଧାରେ ବିଲ୍ ମଞ୍ଜୁର କରିଦେବାକୁ ଏନ୍‌ଜିଓଠାରୁ ଲାଞ୍ଚ ନେଉଥିଲେ। ଏ ନେଇ ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ଗୁରୁବାର ଯାଞ୍ଚ କରି ଧରିଥିବା ସୂଚନା ମିଳିଛି। ଅଧିକାରୀଙ୍କୁ ଗିରଫ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଯାଞ୍ଚ ସମୟରେ ଅଧିକାରୀଙ୍କ ପରିବାର ସଦସ୍ୟଙ୍କ ନାମରେ ଭୁବନେଶ୍ୱର ଓ ତା'ର ଆଖପାଖରେ ୧୦ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି। ଏହାର ମଧ୍ୟ ଯାଞ୍ଚ ଚାଲିଛି। ଏହାସହିତ, ଭୁବନେଶ୍ୱରରେ ଥିବା ପ୍ରାୟ ୩୦୦୦ ବର୍ଗଫୁଟର ଏକ ୩ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱରର ମଦନପୁରରେ ଏକ ସିମ୍ପ୍ଲେକ୍ସ ଘର ଏବଂ ୩ ଏକର ପରିବ୍ୟାପ୍ତ ଏକ ଫାର୍ମହାଉସ ଠାବ କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ତାଙ୍କ ଫୋନ୍ ପେ' ଯାଞ୍ଚ ବେଳେ ଶେଷଥର ୨୦ ହଜାର ଟଙ୍କା ନେଇଥିବା ଜଣାପଡ଼ିଛି। ଭିଜିଲାନ୍ସ ମାମଲା(ନଂ. ୧୧/୨୦୨୫) ଅଣ୍ଡର ସେକ୍ସନ ୭ପିସି (ଆମେଣ୍ଡମେଣ୍ଟ)ଆକ୍ଟ ୨୦୧୮ ଅନୁଯାୟୀ ଗିରଫ କରାଯାଇଛି।

Business

# ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୬।୧୧

ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା। ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ଥିଲା। ସତର୍କତା ସପ୍ତାହ ଅବସରରେ 'ସତର୍କତା: ଆମର ସାମୂହିକ ଦାୟିତ୍ୱ' ବିଷୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ରଙ୍କ ଉପସ୍ଥିତିରେ ଭିଜିଲାନ୍ସ ଅଧିକାରୀ ସ୍ନେହାଶିଷ ସିଂହ ମହାପାତ୍ର କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଆଞ୍ଚଳିକ କାର୍ଯ୍ୟାଳୟ, ଆର୍‌ବିସି, ଏସ୍‌ଏମ୍‌ଇସିସି ଏବଂ ଏସ୍‌କେଭିକେ, ସମ୍ବଲପୁରର କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କର୍ମଚାରୀମାନଙ୍କ ପାଇଁ ଏକ କୁଇଜ ଏବଂ ସ୍ଲୋଗାନ୍ ଲିଖନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଏବଂ ବିଜେତା ପ୍ରତିଯୋଗୀ ପୁରସ୍କୃତ କରାଯାଇଥିଲା। କର୍ମଚାରୀମାନଙ୍କ ମଧ୍ୟରେ ଦୁର୍ନୀତି ମୁକ୍ତ କାର୍ଯ୍ୟ ଏବଂ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

# ନୌକା କାରିଗରଙ୍କୁ ସମ୍ବର୍ଦ୍ଧିତ କଲା ଡାଲ୍‌ମିଆ



ଭୁବନେଶ୍ୱର,୬।୧୧

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) କଟକ ବାଲିଯାତ୍ରାରେ ଅଂଶଗ୍ରହଣ କରିଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗର ସୁକାନ୍ତ ନାୟକ ଏବଂ ବସନ୍ତ ନାୟକଙ୍କୁ ସେମାନଙ୍କର ଦକ୍ଷତା, କାରିଗରି କୁଶଳତା ଏବଂ ଓଡ଼ିଶାର ସାମୁଦ୍ରିକ ପରମ୍ପରା କ୍ଷେତ୍ରରେ ଅବଦାନ ନିମନ୍ତେ ଡିଏସ୍‌ପି ଏକ୍ସପର୍ଟ ବୋଇତ ଶିଳ୍ପକାର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡାଲମିଆ ସିମେଣ୍ଟର ଚିଫ୍ ମାର୍କେଟିଂ ଅଫିସର ନବୀନ ତିୱାରୀ କହିଥିଲେ, ଓଡ଼ିଶାର ପାରମ୍ପରିକ ନୌକା ତିଆରି କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଦକ୍ଷତା, ଉତ୍ସାହ, ନିଖୁଣତା ଏବଂ ଗୌରବକୁ ପାଳନ କରୁଛୁ। ଡାଲମିଆ ସିମେଣ୍ଟର ବ୍ରାଣ୍ଡ ପାଭିଲିଅନକୁ ନବୀନ ତିୱାରୀ, କମ୍ପାନୀ ଅଧିକାରୀ, କର୍ମଚାରୀ, ଚ୍ୟାନେଲ ସହଭାଗୀ, ମିସ୍ତ୍ରି, ଠିକାଦାର ଏବଂ ସେମାନଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ପାଭିଲିଅନ ଐତିହାସିକ ଯାତ୍ରାରେ ଡାଲମିଆ ସିମେଣ୍ଟର ନିରବଚ୍ଛିନ୍ନ ଏବଂ ରଣକୌଶଳାତ୍ମକ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ଦର୍ଶାଇଛି। ଏହି ଅବସରରେ ଡାଲମିଆ ସିମେଣ୍ଟର କପିଳାସସ୍ଥିତ କେସିଡବ୍ଲ୍ୟୁ କାରଖାନା ସମର୍ଥିତ 'ନେସନ' ଅନାଥାଶ୍ରମର ୩୦ରୁ ଅଧିକ ସ୍ୱତନ୍ତ୍ର ଶିଶୁ ପାଭିଲିଅନର ଉଦ୍‌ଘାଟନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଟୟୋଟାର ହାଇଲକ୍ସର ବ୍ଲାକ୍ ଏଡିସନ୍

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)



ଫିଲଡ୍ ମୋଟର ପ୍ରାଇଭେଟ୍ ଲିମିଟେଡର କଟକ ତେଲେଙ୍ଗାପେଣ୍ଠସ୍ଥିତ ଇସ୍ପିରିଟ ଟୟୋଟାଠାରେ ହାଇଲକ୍ସ ନୂଆ ବ୍ଲାକ ଏଡିସନର ଟେଷ୍ଟ ଡ୍ରାଇଭ ଅନୁଭୂତି ପ୍ରଦାନ କରାଯାଉଛି। ଏହା ଗ୍ରାହକଙ୍କ ବଦଳୁଥିବା ରୁଚିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ଶୋ'ରୁମର ମାର୍କେଟିଂ ହେଡ୍ ଆଶିଷ ସେନ୍ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଏହି କାରରେ ୨.୮ ଲିଟର୍ ଫୋର୍-ସିଲିଣ୍ଡର୍ ଟର୍ବୋ-ଡିଜେଲ ଇଞ୍ଜିନ ରହିଛି। ଏହା ୬-ସ୍ପିଡ ଅଟୋମାଟିକ ଟ୍ରାନ୍ସମିସନ ସହିତ ୫୦୦ ଏନଏମ ଟର୍କ ପ୍ରଦାନ କରେ। ୪ଏକ୍ସ୍‌୪ ଡ୍ରାଇଭଟ୍ରେନ୍ ସହିତ ଏହା ଅଫ-ରୋଡରେ ଅସୀମ କ୍ଷମତା ପ୍ରଦର୍ଶନ କରେ। ଏହି କାରର ୭୦୦ ମିଲିମିଟର୍ ପାଣି ଅତିକ୍ରମଣ କ୍ଷମତା ରହିଛି। ନୂଆ ମଲ୍ଟି-ପର୍ପସ ଭେହିକଲ ପ୍ଲାଟ୍‌ଫର୍ମ ସହିତ କଠୋର ଫ୍ରେମ ଗଠନ ଏହାକୁ ସୁଦୃଢ଼ କରିଥାଏ। ବାହ୍ୟ ଡିଜାଇନର ସମ୍ପୂର୍ଣ୍ଣ କଳା ଥିମ ରହିଛି। ଏଥିରେ ରହିଛି କଳା ଫ୍ରଣ୍ଟ ରେଡିଏଟର୍ ଗ୍ରିଲ, ଫ୍ରଣ୍ଟ ଆଣ୍ଡର୍ ରନ, କଳା ଫେଣ୍ଡର୍ ଗାର୍ନିସ, ଫ୍ୟୁଏଲ ଲିଡ ଗାର୍ନିସ, ୧୮-ଇଞ୍ଚ କଳା ଆଲୟ ହ୍ୱିଲ ସହିତ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ଡିଜାଇନ୍ କରାଯାଇଛି। ସ୍ୱେପ୍ଟ-ବ୍ୟାକ ଏଲଇଡି ହେଡଲାଇଟ ଓ ଏଲଇଡି ରିୟର୍ କମ୍ବିନେସନ ଲାମ୍ପ ଏହାକୁ ଆଧୁନିକ ଓ ଆକର୍ଷଣୀୟ କରିଛି। ସୁରକ୍ଷାରେ ରହିଛି ୭ ଏସଆର୍‌ଏସ ଏୟାରବ୍ୟାଗ୍, ଭେହିକଲ ଷ୍ଟେବିଲିଟି କଣ୍ଟ୍ରୋଲ (ଭିଏସପି), ଟ୍ରାକ୍ସନ କଣ୍ଟ୍ରୋଲ (ଟିସି), ଇଲେକ୍ଟ୍ରୋନିକ ଡିଫରେନ୍ସିଆଲ ଲକ (ଇଡିଏଲ), ଅଟୋମାଟିକ ହିଲ ଆସିଷ୍ଟ କଣ୍ଟ୍ରୋଲ (ଏଚଏସି), ଡାଉନ୍‌ହିଲ୍ ଆସିଷ୍ଟ କଣ୍ଟ୍ରୋଲ (ଡିଏସି), ଅଟୋମେଟିକ୍ ଲିମିଟେଡ ସ୍ଲିପ ଡିଫରେନ୍ସିଆଲ (ଆଲଏଲଏସଡି ଓ ଫ୍ରଣ୍ଟ ପାର୍କିଂ ସେନ୍ସର ରହିଛି। ଇଣ୍ଟିରିୟରରେ ଡୁଆଲ-ଜୋନ ଫୁଲି ଅଟୋମେଟିକ୍ ଟେମ୍ପେରେଚର୍ କଣ୍ଟ୍ରୋଲ, ସ୍ମାର୍ଟ ଏଣ୍ଟ୍ରି ସହିତ ଇଞ୍ଜିନ ପୁସ ଷ୍ଟାର୍ଟ/ଷ୍ଟପ ବଟନ, ୮-ଇଞ୍ଚ ଇନଫୋଟେନମେଣ୍ଟ ଟଚ୍‌ସ୍କ୍ରିନ୍ ସହିତ ଆଣ୍ଡ୍ରୋଏଡ୍ ଅଟୋ ଓ ଆପଲ କାରପ୍ଲେ ଆଦି ରହିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୩୭,୯୦,୦୦୦ଟଙ୍କା(ଏକ୍ସ ଶୋ'ରୁମ୍) ରହିଛି। ୧୩.୮କିଲୋମିଟର ପ୍ରତି ଲିଟର ଡିଜେଲ ଥିବାବେଳେ ରୋମାଞ୍ଚକାରୀ ଯାତ୍ରା ଅନୁଭୂତି ଦେବ ବୋଲି ଆଶିଷ ସୂଚନା ଦେଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବରୋଦା କିଷାନ ପଖୱାଡା

ଭୁବନେଶ୍ୱର,୬।୧୧



ଦେଶରେ କୃଷକ ଓ ଗ୍ରାମୀଣ ସମ୍ପ୍ରଦାୟକୁ ଜଡିତ କରିବା ଉଦ୍ଦେଶ୍ୟରେ ବରୋଦା କିଷାନ୍ ପଖୱାଡା ଅଷ୍ଟମ ସଂସ୍କରଣର ଏକ ଅଂଶ ଭାବରେ ପୁରୀ ନିକଟସ୍ଥ ହରିଶପୁରଠାରେ ବରୋଦା କିଷାନ୍ ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଏହି ଫ୍ଲାଗ୍‌ଶିପ୍ ବାର୍ଷିକ କାର୍ଯ୍ୟକ୍ରମ ସାରା ଦେଶରେ କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟ ସହିତ ଜଡିତ ହେବା ସହ ଋଣ ଉତ୍ପାଦ ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପ୍ରଦାନ କରି ବ୍ୟାଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବାକୁ ଲକ୍ଷ୍ୟ ରଖିଛି। ଆତ୍ମନିର୍ଭର ଭାରତ ଯୋଜନା ସହିତ ଜଡିତ ହେବା ଏହି ପଖୱାଡାର ଲକ୍ଷ୍ୟ ଅଟେ। ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ମହାପ୍ରବନ୍ଧକ ମନୋଜ ଏସ୍ ଚୟନି ଏବଂ ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ହରିଶପୁରଠାରେ ଆୟୋଜିତ ଏହି ମେଗା କିଷାନ ମେଳା ଉଦଘାଟନ କରିଥିଲେ। ଓଡିଶାରେ 'ବରୋଦା କିଷାନ୍ ପଖୱାଡା -୨୦୨୫' ସମୟ ମଧ୍ୟରେ ବ୍ୟାଙ୍କ ଅନେକଗୁଡିଏ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଦ୍ୱାରା ୪୦୦ରୁ ଊର୍ଦ୍ଧ୍ୱ କୃଷକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା ଏବଂ ମୋଟାମୋଟି ୧୦ କୋଟି ଟଙ୍କାର ଋଣ ଅନୁମୋଦନ କରିଛି। ଭୁବନେଶ୍ୱର ଅଞ୍ଚଳର ଉପ-ମହାପ୍ରବନ୍ଧକ ଏସ୍.ପି. ନାୟକ (ବ୍ୟବସାୟ ବିକାଶ) ଏବଂ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ତଥା ଉପ-ମହାପ୍ରବନ୍ଧକ ସତ୍ୟ ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ମନୋଜ ଏସ୍ ଚୟନି କୃଷକମାନଙ୍କ ପାଇଁ ବ୍ୟାଙ୍କିଙ୍ଗ୍‌କୁ ଅଧିକ ସହଜ କରିବା ପାଇଁ ପ୍ରମୁଖ ଡିଜିଟାଲ ଅଫରଗୁଡିକ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ଡିଜିଟାଲ ବରୋଦା କିଷାନ କ୍ରେଡିଟ୍ କାର୍ଡ (ଡିଜିଟାଲ ବିକେସିସି), ଡିଜିଟାଲ ଜମି ରେକର୍ଡ ଏବଂ ଏଣ୍ଡ-ଟୁ-ଏଣ୍ଡ ଅନ୍‌ବୋର୍ଡିଂ ପାଇଁ ରିଜର୍ଭ ବ୍ୟାଙ୍କ ଇନୋଭେଶନ୍ ହବ୍ ସହିତ ସମନ୍ୱିତ ଏବଂ ଡିଜିଟାଲ ସ୍ୱର୍ଣ୍ଣ ଋଣ ଆଦି ଅନ୍ତର୍ଭୁକ୍ତ।

# ପୂର୍ବତଟ ରେଳପଥର ସର୍ବାଧିକ ମାଲ୍ ପରିବହନ ରେକର୍ଡ

ଭୁବନେଶ୍ୱର,୬।୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୦୨୫ ଅକ୍ଟୋବର ଏବଂ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ସର୍ବୋଚ୍ଚ ଲୋଡିଂ ଏବଂ ଅନ୍‌ଲୋଡିଂ କରି ମାଲ୍ ପରିବହନରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୦୨୫ ଅକ୍ଟୋବରରେ ପୂର୍ବତଟ ରେଳପଥ ୨୩.୫୮ ନିୟୁତ ଟନ୍ (ଏମ୍‌ଟି) ମାଲ୍ ପରିବହନ କରିଥିଲା-ଯାହାକି ଅକ୍ଟୋବର ପାଇଁ ଯେକୌଣସି ବର୍ଷ ମଧ୍ୟରେ ସର୍ବାଧିକ, ଯାହା ୨୦୨୪ ଅକ୍ଟୋବର ଓ ୨୦୨୪ବର୍ଷରେ ହାସଲ କରାଯାଇଥିବା ପୂର୍ବ ସର୍ବୋଚ୍ଚ ୨୦.୯୦ ଏମ୍‌ଟିକୁ ଅତିକ୍ରମ କରିଛି। ଏହା ୧୩% ବୃଦ୍ଧିକୁ ପ୍ରତିଫଳିତ କରେ। ଏହା ବ୍ୟତୀତ ପୂର୍ବତଟ ରେଳପଥ ପ୍ରଥମ ଥର ପାଇଁ ଅକ୍ଟୋବରରେ ୨୩ ନିୟୁତ ଟନ୍ ଲୋଡିଂ ସୀମା ଅତିକ୍ରମ କରିଛି। ୨୦୨୫ ଏପ୍ରିଲରୁ ଅକ୍ଟୋବର ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୧୬୧.୧୮ ନିୟୁତ ଟନ୍‌ର କ୍ରମାଗତ ଲୋଡିଂ ହାସଲ କରିଛି, ଯାହାକି ଗତ ବର୍ଷର ସମାନ ସମୟ ମଧ୍ୟରେ ପୂର୍ବ ସର୍ବୋତ୍ତମ ୧୪୪.୪୭ ଏମଟିକୁ ଅତିକ୍ରମ କରିଛି - ଏହା ୧୬.୭୧ ନିୟୁତ ଟନ୍ ବୃଦ୍ଧିକୁ ଦର୍ଶାଉଛି, ଯାହା ୧୧.୬% ବୃଦ୍ଧି ଅଟେ। ଏଥି ସହିତ ପୂର୍ବତଟ ରେଳପଥ ଏହାର ସର୍ବୋଚ୍ଚ ଅନଲୋଡିଂ ପ୍ରଦର୍ଶନ ମଧ୍ୟ ହାସଲ କରିଛି, ଯାହା ୧୪୪.୦୨ ନିୟୁତ ଟନ୍ ପରିଚାଳନା କରିଛି, ଯାହାକି ଗତ ବର୍ଷ ୧୩୩.୮୧ ନିୟୁତ ଟନ୍ ତୁଳନାରେ ୮% ବୃଦ୍ଧି ଅଟେ। ୨୦୨୫ ମାଲ୍ ପରିବହନ ଆୟରେ ଏପ୍ରିଲ-ଅକ୍ଟୋବର ୨୦୨୫ ମଧ୍ୟରେ ସମାନ୍ତର ଭାବେ ବୃଦ୍ଧି ପାଇଛି, ଯାହା ଗତ ବର୍ଷର ସମାନ ସମୟ ମଧ୍ୟରେ ୧୪,୭୧୪.୩୧ କୋଟି ତୁଳନାରେ ୧୬,୩୫୦.୨୧ କୋଟି ଅଧିକ ଏବଂ ଏହା ୧୧% ପ୍ରଭାବଶାଳୀ ଅଭିବୃଦ୍ଧି ଦର୍ଶାଉଛି।

# ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ



କଟକ,୬।୧୧

କଟକ ଐତିହାସିକ ବାଲିଯାତ୍ରାରେ ଗୁରୁବାର ଫ୍ରିଡମ୍ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଏବଂ ଖାଦ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ଗ୍ରାହକ ୫ ଲିଟର ସନଫ୍ଲାୱାର ତେଲ କିଣିଲେ ଗୋଟିଏ ବାଲଟି ମାଗଣା ମିଳୁଥିବା ବେଳେ ରାଇସ ବ୍ରାନ ୫ ଲିଟର ତେଲ କିଣିଲେ ଗୋଟିଏ ବାଲଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି। ଏଥିସହିତ ସନଫ୍ଲାୱାର୍ ୨ ଲିଟର ଏବଂ ସୋରିଷ ତେଲ ୧ ଲିଟର କମ୍ବୋ ଅଫର ସହ ଆକର୍ଷଣୀୟ ଦରରେ ଯୋଗାଇ ଦିଆଯାଉଥିବା ବେଳେ ୫ ଲିଟର କଚିଘନି ସୋରିଷ ତେଲ ବକେଟ ଜାରରେ ମଧ୍ୟ ଆକର୍ଷଣୀୟ ଅଫର ରହିଛି। ଷ୍ଟଲରେ ଗୃହିଣୀଙ୍କ ପ୍ରବଳ ଗହଳି ହେଉଥିବା ଫ୍ରିଡମ ଓଡ଼ିଶା ହେଡ୍ ଅମିୟ କୁମାର ଧଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ କୁମାର ମହାନ୍ତି, ଆଶିଷ ଦାସ, ସମୀର କୁମାର ଜେନା, ଶରତ ପଟ୍ଟନାୟକ, ଜୀବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟସ୍ତରରେ ପ୍ରକଳ୍ପ ପ୍ରଦର୍ଶନ କରିବେ ତୁଳସୀ, ବସନ୍ତ

## ନବରଙ୍ଗପୁରରୁ ୨ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ

ନବରଙ୍ଗପୁର,୬।୧୧ (ସଦାଶିବ ପ୍ରହରାଜ)

ଭୋପାଳରେ ଆସନ୍ତା ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲ୍ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀରେ ନବରଙ୍ଗପୁରରୁ ୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହେବ। ୧୫ ତାରିଖରେ କୋଷାଗୁମୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ବସନ୍ତ ଚଣ୍ଡାଳ ଓ ଛାତ୍ର ଓ ଝରିଗାଁ ବ୍ଲକ ଛୋଟଗୁଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀ ତୁଳସୀ ହରିଜନ ଗାଇଡ୍ ଶିକ୍ଷକମାନଙ୍କ ସହ ଭୋପାଳ ଯିବେ।

ପ୍ରକାଶଯେ, ବସନ୍ତ ଚଣ୍ଡାଳ କୃଷି କାର୍ଯ୍ୟକୁ ସରଳ ଓ ଶ୍ରମିକମୁକ୍ତ କରିବା, ସେମାନଙ୍କ ଆଣ୍ଠୁ ଅଣ୍ଟା ଯନ୍ତ୍ରଣା ତଥା ଶ୍ୱାସ ଜନିତ ନିରାକରଣ କରୁଥିବା କୃଷି ଯନ୍ତ୍ରପାତି ପ୍ରସ୍ତୁତ କରି ପୂର୍ବରୁ ଜିଲା ତଥା ରାଜ୍ୟରେ ପ୍ରଂଶସିତ ହୋଇଛନ୍ତି। ଏହି ପ୍ରକଳ୍ପଟି ପୂର୍ବ ଭାରତୀୟ ଜୋନାଲ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ସେ ସଫଳତା ପାଇଛନ୍ତି। ଏବେ ଜାତୀୟ ସ୍ତରରେ ଭାଗନେବାପାଇଁ ମାନିନୀତ ହେଉଛନ୍ତି। ଠିକ ସେହିପରି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଛୋଟଗୁଡ଼ା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀ ତୁଳସୀ ହରିଜନ ଗଣିତ ପ୍ରକଳ୍ପ ପ୍ରଦର୍ଶନ କରିବାପାଇଁ ଜାତୀୟସ୍ତରକୁ ଚୟନ ହୋଇଛନ୍ତି। ଏହି ପ୍ରକଳ୍ପର ମାର୍ଗ ଦର୍ଶକ ଶିକ୍ଷକ ଅନିରୁଦ୍ଧ ଭତ୍ରା ଉଚ୍ଚ ପ୍ରଶଂସିତ ହୋଇପାରିଛନ୍ତି। ଏହି ଗଣିତ ପ୍ରକଳ୍ପରେ ବସ୍ତୁର ଉଚ୍ଚତା କିପରି ସହଜରେ ମପାଯାଇ ପାରିବ ପ୍ରଦର୍ଶନ କରିବେ। ଚଳିତ ବର୍ଷ ୫୨ତମ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ରେ ନବରଙ୍ଗପୁର ଜିଲ୍ଲାରୁ ଦୁଇ ଦୁଇଟି ପ୍ରକଳ୍ପ ଅଂଶଗ୍ରହଣ କରୁଥିବାରୁ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଓ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ବୁଦ୍ଧିଜୀବୀମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





ନିଜ ଗାଇଡ୍ ଶିକ୍ଷକଙ୍କ ସହ ତୁଳସୀ ହରିଜନ ଓ ବସନ୍ତ ଚଣ୍ଡାଳ।

# ରୋଗୀଙ୍କ ଅନୁପାତରେ ନାହିଁ ମେଶିନ

## ଡାଇଲସିସ୍‌ସେଣ୍ଟରରେ ଅବ୍ୟବସ୍ଥା

- ନୂତନ ରୋଗୀଙ୍କୁ ମିଳୁନି ଚିକିତ୍ସା ସୁବିଧା
- କର୍ମଚାରୀଙ୍କ ବ୍ୟବହାରକୁ ନେଇ ଅଭିଯୋଗ

ନବରଙ୍ଗପୁର,୬।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ଥିବା ଡାଇଲସିସ ସେଣ୍ଟରରେ କିଡନୀ ରୋଗୀ ଚିକିତ୍ସା ନପାଇ ଫେରୁଛନ୍ତି। ଏହାର ମୁଖ୍ୟ କାରଣ ରୋଗୀଙ୍କ ଅନୁପାତରେ ଏଠାରେ ଡାଇଲସିସ ମେସିନ ସଂଖ୍ୟା କମ୍। ଏଥିସହ ନୂଆ ରୋଗୀ ଡାଇଲସିସ ପାଇଁ ଗଲେ ଡାଇଲସିସ ଟେକ୍ନିସିଆନମାନେ ଭଲ ବ୍ୟବହାର କରୁନଥିବା ନେଇ ଅଭିଯୋଗ ହେଉଛି।

ବିଶାଖାପାଟଣାରେ ଚିକିତ୍ସିତ ହେବା ପରେ ସପ୍ତାହକୁ ୨ଥର ଡାଇଲସିସ ପାଇଁ କିଡ୍‌ନୀ ରୋଗୀ ସରସ୍ୱତୀ ମହାପାତ୍ରଙ୍କୁ ଡାକ୍ତର ପରାମର୍ଶ ଦେଇଥିଲେ। ତେଣୁ ସେ ଡାଇଲସିସ ପାଇଁ ଗୁରୁବାର ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଚିକିତ୍ସା ପାଇଁ ତାଙ୍କର ନାମ ପଞ୍ଜିକରଣ କରାଗଲା। କିନ୍ତୁ ମେସିନ ଖାଲି ନାହିଁ। କେଉଁ ରୋଗୀଙ୍କ ମୃତ୍ୟୁ ହେଲେ ନଚେତ ଛାଡ଼ିଲେ ଚିକିତ୍ସା ହୋଇପାରିବ ବୋଲି ତାଙ୍କୁ କୁହାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହା ଜଣେ ରୋଗୀଙ୍କୁ ମାନସିକ ଆଘାତ ଦେଉଛି ବୋଲି ସରସ୍ୱତୀ କହିଛନ୍ତି। ଏନେଇ ଡାଇଲସିସ ଟେକ୍ନିସିଆନ ସତ୍ୟବ୍ରତ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଡାଇଲସିସ ପାଇଁ ୩୬ ଜଣ ନେଗେଟିଭ ରୋଗୀଙ୍କ ନାମ ପଞ୍ଜିକରଣ ହୋଇଛି। ୨ ଜଣ ପଜିଟିଭ ରୋଗୀ ରହିଛନ୍ତି। ୪ଟି ନେଗେଟିଭ ଓ ଗୋଟିଏ ପଜିଟିଭ ମେସିନ ରହିଛି। ପ୍ରତିଦିନ ସକାଳୁ ୮ ଟାରୁ ରାତ୍ର ୯ ପର୍ଯ୍ୟନ୍ତ ଡାଇଲସିସ କରାଯାଉଛି। ପ୍ରତିଦିନ ୧୨ ଜଣ ରୋଗୀଙ୍କ ଡାଇଲସିସ ହେଉଛି। ମେସିନ ଅଭାବ ଯୋଗୁ ଅଧିକ ନୂଆ ରୋଗୀ ଆସିଲେ ଡାଇଲସିସ କରିବା ସମ୍ଭବ ହୋଇପାରୁନାହିଁ। ଏନେଇ ଅଧିକ ଦୁଇଟି ମେସିନ ଲଗାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ସରସ୍ୱତୀଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ କୁହାଯାଇ ନ ଥିବା ସେ କହିଛନ୍ତି। ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡାଙ୍କୁ ପଚାରିବାରୁ ଅଧିକ ଡାଇଲସିସ ମେସିନ ଯୋଗାଇବା ପାଇଁ ସରକାରଙ୍କୁ ଚିଠି କରାଯାଇଛି। ମନ୍ତ୍ରୀ ମଧ ଆବଶ୍ୟକତାକୁ ଅନୁଭବ କରି ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କର୍ମଚାରୀ ରୋଗୀଙ୍କୁ ଏହିଭଳି ବ୍ୟବହାର କରିବା ଠିକ୍ ନୁହେଁ। ଡାଇଲସିସ ସେଣ୍ଟର ପରିଚାଳନା ପାଇଁ ଘୋରୋଇ ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା ସହିତ କଥା ହୋଇ କର୍ମଚାରୀ ପରିବର୍ତ୍ତନ ପାଇଁ କହିବେ ବୋଲି ସେ କହିଛନ୍ତି।


**ୟୁକୋ ବ୍ୟାଙ୍କ UCO BANK**

ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୧୭

**ଚୁକ୍ତି ଭିତ୍ତିରେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତାମାନଙ୍କ ନିଯୁକ୍ତି**

**ୟୁକୋ ବ୍ୟାଙ୍କ,** ଭାରତ ସରକାରଙ୍କ ଏକ ଉଦ୍ୟୋଗ, **ପୂର୍ବତନ-ବ୍ୟାଙ୍କର (ଅଧିକାରୀ କ୍ୟାଡର)** / ଯେକୌଣସି ଜାତୀୟକରଣ ବ୍ୟାଙ୍କ/ଆର୍‌ଆର୍‌ବି/ଘରୋଇ ବ୍ୟାଙ୍କରୁ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଆମର **ଲିଡ୍ ଡିଷ୍ଟ୍ରିକ୍ଟ ଅଫିସ୍ ପୁରୀର ପୁରୀ କେନ୍ଦ୍ର** ନିମନ୍ତେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ପଦବୀ ପାଇଁ ଚୁକ୍ତି ଭିତ୍ତିରେ ଆବେଦନ ପତ୍ର ଆହ୍ୱାନ କରୁଅଛି। ବିସ୍ତୃତ ବିବରଣୀ ନିମନ୍ତେ ଆମ ବ୍ୟାଙ୍କର ୱେବସାଇଟ୍: **www.ucobank.com** ଦେଖନ୍ତୁ। **ଆବେଦନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ : ୧୫.୧୧.୨୦୨୫। ଦରଖାସ୍ତ ଦାଖଲ କରିବାର ଠିକଣା :** ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର। **ୟୁକୋ ବ୍ୟାଙ୍କ** କୌଣସି କାରଣ ନଦର୍ଶାଇ ସମଗ୍ର ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ତାରିଖ: ୦୬.୧୧.୨୦୨୫ ଅଞ୍ଚଳ ପ୍ରବନ୍ଧକ, ଭୁବନେଶ୍ୱର


# ଜିଲା ଖାଦ୍ୟ ସୁରକ୍ଷା, ଟବାକୋ ନିୟନ୍ତ୍ରଣ ବିଭାଗର ଚଢ଼ାଉ

ଡାବୁଗାଁ, ୬।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ହାଟ ଓ ବିଭିନ୍ନ ଦୋକାନ ଉପରେ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ଓ ଟବାକୋ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇଛି। ବଜାରରେ ଥିବା ପାନ ଦୋକାନ, ତେଜରାତି ଦୋକାନ, ବେକେରୀ, ଫଳ ଦୋକାନ, ହୋଟେଲ ଓ ଖାଦ୍ୟ ସାମଗ୍ରୀ ଦୋକାନଗୁଡିକ ଉପରେ ଚଢ଼ାଉ କରାଯାଇଛି। ଦୋକାନରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ, ଗୁଟୁଖା, ତମାଖୁ ଆଦି ଯାଞ୍ଚ ସହ ହାଟ ମଧ୍ୟରେ ବିକ୍ରି କରାଯାଉଥିବା ଅପମିଶ୍ରିତ ମସଲା ଗୁଣ୍ଡ ପ୍ୟାକେଟଗୁଡିକ ନଷ୍ଟ କରଯାଇଥିଲା। ବ୍ୟବସାୟୀମାନଙ୍କୁ ଏଭଳି ଅପମିଶ୍ରିତ ମସଲା ବିକ୍ରି ନ କରିବାକୁ ତାଗିଦ କରାଯାଇଥିଲା। ପ୍ରାୟ ୨୪ ଦୋକାନରେ ଚଢାଉ କରି ମୋଟ ୭୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ତମାଖୁ ନିୟନ୍ତ୍ରଣ ବିଭାଗର ମୋଟ ୫୧୦୦ ଓ ଖାଦ୍ୟ ସୁରକ୍ଷା ବିଭାଗର ୨୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅରୁଣ କୁମାର ମିଶ୍ର, ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜିଲା ପରାମର୍ଶଦାତା ତରୁଣ କୁମାର ସାହୁ, ଭେଷଜ ନିରୀକ୍ଷକ ଧରିତ୍ରୀ ସାବତ, ଡାବୁଗାଁ ଅବକାରୀ ଉପନିରୀକ୍ଷକ ସମୀର କୌଶଲ୍ୟା, ଅବକାରୀ କର୍ମଚାରୀ ଶ୍ରୀକାନ୍ତ ବିଷୋୟୀ, ଗତୁଲ ନାୟକ, ସୁରେଖା ଭତ୍ରା ଓ ବିବେକାନନ୍ଦ ସାହୁ ପ୍ରମୁଖ ସାମିଲ ଥିଲେ।


**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟପାଡ଼**
Under the Dept. of School and Mass Education
Govt. of Odisha, UDISE CODE: 21290708201
Affiliation No. 1520056, School Code: 17156

**ନିଯୁକ୍ତି ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କୁ ଜଣେଇ ଦିଆଯାଉଅଛି ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟପାଡ଼, ଜିଲ୍ଲା: କୋରାପୁଟର ଶହେ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସରେ ବିଭିନ୍ନ ସହାୟକ ପଦବୀ ଯଥା ୱାର୍ଡେନ, ରୋଷେୟା, ସହାୟକ ରୋଷେୟା, ରାତ୍ର ଜଗୁଆଳି ନିମନ୍ତେ ପଦବୀ ଖାଲି ଅଛି। ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ (ପୁରୁଷ) ତା୩୧।୧୦।୨୦୨୫ରିଖଠାରୁ ତା୧୪।୧୧।୨୦୨୫ରିଖ ମଧ୍ୟରେ Speed/Regd. ପୋଷ୍ଟ ଦ୍ୱାରା ବିଦ୍ୟାଳୟ ଅଧକ୍ଷଙ୍କ ନିକଟରେ ଆବେଦନ କରିପାରିବେ। ଉପରୋକ୍ତ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ କୋରାପୁଟ ଜିଲ୍ଲା ୱେବ୍ Portal ଯଥା **https://koraput.odisha.gov.in/**ରେ ଉପଲବ୍ଧ ଅଛି।



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, डालटनगंज**
**(E-mail: eercdmedini-jhr@nic.in)**

**आवश्यक सूचना**

एतद द्वारा सूचित किया जाता है कि इस कार्यालय द्वारा दिनांक–24.10.2025 को विभिन्न समाचार पत्रो के माध्यम से ई–निविदा सं0–**9/RCD/Daltonganj/2025-26/971** आमंत्रित की गई है, जिसका **PR No.-364721 Road(25-26):D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 365331 (Road) 25-26 (D)


# ୧୦୯ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

## ଉମରକୋଟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଉମରକୋଟ, ୬।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରାଧା ଭତ୍ରା, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଶିଶୁ ମଙ୍ଗଳ ବିଭାଗ ଅଧିକାରୀ ସଞ୍ଜୁଲତା ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଯୋଗ ଦେଇଥିଲେ। ଶିବିରରେ ମୋଟ ୧୦୯ ରୋଗୀ ନିଜ ନାମ ପଞ୍ଜିକରଣ କରିଥିଲେ। ଶିବିରରେ ଚକ୍ଷୁ ବିଶେଷଜ୍ଞ, ନାକ, କାନ ଗଳା ବିଶେଷଜ୍ଞ , ଅସ୍ଥିଶଲ୍ୟ ଡାକ୍ତର, ଔଷଧ ବିଶେଷଜ୍ଞ, ଫିଜିଓଥେରାପିଷ୍ଟ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତ ରୋଗୀଙ୍କୁ ୭ଦିନ ମଧ୍ୟରେ ସେମାନଙ୍କ ପରିଚୟ ପତ୍ର ମିଳିବ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ପୌର ପରିଷଦ ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ପ୍ରସାଦ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସିଥିବା ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଅନ୍ୟମାନେ।


**कार्यालय अधीक्षण अभियंता, लोक निर्माण विभाग, सेतु मंडल रायपुर (छत्तीसगढ़)**

**ई-प्रोक्युरमेंट निविदा सूचना**

दिनांक: 04.11.2025

निम्नांकित कार्ये हेतु ऑनलाईन निविदा ''डी'' श्रेणी एवं अधिक श्रेणी के ठेकेदारों हेतु द्वितीय निविदा आमंत्रित की जाती है। निविदा डाउनलोड करने की अंतिम तिथि दिनांक 18.11.2025 तक है।

| एन.आई.टी क्र./ निविदा क्र. | कार्य का नाम | कार्य की अनुमानित लागत (लाख में) |
|---|---|---|
| 1 | 2 | 3 |
| NIT No. 43 Tender No. 178683 | Special repair work of various Bridge Under PWD Bridges Sub Division, Dhamtari | रू. 65.00 लाख |
| NIT No. 44 Tender No. 178684 | Special repair work of various Bridge Under PWD Bridges Sub Division, Gariyaband | रू. 100.09 लाख |
| NIT No. 45 Tender No. 178687 | Special repair work of various Bridge Under PWD Bridges Sub Division, Mahasamund | रू. 39.99 लाख |
| NIT No. 46 Tender No. 178689 | Special repair work of various Bridge Under PWD Bridges Sub Division No. 01, Raipur | रू. 35.37 लाख |
| NIT No. 47 Tender No. 178691 | Special repair work of various Bridge Under PWD Bridges Sub Division No. 02, Raipur | रू. 19.50 लाख |
| NIT No. 48 Tender No. 178693 | Special repair work of various Bridge Under PWD Bridges Sub Division No. 03, Raipur | रू. 35.00 लाख |

उपरोक्त निर्माण कार्यो की निविदा की सामान्य शर्ते, धरोहर राशि, विस्तृत निविदा विज्ञाप्ति, निविदा दस्तावेज व अन्य जानकारी ई-प्राक्योरमेंट वेब पोर्टल **https://eproc.cgstate.gov.in** अथवा विभागीय वेबसाइट **https://eproc.cgstate.gov.in** से डाउनलोड की जा सकती है। (राशि रू. 100.00 के नान ज्यूडिशियल स्टाम्प पर निर्धारित प्रपत्र में शपथ-पत्र एवं न्युनतम राशि रू. 10.00 के नान ज्यूडिशियल स्टाम पर एनेकजर-3 का शपथ पत्र, बिड केपेसीटी उपलब्धत्ता बाबत् जानकारी एवं अन्य जानकारी एनआईटी के 2.10 में संलग्न संशोधित प्रपत्रानुसार प्रस्तुत करें।)
निविदा में होने वाले समस्त संशोधन का प्रकाशन केवल उपरोक्त वेबसाइट पर किया जावेगा, पृथक से समाचार पत्रों में प्रकाशन नहीं किया जावेग, एवं निविदाकारो द्वारा प्रेषित मूल अभिलेख का लिफाफा में निविदाकारो का मोबाईल नंबर एवं ई-मेल आई.डी. का उल्लेख अनिवार्य रूप से करें।

स्वा./- अधीक्षण अभियंता
लोक निर्माण विभाग, सेतु मंडल, रायपुर (छ.ग.)

G-252604559/3



**झारखण्ड सरकार**
**पुलिस अधीक्षक का कार्यालय, गुमला**
(दूरभाष–06524–223092,(मो0)9431706376,
E-mail Id- sp-gumla@jhpolice.gov.in)

**(गुमशुदा की तलाश)**



सर्व साधारण को सुचित किया जाता है कि लापता संजय उराँव उम्र करीब 26 वर्श, पिता–अकला उराँव, सा0–बोरांग, पोस्ट–जमटी, थाना–बिशुनपुर, जिला–गुमला। हिमाचल प्रदेश काम करने गये थे, जो अब तक घर नहीं आये हैं। **जिसके संबंध में बिशुनपुर थाना सन्हा सं0–08/25 दिनांक–07.08..2025 दर्ज कर खोजबीन की जा रही है।** जिसका हुलिया निम्न प्रकार हैं। रंग :–साँवला, उँचाई :–करीब 5 फीट 2 ईच, बालः–काला, एवं भाशा :–हिन्दी, कुड़ुख, एवं सादरी बोलता है। इनका खोजबीन हेतु जनता का सहयोग अपेक्षित है। उपरोक्त सूचना को सार्वजनिक किया जाना आवश्यक है।

अतः सभी जन साधारण से अनुरोध है कि उपरोक्त लापता पुरूश के बारे में कोई पहचान/जानकारी मिलने पर पुलिस अधीक्षक का कार्यालय गुमला या निम्नांकित मो0 नं0 पर संपर्क कर इसकी सूचना दे सकते है।

1. पुलिस अधीक्षक गुमला – 9431706376
2. पुलिस उपाधीक्षक (मु0) गुमला। 9471182113
3. अनुमण्डल पुलिस पदाधिकारी गुमला – 9431706202
4. थाना प्रभारी, बिशुनपुर – 9431706208

पुलिस अधीक्षक, गुमला

PR 365349 Police Wireless Headquarter(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो**

ई–निविदा आमंत्रण सूचना
ई–पुनर्निविदा सूचना संख्या – RDD/SD/BOKARO/46/2024-25/3rd Call

1.कार्य की विस्तृत विवरणीः

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के चन्द्रपुरा प्रखण्ड अंतर्गत दुग्दा फुटबॉल ग्राउण्ड में दर्शक दीर्घा, चेंजिग रूम एवं चाहरदीवारी का निर्माण। | 20602000.00 | 412500.00 | 10000.00 | 12 माह |

2.वेबसाइट में निविदा प्रकाशन की तिथि – 13.11.2025
3.ई–निविदा प्राप्ति की तिथि एवं समय – दिनांक 13.11.2025 से दिनांक 27.11.2025 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5.ई–निविदा खोलने की तिथि एवं समय – 29.11.2025 अपराह्न 2:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7.ई–निविदा प्रकोष्ठ का दूरभाष सं० – 06542 291060 (संबंधित कार्यपालक अभियंता का दूरभाष नम्बर)
8.परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,बोकारो

PR 365416 (Rural Development)25-26*D



**कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची**

**ई–प्रोक्योरमेंट सूचना**
**नेशनल कम्पेटेटीभ बिडिंग**

टेन्डर रेफरेंस नं0–प0नि0वि0/राँची–42/2025–26 दिनांक :– 06.11.2025

| | | |
|---|---|---|
| 1. | कार्य का नाम | कुम्हरिया मोड़ (मेसरा–पिठोरिया पथ पर) से संग्रामपुर (करमटोली–ओरमाँझी पथ पर) (कुल लम्बाई–6.333 कि0मी0) (पुल निर्माण सहित) पथ का पुनर्निर्माण कार्य वर्ष 2025–26. |
| 2. | अनुमानित प्राक्कलित राशि (रू0 लाख में) | रू0 2235.57351 लाख (रूपये बाईस करोड़ पैतीस लाख संतावन हजार तीन सौ एकावन) मात्र। |
| 3. | अग्रधन की राशि (रू0 लाख में) | रू0 22.36 लाख (रूपये बाईस लाख छत्तिस हजार) मात्र। |
| 4. | कार्य पूर्ण करने की अवधि | 14 (चौदह) माह |
| 5. | वेबसाईट पर निविदा प्रकाशन की तिथि | 10.11.2025 10.30 बजे पूर्वाह्न |
| 6. | प्री–बीड मिटिंग की तिथि/समय | 24.11.2025 3.00 बजे अपराह्न |
| 7. | निविदा प्राप्ति की अंतिम तिथि/समय | 01.12.2025 12.00 बजे दोपहर तक |
| 8. | निविदा खोलने की तिथि/ समय | 02.12.2025 12.30 बजे अपराह्न। |
| 9. | निविदा प्रकाषित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग,पथ प्रमंडल, मोहराबादी, राँची–834008. |
| 10. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 11. | ई–प्रोक्योरमेंट सेल का हेल्पपाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे *Tender Online Upload* में देखा जा सकता है, एवं किसी भी प्रकार का बदलाव *http://jharkhandtenders.gov.in* पर देखा जा सकता है।
- नियम एवं शर्तो के लिए वेबसाईट *http://jharkhandtenders.gov.in* पर देखें।

कार्यपालक अभियंता
पथ निर्माण विभाग,पथ प्रमंडल,राँची

PR 365412 Road Construction Dept Road Division Ranchi(25-26)#D


# ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ କୃଷି ଅତି ଗୁରୁତ୍ୱପୂର୍ଣ୍ଣ

ବନ୍ଧୁଗାଁ, ୬।୧୧(ବେଣୁଧର ଲାବାଲା)

କୋରାପୁଟ ଜିଲା ବନ୍ଧୁଗାଁ ମିନି ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସୌଜନ୍ୟ ଓ ବନ୍ଧୁଗାଁ ବ୍ଲକ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲାକା ଏବଂ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ମୁକ୍ତି କାନ୍ତ ସେଠୀଙ୍କ ସଭାପତିତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀ ମିଣିଆକା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ଗିତାଞ୍ଜଳି ପିଡିକା, ବିଡିଓ ମିନତି ଜଗଦେବ, ଏମ୍‌ପିଙ୍କ ପ୍ରତିନିଧି ଡି. ଟଙ୍କାଟିଏ, ଜିଲା ଭାଜପା ସମ୍ପାଦକ ଶରତ ପାତ୍ର ପ୍ରମୁଖ ମେଳାକୁ ଆନୁଷ୍ଠାନିକଭାବେ ଶୁଭାରମ୍ଭ କରିଥିଲେ। ଅତିଥି ଓ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଚାଷ ଉଦ୍ୟୋଗୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ପାରମ୍ପରିକ ଗୋଟିଏ ଚାଷ ବଦଳରେ ସମନ୍ୱିତ ଚାଷ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କମ୍ ସମୟରେ ଉନ୍ନତ ଜ୍ଞାନ କୌଶଳ ଉପଯୋଗ କରି ଅଧିକା ଉତ୍ପାଦନ ଏବଂ ମତ୍ସ୍ୟ ଚାଷ, ଗୋପାଳନ, ଗୃହପାଳିତ ପ୍ରାଣୀ, ଉଦ୍ୟାନ କୃଷି ଓ ସାଧାରଣ କୃଷିକୁ ଉପଯୋଗ କରିବାକୁ ଅତିଥି ଆହ୍ୱାନ ଦେଇଥିଲେ। ଯୁବାବର୍ଗ ଉଦ୍ୟମୀ ହେବା ସହ ଉଦ୍ୟୋଗୀ ହୋଇ ସ୍ୱାବଲମ୍ବୀ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଆତ୍ମନିର୍ଭର ଭାରତ ନିର୍ମାଣ କରିବା ପାଇଁ କୃଷି ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ଦେଇଥିଲେ। କୃଷି ସହିତ ପ୍ରାଣୀ ସମ୍ପଦକୁ ଉପାର୍ଜନର ମାଧ୍ୟମ କରିବା ନିହାତି ଆବଶ୍ୟକ। ଦୈବ ଦୁର୍ବିପାକରେ ଚାଷ କ୍ଷୟକ୍ଷତି ହେଲେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମାଧ୍ୟମରେ ତାହାର ଭରଣ ହୋଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସରପଞ୍ଚ, ଖବରଦାତା ଏବଂ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍ଆରସି-ବି ଟଏଲେଟ୍ ଆର୍-ଡିଟି-୦୭.୧୧.୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ସିଡିଓ, ସାନ୍ତ୍ରାଗାଛି, ଦ.ପୂ. ରେଳପଥ, ଖଡ଼ଗପୁର ମଣ୍ଡଳଙ୍କ ଦ୍ୱାରା ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରାଯାଉଛି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ **www.ireps.gov.in** ୱେବ୍‌ସାଇଟ୍‌ରେ ଅନ୍‌ଲାଇନ ଜରିଆରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ କୋଚିଂ ଡିପୋ, ସାନ୍ତ୍ରାଗାଛି ଏବଂ ପଦ୍ମପୁକୁରର କୋଚ୍‌ଗୁଡ଼ିକରେ ବାୟୋ ଟଏଲେଟ୍ (ଡିଆର୍‌ଡିଇ ଟାଇପ୍)ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକା। **ଟେଣ୍ଡର ମୂଲ୍ୟ :** ₹୨୨,୫୮,୨୦,୮୮୨.୩୫। ଇଏମ୍‌ଡି: ₹୧୨,୭୯,୧୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ) । **ଟେଣ୍ଡର ସମାପ୍ତି ତାରିଖ:** ତା୦୧।୧୨।୨୦୨୫ରିଖ ୧୨.୦୦ ଘଟିକାରେ। (PR-810)



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 46-SBP-TRD-OT-2025-26, ତା. 01.11.2025 ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ରେଢାଖୋଲଙ୍କ ଅଧିକାର କ୍ଷେତ୍ର ଅଧୀନରେ ଥିବା ଅସୁରକ୍ଷିତ ସ୍ଥାନଗୁଡ଼ିକରେ ଗଭୀର କଟିଂକୁ ସୁରକ୍ଷା ଦେବା ପାଇଁ ରିଟେନିଂ ୱାଲ, ଗଡାଣିକୁ ସୁଗମ କରିବା, କଟିଂରେ ପାର୍ଶ୍ୱ ଗଡାଣିକୁ ସୁରକ୍ଷା ଦେବା ପାଇଁ ତାର ଦଉଡ଼ି ଜାଲି ଇତ୍ୟାଦି" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹): 2,25,75,776.05, EMD (₹) : 2,62,900.00, ଶେଷ ହେବା ଅବଧି : 12 ମାସ ।**

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.11.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-768/Q/25-26



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଶର୍ମା ଛକ ତାଳଚେର ଶାଖା**
ପ୍ଲଟ୍ ନଂ.: ୧୬୦୫, ଶର୍ମା ଛକ ମାର୍କେଟ, ତାଳଚେର-୭୫୯୧୦୦, ଇମେଲ୍ : ubin0919942@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶର୍ମା ଛକ ତାଳଚେର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶର୍ମା ଛକ ତାଳଚେର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ନବଘନ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ୨) ଶ୍ରୀ କୁଶଧ୍ୱଜ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ଯୋରାଗାଡିଆ, ପୋ: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡିଶା-୭୫୯୧୦୩ | ୨୪.୦୫.୨୦୨୩ ସୁଦ୍ଧା ଟ.୫,୩୬,୮୨୨.୧୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୧୩.୦୧.୨୦୨୫ / ୦୧.୧୧.୨୦୨୫ | ଶ୍ରୀ ନବଘନ ବିଶ୍ୱାଳ ଏବଂ ଶ୍ରୀ କୁଶଧ୍ୱଜ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସା: ଯୋରାଗାଡିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଟଟୁଇତା ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ |

ସ୍ଥାନ: ତାଳଚେର
ତାରିଖ: ୦୬.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସଚେତନ ରହିବା ମୂଳ କଥା

**ଆଜି ଜାତୀୟ କ୍ୟାନ୍ସର ସଚେତନତା ଦିବସ**



ଆମେ ସାମ୍ନା କରୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ କ୍ୟାନ୍ସର ଅନ୍ୟତମ। ଏହା ଏପରି ଏକ ରୋଗ ଯାହାର ଠିକ୍ ସମୟରେ ନିରୂପଣ ଏବଂ ଆବଶ୍ୟକ ଚିକିତ୍ସା କରା ନ ଗଲେ ତାହା ଭବିଷ୍ୟତରେ ଗୁରୁତର ଆକାର ଧାରଣ କରିଥାଏ। ଏପରି କି ଅକାଳ ମୃତ୍ୟୁକୁ ମଧ୍ୟ ଡାକି ଆଣିଥାଏ। ତେଣୁ କ୍ୟାନ୍ସର ବିଷୟରେ ଅଧିକ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ନଭେମ୍ବର ୭ରେ ଆମଦେଶରେ 'ଜାତୀୟ କ୍ୟାନ୍ସର ସଚେତନତା ଦିବସ' ପାଳନ କରାଯାଇଥାଏ। ଏହି ଅବସରରେ ସରକାରୀ ଏବଂ ବେସରକାରୀ ସ୍ତରରେ କର୍ମଶାଳା ଆୟୋଜନ କରାଯାଇ କ୍ୟାନ୍ସର ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଏ। କ୍ୟାନ୍ସରର ଦିନକୁ ଦିନ ନୂଆ ନୂଆ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। ଏହାର କାରଣ ସମ୍ପର୍କରେ ଅବଗତ ହେବା ନିହାତି ଦରକାର। କେବଳ ସେତିକି ନୁହେଁ, ଲକ୍ଷଣ ଜାଣିବା ମାତ୍ରେ ତାହାର ଚିକିତ୍ସା କରାଇବା ଜରୁରୀ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ସମଗ୍ର ବିଶ୍ୱରେ କ୍ୟାନ୍ସର ହେଉଛି ମୃତ୍ୟୁର ପ୍ରମୁଖ ଦ୍ୱିତୀୟ କାରଣ। ସୂଚନାଯୋଗ୍ୟ ୨୦୧୪ ସେପ୍ଟେମ୍ବର ମାସରେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କ୍ୟାନସରର ଭୟାବହତା ସମ୍ପର୍କରେ ଆମଦେଶର ଲୋକଙ୍କୁ ଅଧିକ ଜନସଚେତନତା କରାଇବାକୁ ନେଇ ପ୍ରଥମେ 'ଜାତୀୟ କ୍ୟାନସର ସଚେତନତା ଦିବସ' ପାଳନ କରିଥିଲେ। ତେବେ ସେହି ସମୟରେ ଏକ କମିଟି ଗଠନ କରାଯାଇ ବିଭିନ୍ନ କ୍ୟାନ୍ସରର ଗମ୍ଭୀରତା, ଲକ୍ଷଣ ଏବଂ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି ସକାଶେ ପ୍ରତିବର୍ଷ ନଭେମ୍ବର ୭ ରେ ଭାରତରେ 'ଜାତୀୟ କ୍ୟାନସର ସଚେତନତା ଦିବସ' ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ କ୍ୟାନ୍ସରକୁ ନେଇ ଆମେ ଯେତେ ସଚେତନ ରହିବା ଏଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାଠାରୁ ନିଜକୁ ସେତେ ଦୂରେଇ ରଖିପାରିବା।

# 'ନବୀନଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଉ'

**ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଉପନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ନୂଆପଡା ଗସ୍ତରେ ଯିବେ। ତାଙ୍କର ସୁରକ୍ଷା ୱାଇ ସିକ୍ୟୁରିଟି ବ୍ୟବସ୍ଥାରେ ଆସୁଛି। ଦଳ ପକ୍ଷରୁ ଅନୁମାନ କରାଯାଉଛି ଭାଜପା ନେତା କିମ୍ବା କର୍ମୀ ଏହି ଅବସରରେ ଅଶାନ୍ତି ସୃଷ୍ଟି କରିପାରନ୍ତି। ତାଙ୍କ ଗସ୍ତ କାଳରେ ପଥର ଫୋପାଡିବା ସହିତ କିଛି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରନ୍ତି। ତେଣୁ ତାଙ୍କ ଗସ୍ତ ସମୟରେ ଶୃଙ୍ଖଳିତ ପ୍ରଚାର କାର୍ଯ୍ୟକ୍ରମ ଲାଗି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ଠିକ୍ ଭାବେ ସୁରକ୍ଷା କର୍ମୀ ନିୟୋଜିତ କରିବା ଲାଗି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡିର ଏକ ପ୍ରତିନିଧି ଦଳ ଅନୁରୋଧ କରିଛି। ନବୀନ ଗୁରୁବାର ଖରିଆର୍ ରୋଡ୍ ଏନ୍ଏସି ଅଞ୍ଚଳର ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଏବଂ ଲକ୍ଷ୍ମଣିଆ ପେଟ୍ରୋଲ ପମ୍ପ ଛକରେ ରୋଡ୍ ଶୋ କରିବେ। ସେହିପରି ନୂଆପଡା ଏନ୍ଏସିର ସୂର୍ଯ୍ୟନଗର, ଗାୟତ୍ରୀ ମନ୍ଦିର ଏବଂ ଏକ୍ତା ଛକ ଠାରେ ରୋଡ୍ ଶୋ କରିବେ। ଏହାସହ ନୂଆପଡା ବ୍ଲକର ପରକୋଦ ଠାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ତେଣୁ ସେଠାରେ ମଧ୍ୟ କଡା ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ଅବସରରେ ସେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି।

# ମୋର ବିଜୟ ସୁନିଶ୍ଚିତ: ଘାସିରାମ ମାଝୀ

**ନୂଆପଡ଼ା ଉପନିର୍ବାଚନରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ସମେତ ସମୁଦାୟ ୧୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଚଳିତ ନିର୍ବାଚନକୁ ମିଶାଇ ୬ଷ୍ଠ ଥର ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। କେମିତି ରହିଛି ତାଙ୍କ ପ୍ରଚାର, ଲୋକେ ତାଙ୍କୁ କିଭଳି ଗ୍ରହଣ କରୁଛନ୍ତି ଓ ନୂଆପଡ଼ାକୁ ନେଇ କ'ଣ ରହିଛି ତାଙ୍କର ଭିଜନ ଆଦି ବିଷୟକୁ ନେଇ ଘାସିରାମଙ୍କ ସହିତ ଅଧିକ ଆଲୋଚନା କରିଛନ୍ତି ଆମ ପ୍ରତିନିଧି ପୀତାମ୍ବର ସାହୁ**



**ଆପଣଙ୍କ ନିର୍ବାଚନୀ ପ୍ରଚାର କେମିତି ଚାଲିଛି ?**

-ମୁଁ ପ୍ରତ୍ୟହ ସକାଳ ୯ଟାରେ ଘରୁ ବାହାରି ରାତି ୧୧ଟା ପର୍ଯ୍ୟନ୍ତ ପ୍ରଚାର କରୁଛି। ଆମର ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି। ଛତିଶଗଡ଼ର ଭାନୁପ୍ରତାପପୁର, ଧନତରୀ, କୁରୁଡ, ବ୍ରଜରାଜନଗର, ଭିଲାଇଗଡ, ସରେଇପାଲି, ଖଲ୍ଲାରୀ, ଭଟାପରା ଆଦି ନିର୍ବାଚନମଣ୍ଡଳୀର ପ୍ରାୟ ୧୦ ଜଣ କଂଗ୍ରେସ ବିଧାୟକ ଆସି ପ୍ରଚାର କରୁଛନ୍ତି।

**ଆପଣ କେତେଥର ଓ କେଉଁ ଦଳରୁ ନିର୍ବାଚନ ଲଢ଼ିଛନ୍ତି ?**

-ମୁଁ ଏହି ଉପନିର୍ବାଚନକୁ ମିଶାଇ ଷଷ୍ଠଥର ବିଧାୟକ ଭାବେ ନିର୍ବାଚନ ଲଢ଼ୁଛି। ସ୍ୱାଧୀନ ଭାବେ ୨୦୦୦ ଓ ୨୦୨୪ରେ ନିର୍ବାଚନ ଲଢ଼ିଥିବା ବେଳେ ୨୦୦୯ରେ ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି)ରୁ ଲଢି ୧୯ ହଜାରରୁ ଅଧିକ ଭୋଟ ପାଇଥିଲି। ୨୦୧୪ ଓ ୨୦୧୯ରେ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ିଥିଲି। ୨୦୨୪ରେ ସ୍ୱାଧୀନ ଭାବରେ ଲଢ଼ି ପ୍ରାୟ ୫୧ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲି। ଏଥର ତୃତୀୟ ଥର ପାଇଁ କଂଗ୍ରେସରୁ ନୂଆପଡ଼ାରେ ନିର୍ବାଚନ ଲଢ଼ୁଛି।

**କିଏ ଆପଣଙ୍କ ପାଇଁ ପ୍ରଚାର କରୁଛନ୍ତି ଓ ଆଗକୁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି?**

-ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳନା ହେଉଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଶୁକ୍ରବାର ଆସୁଥିବା ବେଳେ କହ୍ନେୟା କୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ସଚିନ ପାଇଲଟ ଶନିବାର ଏବଂ ଅଲକା ଲାମ୍ବା ମଧ୍ୟ ଆସି କଂଗ୍ରେସ ପାଇଁ ପ୍ରଚାର କରିବେ। ଏହାସହିତ ଅନେକ ବିଧାୟକ, ସାଂସଦ ଓ ଦଳର ବରିଷ୍ଠ କର୍ମୀ ନିର୍ବାଚନ ପ୍ରଚାର କରୁଛନ୍ତି।

**ପ୍ରଚାର ବେଳେ କ'ଣ କହି ଲୋକଙ୍କୁ ଭୋଟ ମାଗୁଛନ୍ତି ?**

-ପ୍ରଚାର ବେଳେ ନୂଆପଡ଼ା ଲାଗି ଦୀର୍ଘବର୍ଷ ଧରି କାମ କରିଥିବା ବିଷୟ ମନେପକାଇ ଦେଉଛି। ଶିକ୍ଷା, ମଣ୍ଡି ବ୍ୟବସ୍ଥାରେ ସୁଧାର, ଚାଷ ଓ ଚାଷୀ, ସ୍ୱାସ୍ଥ୍ୟ, ସୁନାବେଡ଼ା ଚୁଟିଆ ଓ ଭୁଞ୍ଜିଆଙ୍କ ପାଇଁ ଅନେକ କାମ କରିଛି ବୋଲି ଲୋକଙ୍କୁ କହି ଭୋଟ ମାଗୁଛି। ଜଣେ ଆଇନଜୀବୀ ତଥା ଦରଦି ଓ କର୍ମଠ ନେତା ଭାବେ ଲୋକେ ମୋତେ ଗ୍ରହଣ କରୁଛନ୍ତି।

**ନୂଆପଡ଼ାରେ କ'ଣ ପ୍ରମୁଖ ସମସ୍ୟା ରହିଛି ବୋଲି ଅନୁଭବ କରୁଛନ୍ତି ?**

-ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ମଣ୍ଡି ବ୍ୟବସ୍ଥା, ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି, ଶାସନ କଳ ଭୁଶୁଡ଼ିଥିବା, ଦାଦନ ଭଳି ଅନେକ ସମସ୍ୟା ନୂଆପଡ଼ାରେ ରହିଛି।

**ବିଧାୟକ ଭାବେ ନିର୍ବାଚିତ ହେଲେ ନୂଆପଡ଼ା ପାଇଁ କ'ଣ ସବୁ ଭିଜନ ରହିବ ?**

-ମୋର ପ୍ରଥମ ସ୍ୱପ୍ନ ହେଲା ଶିକ୍ଷାର ଉନ୍ନତି। ଅଞ୍ଚଳର ବେଲଗୁକୁରୀ, ସୁନାବେଡା, ମିଛାପାଲି, ଆମନଆରା ଅଞ୍ଚଳରେ ଡିଗ୍ରୀ କଲେଜ ଖୋଲି ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରିବା ଲକ୍ଷ୍ୟ ରହିଛି। ଏହା ସହିତ ନୂଆପଡ଼ା ନ୍ୟାଶନାଲ କଲେଜକୁ ସରକାରୀ କରିବା ପାଇଁ ଚେଷ୍ଟା କରିବି। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ପ୍ରୟାସ କରିବି।

**ଗତ ନିର୍ବାଚନରେ ଆପଣ ଆଦିବାସୀଙ୍କ ସମର୍ଥନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଦ୍ୱିତୀୟ ସ୍ଥାନରେ ଥିଲେ। ମାତ୍ର ଏହି ଉପନିର୍ବାଚନରେ ଆଦିବାସୀଙ୍କ ଭୋଟ ଭାଗ ଭାଗ ହେଉଛି ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ କ'ଣ କହିବେ?**

-ମୋତେ ଆଦିବାସୀ ଭଉଣୀଭାଇ ଆଗରୁ ଭୋଟ ଦେଉଥିଲେ, ଏବେ ବି ଦେଉଛନ୍ତି। ଚଳିତ ଉପନିର୍ବାଚନରେ ମଧ୍ୟ ମୋ ପ୍ରତି ସେମାନଙ୍କ ସମର୍ଥନ ରହିଛି। ମୁଁ ଗଣ୍ଡ ସମାଜର ଜିଲା ସଭାପତି ରହିଥିବାବେଳେ ଅନେକ ଆଦିବାସୀ ସଂଘ ସହ ଜଡ଼ିତ ଅଛି। ମୁଁ ଆଦିବାସୀଙ୍କ ପାଇଁ ବହୁ କାମ କରିଛି। ପତୋରାରେ ବୁଢ଼ାଦେଓ ମନ୍ଦିର ନିର୍ମାଣ କରାଉଛି। ଅନ୍ୟମାନେ ଏହାକୁ ନେଇ ଅପପ୍ରଚାର କରୁଛନ୍ତି। ମୁଁ ଜଣେ ମାତ୍ର ଆଦିବାସୀ ପ୍ରାର୍ଥୀ ହୋଇଛି। ଜଣେ ଗୁଜରାଟରୁ ଆସି ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ଜଣେ ବରଗଡ଼ ଅଞ୍ଚଳରୁ ଆସି ପ୍ରାର୍ଥୀ ହୋଇଛନ୍ତି। ମୁଁ ହେଲି ମାଟିର ପୁଅ। ଲୋକେ ମଧ୍ୟ କହୁଛନ୍ତି 'ମାଟିର ପୁଅ ଉପଯୁକ୍ତ ପ୍ରାର୍ଥୀ, ସେ ଆମ ସମସ୍ତଙ୍କ ପାଇଁ କାମ କରିବ' ।

**ଚଳିତ ବ୍ୟୟବହୁଳ ନିର୍ବାଚନରେ ଆପଣ ଅନ୍ୟ ଦଳ ସହିତ କେମିତି ତାଳ ଦେଇପାରିବେ ବୋଲି ଭାବୁଛନ୍ତି ?**

-ମୋ ସାଙ୍ଗରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଅଛନ୍ତି। ସେମାନେ ପ୍ରତ୍ୟହ ମୋ ସହ କଥା ହୋଇ ମୋତେ ଉତ୍ସାହିତ କରୁଛନ୍ତି। ଆମ ସହ ଲୋକବଳ, ସଂଗଠନ ବଳ ଅଛି। ମୁଁ ପରିଶ୍ରମ କରୁଛି। ନିର୍ବାଚନ ଲଢ଼ିବାର ଦକ୍ଷତା ମୋର ଅଛି। ତେଣୁ ନିର୍ବାଚନରେ ବିଜୟୀ ହେବାରେ କୌଣସି ପ୍ରତିବନ୍ଧକ ହେବ ନାହିଁ ବୋଲି ମୁଁ ଭାବୁଛି।

**ଆପଣ ବିଜୟ ପାଇଁ କେତେ ପ୍ରତିଶତ ଆଶାବାଦୀ?**

-ମୋର ବିଜୟ ସୁନିଶ୍ଚିତ। ପ୍ରାୟ ୨ ହଜାର ପ୍ରତିଶତ ମୋର ବିଜୟ ପାଇଁ ମୁଁ ଆଶାବାଦୀ।

# କଂଗ୍ରେସର ନୂଆପଡା ଉପନିର୍ବାଚନ ଇସ୍ତାହାର

**ଦାଦନ ମୁକ୍ତ ହେବ ନୂଆପଡା:ଭକ୍ତ**

ଭୁବନେଶ୍ୱର,୬।୧୧ (ରବିନାରାୟଣ ଜେନା)

ନୂଆପଡାକୁ ବିକାଶ କେବଳ କଂଗ୍ରେସ ଦେଇଛି। ମାତ୍ର ଭାଜପା ଓ ବିଜେଡି କେବଳ ପ୍ରତାରଣା ଦେଇ ଆସିଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ନୂଆପଡା ଉପନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସର ନିର୍ବାଚନୀ ଇସ୍ତାହର ଉନ୍ମୋଚନ କରି ଭକ୍ତ କହିଥିଲେ ଯେ, ନୂଆପଡା ଦାଦନ ମୁକ୍ତ ହେବ। କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସହିତ କୃଷିର ଉନ୍ନତିକରଣ କରାଯିବ। ଜିଲାରେ ଦାଦନ ଶ୍ରମିକ ସମ୍ପୂର୍ଣ୍ଣ ଭାବେ ରୋକାଯିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ଉନ୍ନତି ଅଣାଯିବ। ଏହାସହିତ ଶୀତଳଭଣ୍ଡାର ପ୍ରତିଷ୍ଠା, ପାଡାରୋ ଡ୍ୟାମ୍ ଏବଂ ତିଖାଲି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଏବଂ ଆଦିବାସୀଙ୍କୁ ଜମି ଉପରେ ହକ୍ ପ୍ରଦାନ କରାଯିବ। ସବୁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ସୁନିଶ୍ଚିତ କରିବୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଶିବାନନ୍ଦ ରାୟ, ସମୀର ରାଉତରାୟ, ଜୟଶ୍ରୀ ପଟ୍ଟନାୟକ, ମନୀଷା ଦାସପଟ୍ଟନାୟକ, ସୁଜିତ୍ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ନିୟମ ଭାଙ୍ଗି ରାସ୍ତା ଉପରେ ଭାଜପା କଳା କାର୍ଯ୍ୟକ୍ରମ'

**ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି**

ଭୁବନେଶ୍ୱର, ୬।୧୧ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୂଆପଡା ଉପନିର୍ବାଚନର ପ୍ରଚାର କାର୍ଯ୍ୟକ୍ରମ ଲାଗି କୋମନା ବ୍ଲକର ମୁଖ୍ୟ ରାସ୍ତା ଉପରେ ଭାଜପା ନେତା ଓ କର୍ମୀମାନେ ମଞ୍ଚ କରି ସାଧାରଣ ଲୋକଙ୍କୁ ହଇରାଣ କରିଛନ୍ତି। ଗୋଟିଏ କାର୍ଯ୍ୟଦିବସରେ ଏଭଳି ଲୋକଙ୍କୁ ହଇରାଣ କରାଯିବା ନେଇ ପ୍ରଶ୍ନ ଉଠାଇଛି ବିଜେଡି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛି, ଭାଜପା ନିର୍ବାଚନ ଆଚରଣବିଧିର ଉଲଘଂନ କରି ମୁଖ୍ୟ ରାସ୍ତାରେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରାଯିବାର ଏକ ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ଫଳରେ ସେଠାରେ ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇଯାଇଥିଲା। ଏହାଦ୍ୱାରା ଲୋକମାନଙ୍କ ଯାତାୟତରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ଏହା ଆଦର୍ଶ ଆଚରଣ ବିଧିର ଖୋଲା ଉଲଘଂନ। ଏହାଦ୍ୱାରା ମୋଟର ଭେହିକିଲ୍ ଆକ୍ଟ ୨୦୧ର ଖୋଲା ଉଲଘଂନ ହୋଇଛି। ସ୍ଥାନୀୟ ପୋଲିସ୍ ଏବଂ ଅଧିକାରୀ ଏହାକୁ ରୋକିବା ଦିଗରେ କାର୍ଯ୍ୟ ତ କଲେ ନାହିଁ ପଲଟା ଏଥିରେ ସହଯୋଗ କରିଛନ୍ତି। ବିଜେଡି ନେତା ଓ କର୍ମୀ ଏନେଇ ଅଭିଯୋଗ କରିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ତେଣୁ ଆଦର୍ଶ ଆଚରଣ ବିଧି ଉଲଘଂନ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଜେଡି ପକ୍ଷରୁ ଦାବି କରାଯାଇଛି।

# 'ଛୋଟ ପିଲାଙ୍କୁ ନିର୍ବାଚନରେ ବ୍ୟବହାର କରୁଛି ବିଜେଡି'

**ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା**

ଭୁବନେଶ୍ୱର, ୬।୧୧(ସୁନିତ୍ ମିଶ୍ର)

ଏକ ସଶକ୍ତ ଓ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନିର୍ବାଚନ ମେରୁଦଣ୍ଡ ସଦୃଶ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ଉଚିତ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। କିନ୍ତୁ ଦୁଃଖର ବିଷୟ ବିଜେଡି ୨୫ ବର୍ଷ ଓଡ଼ିଶାକୁ ଶାସନ କରିଥିଲେ ମଧ୍ୟ ନିର୍ବାଚନ ସମୟରେ ଅଗଣତାନ୍ତ୍ରିକ ପଦ୍ଧତିରେ ପାର୍ ହେବା ପାଇଁ ଅପଚେଷ୍ଟା ଚଳାଇଛି। ନିର୍ବାଚନ ହାରିବା ଭୟରେ ଶାସକ ଦଳ ନିଜର ହିତାହିତ ଜ୍ଞାନ ହରାଇ ବସିଛି। ଶେଷରେ ବିଜେଡିର ଶେଷ ଭରସା ଛୋଟ ପିଲାମାନେ ସାଜିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ନିର୍ବାଚନମଣ୍ଡଳୀରେ ପ୍ରଚାର ଅବସରରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ବାବୁଙ୍କୁ ସ୍ୱାଗତ ଜଣାଇବା ପାଇଁ କୋମନା ବ୍ଲକର ତରାବୋଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ କୋମଳମତି ପିଲାଙ୍କୁ ବ୍ୟବହାର କରିଥିଲେ ବୋଲି ଭାଜପା ଛୋଟ ପିଲାମାନେ ବିଜେଡିର ଦଳୀୟ ପତକା, ପୋଷାକ ପରିଧାନ କରି ସ୍ଲୋଗାନ ଦେଉଥିବାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ବିଜେଡି ଶିଶୁ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ କରିଛି। ଏହା ସମ୍ପୂର୍ଣ୍ଣ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଯାହାର ଭିଡିଓ ଓ ଫଟୋକୁ ନେଇ ତଥ୍ୟ ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପ୍ରତିନିଧିମଣ୍ଡଳ ଦାବୀ କରିଥିବା ବରିଷ୍ଠ ନେତା ଗୋଲକ ମହାପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଦଳର ରାଜ୍ୟ ମୁଖପାତ୍ର ଦିଲୀପ ମଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢୀ, ତୃପ୍ତିମୟୀ ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

# ଅନାସ୍ଥାରେ ପଦ ହରାଇଲେ ରଣପୁର ସରପଞ୍ଚ

**୧ ମାସର ବହୁ ଛକାପଞ୍ଝା ପରେ ହେଲା ଭୋଟ୍**

ବିଞ୍ଝାରପୁର, ୬।୧୧ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ ରଣପୁର ପଞ୍ଚାୟତର ସରପଞ୍ଚ ରିୟଙ୍କା ଜେନା ଅନାସ୍ଥା ଭୋଟରେ ନିଜ ପଦ ହରାଇଛନ୍ତି। ପଞ୍ଚାୟତର ୧୫ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୧ଜଣ ଅନାସ୍ଥା ଭୋଟରେ ଭାଗ ନେଇଥିଲେ। ରିୟଙ୍କାଙ୍କ ବିପକ୍ଷରେ ଯାଇଛି ୧୧ଖଣ୍ଡ ଭୋଟ୍। ୧ ମାସର ବହୁ ଛକାପଞ୍ଝା ପରେ ଜିଲା ପ୍ରଶାସନ ଚିଠି ନଂ.୧୬୭୯୩/୨୫ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଡିଏସ୍‌ପି ବାମଦେବ ନନ୍ଦ, ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ପୋଲିସ ଫୋର୍ସ ସୁରକ୍ଷା ବଳୟରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ୍ ହୋଇଥିଲା। ଦଶରଥପୁରର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ ମୁଖ୍ୟ ନିର୍ବାଚନ ଅଧିକାରୀଭାବେ ଅନାସ୍ଥା ଭୋଟ ପରିଚାଳନା କରିଥିଲେ। ବିଞ୍ଝାରପୁର ଏବିଡିଓ ସତ୍ୟଭୂଷଣ ବିଶ୍ୱାଳ, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟି ଓ ରଣପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଶତପଥୀ ଉପସ୍ଥିତଥିଲେ।


ରିୟଙ୍କା ଜେନା

ସରପଞ୍ଚଙ୍କ ବିରୋଧୀ ନାଏବ ସରପଞ୍ଚ ବନମାଳୀ ସାମଲଙ୍କ ନେତୃତ୍ୱରେ ଅନ୍ୟ ୧୦ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ସରପଞ୍ଚଙ୍କ ସମେତ ତାଙ୍କ ସମର୍ଥିତ ୪ ୱାର୍ଡସଭ୍ୟାସଭ୍ୟ ଅନୁପସ୍ଥିତ ରହିଥିଲେ। ଫଳରେ ସରପଞ୍ଚଙ୍କ ବିରୋଧରେ ଉପସ୍ଥିତ ୧୧ ୱାର୍ଡ ସଭ୍ୟାସଭ୍ୟ ଯିବାରୁ ପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚ ନିଜ ପଦ ହରାଇଥିଲେ।

ସରପଞ୍ଚଙ୍କ ମନମୁଖି କାର୍ଯ୍ୟରେ ନାଏବ ସରପଞ୍ଚଙ୍କ ସହ ଅନ୍ୟ ୧୦ ୱାର୍ଡସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସେମାନେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଭେଟି ସରପଞ୍ଚଙ୍କ ବିରୋଧରେ ଫେରାଦ ହେବାସହ ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଦାବି ଜଣାଇଥିଲେ। ଏହି ଦାବିକୁ ଗ୍ରହଣକରି ଉପଜିଲାପାଳ ୮।୧୦।୨୦୨୫ରେ ଅନାସ୍ଥା ଭୋଟ୍ ପାଇଁ ଦିନ ଧାର୍ଯ୍ୟ କରିଥିଲେ। ହେଲେ ତା'ପୂର୍ବରୁ ସରପଞ୍ଚଙ୍କ ସମର୍ଥକ ପଞ୍ଚାୟତର ୩ନଂ. ୱାର୍ଡସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରି ନେଇଥିଲେ। ଫଳରେ ଆଇନଶୃଙ୍ଖଳା ବ୍ୟାହତ ଆଶଙ୍କାରେ ଧାର୍ଯ୍ୟ ତାରିଖରେ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବ ଭୋଟ୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଥିଲା। ଏହାପରେ ନଭେମ୍ବର ୬ରେ ଅନାସ୍ଥା ବୈଠକ ହେବ ବୋଲି ଉପଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

Own GHARABARI Residential plot 3100sqft. with compound wall & electricity at Brahmanjharilo, 7 km. from Phulanakhara Cuttack & 12 km. from Bhubaneswar Toal Rs.41 lakhs (Including Registration charges) 7809525452. D-208

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/– ପ୍ଲଟ୍ ବିକ୍ରିହେବ– 9776974912. D–05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D– 07




The massage felt totally professional & comfortable at all times- 7978109255. D-205

Full body massage by odia therapist in homely atmosphere. 9078618337. D-2496

### AFFIDAVIT

By virtue of an affidavit sworn before the Executive Magistrate, Sambalpur, dated- **04.10.2025**, I, **Shweta Snigdha**, Daughter of Subash Chandra Digal, Wife of Chinmaya Dalai, Resident of Plot No.- 717/1698, Dumduma, Phase-4, near Savvy Public School, Bhubaneswar, Aiginia, Khorda, Odisha, PIN- 751019, declare that I have changed my name from D. Sweta Snigdha to **Shweta Snigdha**. Henceforth, I shall be known as **Shweta Snigdha** for all purposes.
**Shweta Snigdha**
D-2499

By virtue of an affidavit sworn before the Executive Magistrate, Talcher, dated- 24.10.2025, I, Kanchan Behera, W/o.- Purna Chandra Behera, Resident of Village- Hemsurpada, P.O./P.S.- Angul, District - Angul, Odisha declare that my actual and correct name is Kanchan Behera but it has been wrongly mentioned as Kanchanbala Behera in some records instead of Kanchan Behera. So both Kanchan Behera and Kanchanbala Behera is one and the same person. D-2498

By virtue of an affidavit sworn before the Executive Magistrate, Junagarh, No.- 491, Dtd.- 04.11.25, I, Abhiram Mangaraj, R/o. At- Karlakot, P.O.- Banijara, P.S.- Junagarh, Dist.- Kalahandi, Odisha, declare that I have changed my name and date of birth from Abhi Mangaraj, D.O.B.- 15.08.1975 to Abhiram Mangaraj, D.O.B- 18.07.1975. Henceforth, I shall be known as Abhiram Mangarj, D.O.B- 18.07.1975 for all purposes.
Abhiram Mangaraj
D-2497

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଧାନ୍ୟାଶ୍ରୀ(ଲକ୍ଷ୍ମୀ)

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ଓ ଭବିଷ୍ୟତକୁ ଉଜ୍ଜଳମୟ କରନ୍ତୁ
ଶୁଭେଚ୍ଛା ସହ
ଜେଜେ, ମା, ଅଜା, ଆଈ, ବଡବାପା, ବ ବାବା, ମାମା, ମଉସା , ମାଉସୀ, ପରିମାଉସୀ, ପ୍ରିନ୍ସ ମାମୁ, ମେଘା ଦିଦି, କୁନୋ ଦିଦି, ଅସୀମ ଭାଇ, ସୋହମ ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ–୨୦୯

# ଭାରତୀୟ ମହିଳା କ୍ରିକେଟରେ ନୂଆ ଯୁଗ



ନିର୍ମଳ କୁମାର ମିଶ୍ର

**ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ଦିନିକିଆ ବିଶ୍ୱକପ ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଆଇସିସି ଦିନିକିଆ କିମ୍ବା ଟି୨୦ ବିଶ୍ୱକପ୍‌ରେ ଭାରତ କେବେ ଟ୍ରଫି ହାସଲ କରିପାରି ନ ଥିଲା। ତେଣୁ ଭାରତୀୟ ମହିଳା କ୍ରିକେଟରେ ଏକ ନୂଆ ଯୁଗର ସୂତ୍ରପାତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ...**

୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଲା। ଭାରତକୁ ପ୍ରଥମ ଏକଦିବସୀୟ ମହିଳା ବିଶ୍ୱକପ୍ ଟ୍ରଫି ମିଳିଲା। ସାକାର ହେଲା ସ୍ୱପ୍ନ। ବିଶ୍ୱକପ ଇତିହାସର ୧୩ଶ ସଂସ୍କରଣରେ ଏକ ନୂଆ ବିଜେତାର ଆବିର୍ଭାବ ହେଲା। ପ୍ରଥମଥର ପାଇଁ ଭାରତ ହେଲା ବିଶ୍ୱ ବିଜୟୀ। କଠିନ ପରିଶ୍ରମ, ଏକାଗ୍ରତା ଓ ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ସ୍ୱପ୍ନ ଯେ ପୂରଣ ହୋଇପାରିବ ଏକଥା ପ୍ରମାଣ କରି ଦେଖାଇଛନ୍ତି ଭାରତୀୟ ସିନିୟର ମହିଳା ଦଳ। ଏହା ଥିଲା ଏକ ଚମତ୍କାର ବିଜୟ। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଜିତିବାରେ ଭାରତ ହେଲା ଚତୁର୍ଥ ଦେଶ। ପୂର୍ବରୁ ସଂସ୍କରଣଗୁଡିକରେ କେବଳ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡର ଆଧିପତ୍ୟ ଦେଖାଯାଇଥିଲା। ଅଷ୍ଟ୍ରେଲିଆ ୭ ଏବଂ ଇଂଲଣ୍ଡ ୪ ଥର ଚାମ୍ପିୟନ ହୋଇଥିବାବେଳେ ନ୍ୟୁଜିଲାଣ୍ଡ ଥରେ ଟାଇଟଲ ହାସଲ କରିଥିଲା। ମାତ୍ର ମହିଳା କ୍ରିକେଟରେ ଆଧିପତ୍ୟ ବିସ୍ତାର କରି ଖେଳୁଥିବା ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ସେମିଫାଇନାଲରେ ହରାଇ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ଦଳ ନୂଆ ଚାମ୍ପିୟନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଏକ ରୋମାଞ୍ଚକର ଫାଇନାଲରେ ଭାରତ ୫୨ରନ୍‌ରେ ଲୌରା ୱଲଭାର୍ଡଟଙ୍କ ଦକ୍ଷିଣ ଆଫ୍ରିକା ଦଳକୁ ହରାଇ ବିଶ୍ୱକପ ବିଜୟକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କଲା। ୨୦୦୫ ଓ ୨୦୧୭ରେ ରନରଅପ୍ ଯୋଗୁ ଥିବା ଅଧୁରା ସ୍ୱପ୍ନକୁ ଭାରତ ଏଥର ସାକାର କରିବା ସହ ପ୍ରଥମ ଏସୀୟ ଦେଶ ଭାବରେ ମହିଳା ବିଶ୍ୱକପ୍ ଜିତିବାର ରେକର୍ଡ କଲା। ୧୯୮୩ ଓ ୨୦୧୧ ଏକ ଦିବସୀୟ ବିଶ୍ୱକପ୍ ଜିତିଥିବା ପୁରୁଷ ଟିମ୍ ପରେ ମହିଳା ଦଳର ଏହି ସଫଳତାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୂର୍ବତନ ଖେଳାଳି, ବିରୋଧୀ ଦଳର ନେତା, ସମସ୍ତ ସେଲିବ୍ରିଟିମାନେ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛାର ବାର୍ତ୍ତା ଜ୍ଞାପନ କରିଛନ୍ତି। ତେଣୁ ଭାରତୀୟ ମହିଳା କ୍ରିକେଟ ଏକ ନୂଆ ସୋପାନରେ ପହଞ୍ଚିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭାରତୀୟ ଦଳର ଏହି ସଫଳତା ପଛରେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ଯୁବ ଖେଳାଳି ସୃଷ୍ଟିକରି ବୈପ୍ଳବିକ ପରିବର୍ତ୍ତନ ଆଣିଛି ଡବ୍ଲୁପିଏଲ୍। ବିଶ୍ୱକପ ଜିତିବାପରେ ଭାରତୀୟ ଦଳ ପାଇଁ ପୁରସ୍କାରର ବର୍ଷାହେବାରେ ଲାଗିଛି। ଆଇସିସି ଚାମ୍ପିୟନ ଦଳ ଭାରତକୁ ପ୍ରାୟ ୪୦କୋଟିର ପୁରସ୍କାର ରାଶି ଘୋଷଣା କରିଥିବା ବେଳେ ବିସିସିଆଇ ୫୧କୋଟି ଦେବା ଏକ ଶୁଭ ସୂଚନା। ଏହା ବ୍ୟତୀତ ଅନ୍ୟାନ୍ୟ ଲୋଭନୀୟ ପୁରସ୍କାରମାନ ଦେବାକୁ ବିଭିନ୍ନ କମ୍ପାନୀ ଏବଂ ବ୍ୟକ୍ତିବିଶେଷ ଅପେକ୍ଷାକରି ରହିଛନ୍ତି। ଏହି ବିଜୟ ସମଗ୍ର ଦେଶରେ ମହିଳା କ୍ରିକେଟର ପ୍ରଚାର ଓ ପ୍ରସାର କରିବା ସହିତ ନୂଆ ପ୍ରତିଭାସମ୍ପନ୍ନ ଖେଳାଳି ସୃଷ୍ଟି କରିବାରେ ବେଶ୍ ସହାୟକ ହେବ। ଭାରତର ଏହି ବିଜୟ ଥିଲା ଦଳଗତ ପ୍ରଚେଷ୍ଟାର ଫଳ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୯ଟି ମ୍ୟାଚ ଖେଳିଥିବା ହରମନପ୍ରୀତଙ୍କ ଦଳ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୫୯ ରନ୍‌ରେ ହରାଇବା ପରେ ତାର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮୮ ରନ୍‌ରେ ପରାସ୍ତ କରିଥିଲା। ମାତ୍ର ଲିଗ୍ ପର୍ଯ୍ୟାୟର ପରବର୍ତ୍ତୀ ୩ଟି ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ୩ ଉଇକେଟରେ, ୭ ଥରର ଚାମ୍ପିୟନ ଅଷ୍ଟ୍ରେଲିଆଠାରୁ ୩ ଉଇକେଟରେ ଏବଂ ୪ ଥରର ଚାମ୍ପିୟନ ଇଂଲଣ୍ଡଠାରୁ ମାତ୍ର ୪ରନ୍‌ରେ ହାରିବା ଫଳରେ ଦଳ ବେଶ୍ ହତୋସାହିତ ହୋଇପଡିଥିଲା। ମାତ୍ର ଡିଏଲ୍ଏସ୍ ପଦ୍ଧତିରେ ନ୍ୟୁଜିଲାଣ୍ଡକୁ ୫୩ ରନ୍‌ରେ ହରାଇବା ଏବଂ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ବାଂଲାଦେଶ ସହ ପଏଣ୍ଟ ଭାଗକରିବା ଦ୍ୱାରା ଭାରତ ସେମିଫାଇନାଲ ଖେଳିବା ନିଶ୍ଚିତ ହୋଇଯାଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ରେକର୍ଡ ରନ୍‌ଚେଜ୍ ସହ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଜେମିମା ରୋଡ୍ରିଗ୍ସଙ୍କ ଶତକ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ସହ ତୃତୀୟ ଉଇକେଟ ପାଇଁ ୧୬୭ ରନ୍‌ର ପାର୍ଟନରଶିପ୍ ମ୍ୟାଚର ଗତିପଥ ବଦଳାଇ ଦେଇଥିଲା। ଭାରତ ୫ ଉଇକେଟରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତକରିବା ସହ ଏକ ଦୃଢ଼ ମନୋବଳ ନେଇ ଫାଇନାଲରେ ପ୍ରବେଶ କରିଥିଲା।

୩୩ ଦିନର ପ୍ରତୀକ୍ଷା ୩୧ ମ୍ୟାଚର ପରିସମାପ୍ତି ପରେ ଭାରତକୁ ଇତିହାସ ରଚିବାର ଅବସର ମିଳିଥିଲା। ଏହି ବିଶ୍ୱକପରେ ଅନେକ ରେକର୍ଡ ସ୍ଥାପନ ହୋଇଛି ଏବଂ ଭାଙ୍ଗିଛି ମଧ୍ୟ। ସ୍ମୃତି ମାନ୍ଧାନା ୨୦୧୭ ସଂସ୍କରଣରେ ମିତାଲି ରାଜଙ୍କ ୪୦୯ରନର ରେକର୍ଡ ଭାଙ୍ଗି ଗୋଟିଏ ବିଶ୍ୱକପ ସଂସ୍କରଣରେ ସର୍ବାଧିକ ୪୩୪ ରନ୍ ସଂଗ୍ରହ କରିଛନ୍ତି। ବିଶ୍ୱକପର ନକ୍‌ଆଉଟରେ ହରମନପ୍ରୀତ କୌର ଓଭରଅଲ୍ ୪ ମ୍ୟାଚରୁ ୩୩୧ରନ୍ ସଂଗ୍ରହ କରି ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କଙ୍କ ୩୩୦ ରନ୍‌ର ରେକର୍ଡ ଭାଙ୍ଗି କରିଛନ୍ତି। ଅନ୍ୟ ପକ୍ଷରେ ଭାରତର ଷ୍ଟାର ଅଲରାଉଣ୍ଡର ଦୀପ୍ତି ଶର୍ମା ବିଶ୍ୱକପର ଗୋଟିଏ ସଂସ୍କରଣରେ ୯ଟି ମ୍ୟାଚରୁ ୨୧୫ ରନ୍ ସହିତ ୨୨ଟି ଉଇକେଟ୍ ନେଇଛନ୍ତି। ଫାଇନାଲରେ ୫ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେବାରେ ସେ ବିଶ୍ୱର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡର ଆନ୍ୟା ଶ୍ରୁବସୋଲୋ ୨୦୧୭ ବିଶ୍ୱକପର ଫାଇନାଲରେ ଭାରତ ବିପକ୍ଷରେ ୪୬ ରନ ବିନିମୟରେ ୬ ଉଇକେଟ ହାସଲ କରିଥିଲେ। ତେବେ ଫାଇନାଲରେ ଅର୍ଦ୍ଧଶତକ ଶତକ ହାସଲ ସହିତ ୫ ଉଇକେଟ ଅକ୍ତିଆର କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହୋଇପାରିଛନ୍ତି। ଗତ ସଂସ୍କରଣରେ ସେ 'ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ' ମଧ୍ୟ ବିବେଚିତ ହୋଇଛନ୍ତି। ଡିଆଣ୍ଡ୍ରା ଡୋଟିନ୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି ଉଇକେଟ କିପର ବ୍ୟାଟର ରିଚା ଘୋଷ। ଅନ୍ୟପକ୍ଷରେ ବିଶ୍ୱକପ ଇତିହାସର ଫାଇନାଲରେ ଭାରତ ଦ୍ୱିତୀୟ ସର୍ବାଧିକ ୨୯୮ ରନ୍ କରିଥିଲା। ୨୦୨୨ରେ ଅଷ୍ଟ୍ରେଲିଆ କରିଥିବା ୩୫୬ ରନ ଏବେ ମଧ୍ୟ ରେକର୍ଡ ହୋଇ ରହିଛି। ଭାରତ ପକ୍ଷରୁ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ଓପନିଂ ପାର୍ଟନରଶିପ୍ ଶତକୀୟ ଭାଗୀଦାରି ଗଢ଼ିବା ଭାରତ ପାଇଁ ରେକର୍ଡ। ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ୱଲଭର୍ଡଟ ୯ ମ୍ୟାଚରୁ ୨ଟି ଶତକ ଓ ୩ ଅର୍ଦ୍ଧଶତକ ସହ ସର୍ବାଧିକ ୫୭୧ରନ ସଂଗ୍ରହ କରିଥିବାବେଳେ ଭାରତର ଦୀପ୍ତି ଶର୍ମା ୯ ମ୍ୟାଚରୁ ସର୍ବାଧିକ ୨୨ ଉଇକେଟ ପାଇଥିଲେ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ବ୍ୟାଟରମାନେ ୧୫ଟି ଶତକ ଓ ୭୫ଟି ଅର୍ଦ୍ଧ ଶତକ ହାସଲ କରିଛନ୍ତି। ସେହିପରି ୧୩୩ ଛକା ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇନ୍ଦୋର ମ୍ୟାଚରେ ବେଷ୍ଟ ବୋଲିଂ ସ୍ପେଲ ପକାଇଥିଲେ ଅଷ୍ଟ୍ରେଲିଆର ଆଲାନା କିଙ୍ଗ୍। ପାଇଥିଲେ। ସେ ୭ ଓଭରରେ ୨ଟି ମେଡେନ୍ ନେବା ସହ ମାତ୍ର ୧୮ ରନ୍ ଦେଇ ୭ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୯.୩ ଓଭରରେ ୩୯ ରନ୍ ଦେଇ ୫ ଉଇକେଟ ନେବା ଫାଇନାଲରେ ଶ୍ରେଷ୍ଠ ବୋଲିଂ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ କିଙ୍ଗଙ୍କ ସମେତ ଦକ୍ଷିଣ ଆଫ୍ରିକାର ମାରିଜେନ କାପ୍, ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଓ ଭାରତର ଦୀପ୍ତି ଶର୍ମା ଗୋଟିଏ ଇନିଂସରେ ୫ ବା ତାଠାରୁ ଅଧିକ ଉଇକେଟ୍ ନେଇଥିଲେ।

ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ସର୍ବାଧିକ ଦଳଗତ ସ୍କୋର ୫ ଉଇକେଟରେ ୩୪୧ ରନ ବେଳେ ୮ଥର ବିଭିନ୍ନ ଦଳ ୩୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ଭାରତ-ଅଷ୍ଟ୍ରେଲିଆ ହାଇ ଭୋଲ୍‌ଟେଜ ସେମିଫାଇନାଲରେ ୨ ଦଳର ସ୍କୋର ସର୍ବମୋଟ ୬୭୯ ରନ୍ ରହିଥିବା ବେଳେ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ସର୍ବାଧିକ ୧୫୯ ରନ୍ ବ୍ୟବଧାନରେ ମ୍ୟାଚ ଜିତିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶ ଗୁଆହାଟୀରେ ଅତିରିକ୍ତଭାବେ ସର୍ବାଧିକ ୩୦ରନ୍ ବ୍ୟୟ କରିଥିଲା। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଅତିରିକ୍ତ ରନ୍ ୨୪ ରହିଥିଲା। ବିଶାଖାପାଟଣା ମ୍ୟାଚରେ ଦକ୍ଷିଣ ଆଫ୍ରିକାର ନାଦିନେ ଡି' କ୍ଲାର୍କ ଭାରତ ବିପକ୍ଷରେ ଗୋଟିଏ ଇଂନିସରେ ସର୍ବାଧିକ ୫ଟି ଛକା ମାରିଥିଲେ। ଭାରତ ଚାମ୍ପିୟନ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛି। ଆଶା କରାଯାଉଥିଲା ଚଳିତ ୧୩ଶ ସଂସ୍କରଣରେ ଅନେକ ରେକର୍ଡ ପ୍ରତିଷ୍ଠା ହେବା ସହ ହାଇସ୍କୋର ମ୍ୟାଚ ଦେଖିବାକୁ ମିଳିବ। ତାହାହିଁ ହେଲା। ୧୯୮୩, ୨୦୧୧ରେ ଆଇସିସି ପୁରୁଷ ବିଶ୍ୱକପ ପରି ୨୦୨୫ରେ ମହିଳା ବିଶ୍ୱକପ୍‌ରେ ଭାରତ ଯେପରି ଦଳଗତ ପ୍ରଦର୍ଶନ ମାଧ୍ୟମରେ ଚାମ୍ପିୟନ ହେଲା, ଏଥିରୁ ଏକ ନୂଆ ଯୁଗର ଆରମ୍ଭ ହେଲା ବୋଲି କୁହାଯାଇପାରେ।



ଭାରତୀୟ ଦଳ

## ଦିନିକିଆ ମହିଳା ବିଶ୍ୱକପ୍‌ରେ ଭାରତ

- ✻୧୯୭୩: ଅଂଶଗ୍ରହଣ କରି ନ ଥିଲା
- ✻୧୯୭୮: ୪ ଦଳ ମଧ୍ୟରେ ଚତୁର୍ଥ ସ୍ଥାନ
- ✻ ୧୯୮୨: ୫ ଦଳ ମଧ୍ୟରେ ୪ର୍ଥ ସ୍ଥାନ
- ✻ ୧୯୮୮: ଅଂଶଗ୍ରହଣ କରି ନ ଥିଲା
- ✻ ୧୯୯୩: ରାଉଣ୍ଡ ରବିନ ପର୍ଯ୍ୟାୟରେ ଚତୁର୍ଥ
- ✻ ୧୯୯୭: ସେମିଫାଇନାଲିଷ୍ଟ
- ✻ ୨୦୦୦: ସେମିଫାଇନାଲିଷ୍ଟ
- ✻ ୨୦୦୫: ରନର ଅପ୍ (ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ)
- ✻ ୨୦୦୯: ତୃତୀୟ ସ୍ଥାନ (ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ହରାଇଲା)
- ✻ ୨୦୧୩: ଗ୍ରୁପ୍ ପର୍ଯ୍ୟାୟ
- ✻ ୨୦୧୭: ରନର ଅପ୍ (ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ)
- ✻ ୨୦୨୨: ରାଉଣ୍ଡ ରବିନ ଲିଗ୍‌ରେ ୫ମ ସ୍ଥାନ
- ✻ ୨୦୨୫: ଚାମ୍ପିୟନ (ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ହରାଇଲା)



ବିଶ୍ୱକପ ଟ୍ରଫି ସହ ହରମନପ୍ରୀତ କୌର

# ଭାଗ୍ୟବାନ୍ ଶେଫାଳି

**ନିଷ୍ଠାର ସହ ପରିଶ୍ରମ କରିଚାଲିଲେ ଭାଗ୍ୟ କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଏ ତାହା ଆକଳନକରି ହୁଏନାହିଁ। ଏହାର ସଦ୍ୟତମ ଉଦାହରଣ ହେଲେ ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ସଦସ୍ୟା ଶେଫାଳି ବର୍ମା। ଓପନର ପ୍ରତୀକା ରାଓ୍ୱଲ ଆହତ ହେବା ଯୋଗୁ ମଧ୍ୟ ବିଶ୍ୱକପ୍ ପରି ବଡ଼ ଟୁର୍ନାମେଣ୍ଟର ସେମିଫାଇନାଲ ପାଇଁ ଡାକରା ପାଇବା, ସିଧାସଳଖ ଚୂଡ଼ାନ୍ତ ଏକାଦଶରେ ସାମିଲହେବା ଏବଂ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ଆଦି ତାଙ୍କ ଭାଗ୍ୟ ପରିବର୍ତ୍ତନର ସୂଚନା ଦିଏ...**

-ଅନାଦି କର

ଭାରତୀୟ ମହିଳା ଦଳ ଆଇସିସି ଦିନିକିଆ ବିଶ୍ୱକପ୍ ଜିତି ଇତିହାସି ରଚିଛି। ଦଳର ଏହି ଐତିହାସିକ ସଫଳତା ପଛରେ ରହିଥିଲା ଶେଫାଳି ବର୍ମାଙ୍କ ଉଲ୍ଲେଖନୀୟ ଭୂମିକା। ଏହି ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଏବଂ ତାଙ୍କର କ୍ରିକେଟର ହେବାର କାହାଣୀ କୌଣସି ବଲିଉଡ୍ ଫିଲ୍ମଠାରୁ କମ୍ ନୁହେଁ। କ୍ରିକେଟ ଏକାଡେମୀରେ ଭର୍ତ୍ତିହେବା ପାଇଁ ପୁଅ ଭଳି ପୋଷାକ ପିନ୍ଧିବାଠାରୁ ହେୟାର ଷ୍ଟାଇଲ ରଖୁଥିବା ଶେଫାଳି ୧୫ ବର୍ଷ ବୟସରେ ଇଣ୍ଡିଆ ଟିମ୍ କ୍ୟାପ୍ ପିନ୍ଧି ଇତିହାସ ରଚିଥିଲେ। ବିଶ୍ୱକପ୍ ଲାଗି ଦଳରେ ନ ଥାଇ ମଧ୍ୟ ଭାଗ୍ୟ ବଳରେ ସେ ସେମିଫାଇନାଲ ଓ ଫାଇନାଲ ଖେଳିବା ସହ ଦଳକୁ ଜିତାଇଥିଲେ।

୨୦୦୪ ଜାନୁଆରୀ ୨୮ରେ ହରିୟାଣାର ରୋହତକଠାରେ ଶେଫାଳିଙ୍କ ଜନ୍ମ। ତାଙ୍କର ବଡ଼ଭାଇ ସାହିଲ ଓ ସାନ ଭଉଣୀ ନାନ୍ସି। ୩ ଭାଇ ଭଉଣୀ କ୍ରିକେଟ ଖେଳନ୍ତି। ତାଙ୍କ ବାପା ସଞ୍ଜୀବ ବର୍ମା ଜଣେ କ୍ରିକେଟ ପାଗଳ। ସେ ଏକ ଛୋଟ ଗହଣା ଦୋକାନରେ ପ୍ରୋପ୍ରାଇଟର ଭାବେ କାମ କରନ୍ତି। ୨୦୧୩ରେ ଶେଫାଳି ତାଙ୍କ ବାପାଙ୍କ ସହ ପ୍ରଥମ ଥର ପାଇଁ ରୋହତକ ନିକଟସ୍ଥ ଲାହଲି ଗ୍ରାଉଣ୍ଡକୁ ଯାଇଥିଲେ। ସେଠାରେ ମୁମ୍ବାଇ ଓ ହରିୟାଣା ମଧ୍ୟରେ ରଣଜୀ ମ୍ୟାଚ୍ ଖେଳାଯାଉଥିଲା, ଯାହାକି ସଚିନ ତେନ୍ଦୁଲକରଙ୍କର ଅନ୍ତିମ ରଣଜୀ ମ୍ୟାଚ୍ ଥିଲା। ଶେଫାଳିଙ୍କୁ ୯ ବର୍ଷ ହୋଇଥିବା ବେଳେ ତାଙ୍କ ବାପା ତାଙ୍କୁ କ୍ରିକେଟ ଏକାଡେମୀରେ ଭର୍ତ୍ତିକରିବାକୁ ଚେଷ୍ଟାକରିଥିଲେ। ହେଲେ ସେ ଝିଅ ହୋଇଥିବାରୁ ତାଙ୍କୁ ରୋହତକ ଏକାଡେମୀରେ ଭର୍ତ୍ତି କରାଯାଇ ନଥିଲା। ଏଥିଯୋଗୁ ବାପାଙ୍କ ନିର୍ଦ୍ଦେଶକ୍ରମେ ଶେଫାଳି ପୁଅଙ୍କ ଭଳି ଚୁଟି କାଟିଥିଲେ। ୨ଭାଇ ଭଉଣୀ ଏକାଭଳି ଦେଖାଯାଆନ୍ତି ଏବଂ ସମାନ ହେୟାର ଷ୍ଟାଇଲ ଯୋଗୁ ସେମାନଙ୍କୁ ଚିହ୍ନିବା କଷ୍ଟକର ଥିଲା। ତାଙ୍କ ବାପା ତାଙ୍କୁ ଜଣେ ପୁଅ ଭାବେ ଶ୍ରୀ ରାମ ନାରିନ କ୍ରିକେଟ ଏକାଡେମୀରେ ନାମ ଲେଖାଇଥିଲେ। ଏ ସମ୍ପର୍କରେ ତାଙ୍କ ବାପା ଏକ ସାକ୍ଷାତ୍‌କାରରେ କହିଥିଲେ, ୯ ବର୍ଷ ବୟସରେ ସବୁ ଛୁଆ ସମାନ ଦେଖାଯାଆନ୍ତି।

ବର୍ମା ଟ୍ରେନିଂ ଆରମ୍ଭ କରିବାର କିଛି ମାସ ମଧ୍ୟରେ ତାଙ୍କଠାରୁ ୪ ବର୍ଷ ବଡ଼ ୧୪ ବର୍ଷରୁ କମ୍ ବାଳକ ଖେଳାଳିଙ୍କ ସହ ଖେଳିବା ଆରମ୍ଭ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ପଡ଼ୋଶୀ ଓ ସମ୍ପର୍କୀୟ କ୍ରିକେଟ ଖେଳିବା ପାଇଁ କଟାକ୍ଷ କରୁଥିଲେ। ଟ୍ରେନିଂରେ ସଫଳତା ପରେ ମଧ୍ୟ ତାଙ୍କୁ ଏକାଡେମୀର ପୁରୁଷ ଖେଳାଳିଙ୍କ ଟୁର୍ନାମେଣ୍ଟରେ ଖେଳାଯାଉ ନ ଥିଲା। କିନ୍ତୁ ଏକଦା ତାଙ୍କ ଭାଇ ସାହିଲ ଅସୁସ୍ଥ ଥିବାରୁ ତାଙ୍କ ବଦଳରେ ସେ ୧୨ ବର୍ଷରୁ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିଥିଲେ।

ଏପରିକି ୧୦ ଓଭରିଆ ଟୁର୍ନାମେଣ୍ଟରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଆୱାର୍ଡ ଜିତିଥିଲେ। ରୋହତକସ୍ଥିତ ସେଣ୍ଟ ପଲ ସ୍କୁଲରେ ପଢ଼ିବା ବେଳେ ସ୍କୁଲ ପ୍ରିନ୍ସିପାଲ କଲଭିନ୍ଦର ସିଧୁ କ୍ରିକେଟ ପ୍ରତି ତାଙ୍କ ଆବେଗ ଦେଖି ପ୍ରଭାବିତ ହୋଇଥିଲେ। ପ୍ରିନ୍ସିପାଲ ସ୍କୁଲ କୋଚ୍ ସୁନୀଲ ଭାଟ୍ସଙ୍କୁ ମହିଳାଙ୍କ ଲାଗି କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରିବାକୁ କହିଥିଲେ, ଯେଉଁ ଏକାଡେମୀ ତାଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇଥିଲା। କିନ୍ତୁ ସେ ପାଠ ପଢ଼ାରେ ଭଲ ନ ଥିଲେ। ସେ ୧୦ମ ଶ୍ରେଣୀ ପରୀକ୍ଷାରେ ଫେଲ୍ ହୋଇଥିଲେ। ସେ ୨୦୧୭-୧୮ ସିଜନରେ ହରିୟାଣା ପାଇଁ ଘରୋଇ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଆଟାକିଂ ବ୍ୟାଟିଂ ଯୋଗୁ ୨୦୧୯ରେ ତାଙ୍କୁ ଓମେନ୍ସ ଟି୨୦ ଚ୍ୟାଲେଞ୍ଜରେ ଭେଲୋସିଟି ପାଇଁ ଖେଳିବାକୁ ସୁଯୋଗ ମିଳିଥିଲା। ସେ ଏକ ମ୍ୟାଚ୍‌ରେ ସେ ୩୧ ବଲରେ ୩୪ ରନ କରିଥିଲେ। ସେହି ବର୍ଷ ସେପ୍ଟେମ୍ବରରେ ତାଙ୍କୁ ଭାରତୀୟ ଟି୨୦ ଦଳରେ ସାମିଲ କରାଯାଇଥିଲା। ସେ ୧୫ ବର୍ଷ ବୟସରେ ଦକ୍ଷିଣ ଆଫ୍ରିକାରେ ଭାରତ ପାଇଁ ପଦାର୍ପଣ ମ୍ୟାଚ୍ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତ ପାଇଁ ଖେଳିବାରେ ସେ ସର୍ବକନିଷ୍ଠ ଖେଳାଳି। ନଭେମ୍ବରରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅର୍ଦ୍ଧଶତକୀୟ ପାଳି ଖେଳି ସର୍ବକନିଷ୍ଠ ଭାରତୀୟ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଥିଲେ। ସେହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ସେ ୧୫୮ ରନ କରିବା ସହ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ୨୦୨୦ ଜାନୁଆରୀରେ ତାଙ୍କୁ ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳରେ ଓ ବିସିସିଆଇର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସାମିଲ କରାଯାଇଥିଲା। ଏହି ବର୍ଷ ସେ ମହିଳା ଟି୨୦ କ୍ରିକେଟରେ ସେ ନଂ. ୧ ବ୍ୟାଟର ମଧ୍ୟ ରହିଥିଲେ। ସେ ୨୦୨୧ରେ ଉଭୟ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ଇଂଲଣ୍ଡ ବିପକ୍ଷରେ ପଦାର୍ପଣ କରିଥିଲେ। ୨୦୨୨ ମହିଳା ଦିନିକିଆ ବିଶ୍ୱକପ୍ ଓ କମନୱେଲ୍‌ଥ ଗେମ୍ସ ଲାଗି ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ୨୦୨୩ ଓମେନ୍ସ ପ୍ରିମିୟର ଲିଗ୍ ଅକ୍ସନରେ ସେ ୨ କୋଟି ଟଙ୍କା ଦିଲ୍ଲୀ କ୍ୟାପିଟାଲ୍ସରେ ସାମିଲ ହୋଇଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ପଦାର୍ପଣ ଡବ୍ଲୁପିଏଲ୍ ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଗତ ଜୁଲାଇରେ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ସେ ୧୯୭ ବଲରେ ୨୦୫ ରନ କରିଥିଲେ। ମହିଳା ଟେଷ୍ଟ କ୍ରିକେଟରେ ଏହା ଦ୍ରୁତତମ ଦ୍ୱିଶତକ। ସେ ଟେଷ୍ଟ କ୍ରିକେଟରେ ମିତାଲି ରାଜଙ୍କ ପରେ ଦ୍ୱିତୀୟ ଭାରତୀୟ ମହିଳା ବ୍ୟାଟର ଭାବେ ଦ୍ୱିଶତକ ହାସଲ କରିଥିଲେ।

ବିସ୍ଫୋରକ ବ୍ୟାଟିଂ ଯୋଗୁ ସେ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିପାରି ନ ଥିଲେ। ଏହି କାରଣରୁ ଭାରତୀୟ ଦିନିକିଆ ଦଳରୁ ତାଙ୍କୁ ଦୀର୍ଘଦିନ ଧରି ବାଦ୍ ଦିଆଯାଇଥିଲା। ତାଙ୍କ ବଦଳରେ ପ୍ରତୀକା ରାଓ୍ୱଲଙ୍କୁ ସ୍ମୃତି ମନ୍ଧାନାଙ୍କ ସହ ଦଳର ଓପନିଂ ଭାର ଦିଆଯାଇଥିଲା। ଦୁହେଁ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହେବା ପର୍ଯ୍ୟନ୍ତ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। ଏପରିକି ୨୦୨୪ ଡିସେମ୍ବରରେ ପଦାର୍ପଣ କରିଥିବା ପ୍ରତୀକା ବିଶ୍ୱକପ୍‌ରେ ଆହତ ହେବା ପୂର୍ବରୁ ୨୪ ମ୍ୟାଚ୍‌ରେ ପ୍ରାୟ ୫୧ ଆଭରେଜ୍‌ରେ ୨ ଶତକ ଓ ୭ ଅର୍ଦ୍ଧଶତକ ସହ ୧୧୧୦ ରନ କରିଥିଲେ। ପ୍ରତୀକାଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ ଶେଫାଳିଙ୍କୁ ଘରୋଇ କ୍ରିକେଟରେ ନିଜ ସ୍କିଲ୍ ଉପରେ କାମ କରିବାକୁ ସୁଯୋଗ ମିଳିଥିଲା। ପ୍ରତୀକା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ଶେଫାଳିଙ୍କୁ ତାଙ୍କର ସେହି ଆଟାକିଂ ବ୍ୟାଟିଂ ଷ୍ଟାଇଲ ଯୋଗୁ ସିଧାସଳଖ ଚୂଡ଼ାନ୍ତ ଏକାଦେଶରେ ସାମିଲ କରାଯାଇଥିଲା।

ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ସେ ୭୮ ବଲରେ ୮୭ ରନର ମୂଲ୍ୟବାନ୍ ଇନିଂସ ଖେଳିଥିଲେ, ଯାହାକି ତାଙ୍କର ଛୋଟିଆ ଦିନିକିଆ କ୍ୟାରିୟରରେ ଥିଲା ସର୍ବାଧିକ ସ୍କୋର। ତାଙ୍କର ଏହି ଦ୍ରୁତ ଇନିଂସ ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୯୮ ରନ ସ୍କୋର କରିପାରିଥିଲା। ବୋଲିଂରେ ମଧ୍ୟ ସୁନେ ଲୁସ୍ ଓ ମାରିଜେନ କାପଙ୍କ ଭଳି ଦୁଇ ଇନ୍‌ଫର୍ମ ବ୍ୟାଟରଙ୍କୁ ଆଉଟ୍ କରି ଦକ୍ଷିଣ ଆଫ୍ରିକା ଉପରେ ଚାପ ଲଦି ଦେଇଥିଲେ। ଫାଇନାଲରେ ଭାରତ ୫୨ ରନରେ ଜିତିବା ପରେ ଶେଫାଳି ପାଇଥିଲେ ପ୍ଲେୟର ଦି ମ୍ୟାଚ୍ ପୁରସ୍କାର।



ଅଧିନାୟିକା ହରମନପ୍ରୀତ କୌରଙ୍କ ସହ ଖୁସି ମୁହୂର୍ତ୍ତରେ ଶେଫାଳି ବର୍ମା।

## ଇନକ୍ରିଡେବଲ

ଲେଡି ୱାନ୍‌ଡେ କ୍ରିକେଟ ବିଶ୍ୱକପ ଜିତି
ଦେଶ କଲା ଇତିହାସ
ବିଶ୍ୱ ବିଜୟିନୀ ଟିମ୍ ଇଣ୍ଡିଆର
ଏ ଅଭୁଲା ସ୍ମୃତି ଯଶ
ଡାଉନ ଆଲିସା କଷ
ଇନ୍‌କ୍ରିଡେବଲ ଟିମ୍ ପରଫର୍ମାନ୍ସ
ଦେଖି ଫ୍ୟୁଜ ଲୌରା ହସ।



ରିଚା, ଦୀପ୍ତି ଶର୍ମା, ଜେମିମା, ମନ୍ଧାନା
ହରମନପ୍ରୀତ କୌର
ଟିମ୍ ସେନା ସହ କୋଚ୍ ଗୁରୁ ଥିଲେ
ଅମୋଲ ମଜୁମଦାର
ମାସ ଥିଲା ନଭେମ୍ବର
ଟୁ ଥାଉଜାଣ୍ଡ ଟ୍ୱେଣ୍ଟି ଫାଇଭ୍ ଇୟର
ମନେ ଥିବ ନିରନ୍ତର।

ଝିଅ ଜନ୍ମ ହେଲେ ହଜବ୍ୟାଣ୍ଡ ଏଠି
ସ୍ତ୍ରୀ'ଙ୍କୁ ମାରନ୍ତି ମାଡ଼
ପୁଅଠାରୁ ଝିଅ ଫାର ବେଟର
ଏକଜାମ୍ପୁଲ ଅଛି ବଡ଼
ସବୁ ମହଲରେ ପଢ଼
ୱିମେନ ପାୱାର ପାଇଁ ବଢ଼େ ଦେଶ
ନାରୀ ଶକ୍ତି ଜିଣେ ଗଡ଼।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୭/୨୦୨୫ Bhubaneswar, Friday, November 7/ 2025




# ଚତୁର୍ଥ ଟି୨୦: ଭାରତର ସହଜ ବିଜୟ


କାରାରା (କ୍ୱିନ୍ସଲାଣ୍ଡ), ୬।୧୧

ଅକ୍ଷର ପଟେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ବୋଲରଙ୍କ ଲକ୍ଷ୍ୟପୂର୍ଣ୍ଣ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୪୮ ରନରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଭାରତ ୨-୧ରେ ଆଗରେ ରହିଛି। ମ୍ୟାଚ୍‌ରେ ଭାରତ ଦ୍ୱାରା ପ୍ରଦତ୍ତ ୧୬୮ ରନର ଟାର୍ଗେଟ ଆଗରେ ଅଷ୍ଟ୍ରେଲିଆ ୧୧୯

## ୨-୧ରେ ଆଗୁଆ

ରନରେ ଅଲଆଉଟ୍ ହୋଇଯାଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଅକ୍ଷରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୮ ତାରିଖରେ ବ୍ରିସବେନସ୍ଥିତ ଦି ଗାବାରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଅଭିଷେକ ଶର୍ମା ଓ ଶୁବମନ ଗିଲ ୫୬ ରନର ଆରମ୍ଭ ଦେଇଥିଲେ। ସପ୍ତମ ଓଭରରେ ଆଡାମ ଜାମ୍ପାଙ୍କ ଏକ ବଲ୍‌କୁ ଛକା ମାରିବାକୁ ଯାଇ ଅଭିଷେକ (୨୮ ରନ, ୩ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ନଂ-୩ରେ ଆସିଥିବା ଶିବମ୍ ଦୁବେ (୨୨ ରନ, ୧ ଲେଖାଏ ଚୌକା ଓ ଛକା) କିଛି ଖାସ କରିପାରି ନ ଥିଲେ। କ୍ରିଜ୍‌ରେ ସେଟ ହୋଇଥିବା ଗିଲ ୩୯ ବଲରେ ୪୬ (୪ ଚୌକା ଓ ୧ ଛକା) ରନ କରିଥିବା ବେଳେ ନାଥନ ଏଲିସଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୦ (୨ ଛକା), ତିଲକ ବର୍ମା (୫), ଜିତେଶ ଶର୍ମା (୩), ୱାଶିଂଟନ ସୁନ୍ଦର (୧୨), ଅର୍ଶଦୀପ ସିଂ (୦) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଶେଷ ଓଭରରେ ଅକ୍ଷରଙ୍କ ଆଟାକିଂ ବ୍ୟାଟିଂ ଯୋଗୁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୭ ରନ କରିଥିଲା। ଅକ୍ଷର ୧୧ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୧ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପାଇଁ ଏଲିସ ଓ ଜାମ୍ପା ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆକୁ ଅଧିନାୟକ ମିଚେଲ ମାର୍ଶ (୩୦ ରନ୍, ୪ ଚୌକା) ଓ ମାଥ୍ୟୁ ଶର୍ଟ (୨୫ ରନ୍, ୨ ଲେଖାଏ ଚୌକା ଓ ଛକା) ଭଲ ଆରମ୍ଭ ଦେଇଥିଲେ। ହେଲେ ଏହାପରେ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ସାମ୍ନାରେ ଅଧିକ ସମୟ ଟିକି ପାରି ନ ଥିଲେ। ଏକଦା ୯୧/୩ ସ୍କୋର କରିଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୨୮ ରନ ମଧ୍ୟରେ ବଳକା ୭ ଉଇକେଟ ହରାଇଥିଲା। ଫଳରେ ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ୱାଶିଂଟନ ୩ ଉଇକେଟ ନେଇଥିବା ବେଳେ ଅକ୍ଷର ଓ ଶିବମ୍ ୨ ଲେଖାଏ ଏବଂ ଅର୍ଶଦୀପ, ଯଶପ୍ରୀତ ବୁମରା ଓ ବରୁନ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।


ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ ବଧେଇ ଜଣାଉଛନ୍ତି ଅର୍ଶଦୀପ ସିଂ (ଡାହାଣ)।

### ସଂକ୍ଷିପ୍ତ ସ୍କୋର

ଭାରତ: ୨୦ ଓଭରରେ ୧୬୭/୮ (ଶୁବମନ ଗିଲ-୪୬, ଅଭିଷେକ ଶର୍ମା-୨୮, ଅକ୍ଷର ପଟେଲ-୨୧*, ନାଥନ ଏଲିସ-୩/୨୧, ଆଡାମ ଜାମ୍ପା-୩/୪୫)। ଅଷ୍ଟ୍ରେଲିଆ: ୧୮.୨ ଓଭରରେ ୧୧୯/ଅଲଆଉଟ୍ (ମିଚେଲ ମାର୍ଶ-୩୦, ମାଥ୍ୟୁ ଶର୍ଟ-୨୫, ୱାଶିଂଟନ ସୁନ୍ଦର-୩/୩, ଶିବମ ଦୁବେ-୨/୨୦, ଅକ୍ଷର ପଟେଲ-୨/୨୦)।

# ରାଷ୍ଟ୍ରପତି ମୁର୍ମୁଙ୍କୁ ଟିମ୍ ଇଣ୍ଡିଆ ଜର୍ସି ଉପହାର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଟିମ୍ ଇଣ୍ଡିଆ ଜର୍ସି ଦେଉଛନ୍ତି ଅଧିନାୟିକା ହରମନପ୍ରୀତ କୌର।

ନୂଆଦିଲ୍ଲୀ, ୬।୧୧ (ପି.ଟି.)

ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳ ଗୁରୁବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର ଦଳର ସମସ୍ତ ଖେଳାଳିଙ୍କ ସ୍ୱାକ୍ଷର ଥିବା ଜର୍ସି ରାଷ୍ଟ୍ରପତି ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ଗତ ରବିବାର ଭାରତ ନଭି ମୁମ୍ବାଇଠାରେ ଅନୁଷ୍ଠିତ ଫାଇନାଲରେ ୫୨ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା।

ଆଇସିସି ମହିଳା ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟାଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରାଯାଇଥିଲା। ରାଷ୍ଟ୍ରପତି ମୁର୍ମୁ ଦଳୀୟ ଖେଳାଳିଙ୍କୁ ଶୁଭେଚ୍ଛା ଦେବା ସହ କହିଛନ୍ତି, ମହିଳା କ୍ରିକେଟ ଦଳ କେବଳ ଇତିହାସ ରଚି ନାହିଁ, ବରଂ ସେମାନେ ଯୁବ ପିଢ଼ି ପାଇଁ ଜଣେ ଜଣେ ରୋଲ ମଡେଲ ପାଲଟି ଯାଇଛନ୍ତି। ଏହି ଦଳ ଭାରତକୁ ପ୍ରଦର୍ଶିତ କରୁଛି। ସେମାନେ ବିଭିନ୍ନ ଅଞ୍ଚଳ, ଭିନ୍ନ ଭିନ୍ନ ସାମାଜିକ ପୃଷ୍ଠ ଭୂମି, ଭିନ୍ନ ଭିନ୍ନ ପରିସ୍ଥିତିକୁ ପ୍ରତିନିଧିତ୍ୱ କରୁଛନ୍ତି। କିନ୍ତୁ ସେମାନେ ଗୋଟିଏ ଦଳ, ଯାହାକି ଭାରତ ବୋଲି ରାଷ୍ଟ୍ରପତି ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହି ଆଲୋଚନା ଅବସରରେ ଭାରତୀୟ ଦଳର ସଦସ୍ୟା ଓ ରାଷ୍ଟ୍ରପତି ମୁର୍ମୁ ବିଶ୍ୱକପ୍ ଟ୍ରଫି ସହ ଫଟୋ ଉଠାଇଥିଲେ। ଏଥିପୂର୍ବରୁ ଟିମ ଇଣ୍ଡିଆ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଥିଲା।

# ଚାମ୍ପିୟନ ସହ ଉମେଦଙ୍କୁ ପିଜିଟିଆଇ ଟାଇଟଲ

ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଗଲ୍ଫ କୋର୍ସ (ବିସିଜି)ରେ ପିଜିଟିଆଇ (ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ) ନେକ୍ସଜେନ୍ସ 'ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ' (ଡିଟିଆଇଜିଟି) ଗୁରୁବାର ଉଦ୍‌ଯାପିତ ହୋଇଛି। ହରିୟାଣାର ଉମେଦ କୁମାର ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ଚଳିତ ସିଜନରେ ଏହା ହେଉଛି ଉମେଦଙ୍କର ଦ୍ୱିତୀୟ

## ଦିଲୀପ ତିର୍କୀ ଆମନ୍ତ୍ରଣୀୟ ଗଲ୍ଫ

ନେକ୍ସଜେନ ଟାଇଟଲ। ଏଥିସହ ସେ 'ପିଜିଟିଆଇ ନେକ୍ସଜେନ ଅର୍ଡର ଅଫ୍ ମେରିଟ' ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପୁରସ୍କାର ଆକାରରେ ଚାମ୍ପିୟନ ଉମେଦଙ୍କୁ ଟ୍ରଫି ସହ ୨,୫୪,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଫଳରେ ଚଳିତ ସିଜନରେ ତାଙ୍କର ମୋଟ ପୁରସ୍କାର ରାଶି ୮,୬୧,୧୪୦ ଟଙ୍କାରେ ପହଞ୍ଚିଛି। ଦ୍ୱିତୀୟ ଦିବସ ଶେଷସୁଦ୍ଧା ଏକକ ଅଗ୍ରଣୀଲାଭ କରିଥିବା ୨୪ ବର୍ଷୀୟ ଉମେଦ ତୃତୀୟ ତଥା ଅନ୍ତିମ ଦିବସରେ ୱାନ-ଅଣ୍ଡର ୭୧ ପାର୍ ସ୍କୋର କରିଥିଲେ। ଫଳରେ ସେ ମୋଟ ଏଇଟ୍-ଅଣ୍ଡର ୨୦୮ (୬୭+୭୦+୭୧) ସ୍କୋର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ପ୍ରତିଯୋଗିତା ସମ୍ପୂର୍ଣ୍ଣ ନାଟକୀୟ ଭାବେ ଶେଷ ହୋଇଥିଲା। କାରଣ ପୂର୍ବଦିନ ସୁଦ୍ଧା ଯୁଗ୍ମଭାବେ ୭ମ ସ୍ଥାନରେ ରହିଥିବା ଗୁରୁଗ୍ରାମର କୁଶାଲ ସିଂ ଅନ୍ତିମ ଦିବସରେ ସେଭେନ-ଅଣ୍ଡର ୬୫ ପାର୍ ସ୍କୋର କରିବାରୁ ଗେମ୍ ଟାଇବ୍ରେକରକୁ ଯାଇଥିଲା। କାରଣ କୁଶାଲ (୭୦+୭୩+୬୫) ମଧ୍ୟ ଏଇଟ୍-ଅଣ୍ଡର ୨୦୮ ପାର୍ ସହ ଅଭିଯାନ ଶେଷ କରିଥିଲେ। ମାତ୍ର ଟାଇବ୍ରେକରରେ ଉମେଦ ବାଜି ମାରିଥିଲେ। ଚନ୍ଦ୍ରଜିତ ଯାଦବ ସେଭେନ-ଅଣ୍ଡର ୨୦୯ ପାର୍ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଞ୍ଜୀବ କୁମାର ଓ ଦିଭେଶ ରାଣା ଫାଇଭ-ଅଣ୍ଡର ୨୧୧ ପାର୍ ପଏଣ୍ଟ ସହ ଯୁଗ୍ମଭାବେ ୪ର୍ଥ ସ୍ଥାନରେ ରହିଥିଲେ। ସ୍ଥାନୀୟ ପେସାଦାର ଖେଳାଳିଙ୍କ ମଧ୍ୟରେ ଅଜୟ କୁମାର ସାହୁ ସିକ୍ସ-ଓଭର ୨୨୨ ପାର୍ ସହ ୨୭ତମ ସ୍ଥାନରେ ରହିଥିଲେ। ପ୍ରକାଶ ଯୋଗ୍ୟ ଯେ, ପ୍ରଫେଶନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆ (ପିଜିଟିଆଇ) ଅନୁମୋଦିତ ଏହି ପ୍ରତିଯୋଗିତା ଓଡ଼ିଶାର ପ୍ରଥମ ପେସାଦାର ଗଲ୍ଫ ଟୁର୍ନାମେଣ୍ଟର ମାନ୍ୟତା ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପିଜିଟିଆଇ ସିଇଓ ଅମନଦୀପ ଜୋଲ ଓ ହକି ଇଣ୍ଡିଆ ସଭାପତି ତଥା ଏହି ପ୍ରତିଯୋଗିତାର ଉଦ୍ୟୋକ୍ତା ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପିଜିଟିଆଇ ସିଇଓ ଅମନଦୀପ ଜୋଲ ଓ ଦିଲୀପ ତିର୍କୀ ଚାମ୍ପିୟନ ଉମେଦ କୁମାରଙ୍କୁ ପିଜିଟିଆଇ ନେକ୍ସଜେନ ଅର୍ଡର ଅଫ୍ ମେରିଟ ଟ୍ରଫି ପ୍ରଦାନ କରୁଛନ୍ତି।


ରୌପ୍ୟ ପଦକ ସହ ଅନୁପମା ସ୍ୱାଇଁ।

# ୱାର୍ଲ୍ଡ ଜୁ ଜିତ୍‌ସୁ: ଅନୁପମାଙ୍କୁ ରୌପ୍ୟ

ଭୁବନେଶ୍ୱର, ୬।୧୧ (ଅନାଦି କର)

ଓଡ଼ିଶାର ଅନୁପମା ସ୍ୱାଇଁ ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଜୁ ଜିତ୍‌ସୁ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ୫୨ କେଜିରୁ କମ୍ ଓଜନ ବର୍ଗର କଣ୍ଟାକ୍ଟରେ ଏହି ସଫଳତା ପାଇଛନ୍ତି।

## ଟି୨୦ ବିଶ୍ୱକପ୍ ୨୦୨୬

# ଅହମଦାବାଦରେ ଖେଳାଯିବ ଫାଇନାଲ

**ନୂଆଦିଲ୍ଲୀ, ୬।୧୧ (ପି.ଟି.):** ବିସିସିଆଇ ଆସନ୍ତାବର୍ଷ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଭେନ୍ୟୁର କାଣ୍ଟଛାଣ୍ଟ ତାଲିକା ପ୍ରକାଶ କରିଛନ୍ତି। ଏଥିରେ ଅହମଦାବାଦ, ଦିଲ୍ଲୀ, କୋଲକାତା, ଚେନ୍ନାଇ ଓ ମୁମ୍ବାଇ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟର ଫାଇନାଲ ଅହମଦାବାଦରେ ଖେଳାଯିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ମଧ୍ୟ ଅହମଦାବାଦରେ ଖେଳାଯାଇଥିଲା। ମେଗା ଇଭେଣ୍ଟର ସେହି ସଂସ୍କରଣ ୧୦ଟି ଭେନ୍ୟୁରେ ଖେଳାଯାଇଥିଲା। ଖବର ଅନୁସାରେ ଫେବୃଆରୀ-ମାର୍ଚ୍ଚରେ ଖେଳାଯିବାକୁଥିବା ଏହି ଟୁର୍ନାମେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆସନ୍ତା ସପ୍ତାହରେ ଘୋଷଣା କରିବ ବୋଲି ଆଶା କରାଯାଉଛି।

# ଡିସକସ୍ କୁଇନ୍ ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପର ପ୍ରଥମ ଦିବସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ। ଓଡ଼ିଶାର ଡିସ୍‌କସ୍ କୁଇନ୍‌ଭାବେ ପରିଚିତ ପାର୍ବତୀ ୪୧.୬୫ ମିଟର ଦୂରକୁ ଡିସ୍‌କସ୍ ଥ୍ରୋ

## ଏସିଆନ ମାଷ୍ଟର୍ସ ଆଥ୍‌ଲେଟିକ୍ସ

କରି ଏହି ସଫଳତା ଅର୍ଜନ କରିଛନ୍ତି। ପାଖାପାଖି ତିନି ଦଶନ୍ଧିଧରି ଜାତୀୟ ଓ ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ଦୃଶ୍ୟପଟରେ ଟିକି ରହିଥିବା ପାର୍ବତୀ ସମ୍ପ୍ରତି ଇଣ୍ଡିଆନ ରେଲୱେରେ ଡେପୁଟି ସିଟିଆଇ ଭାବେ ଭୁବନେଶ୍ୱରରେ କାର୍ଯ୍ୟରତ । ଆସନ୍ତା ୮ ତାରିଖରେ ପାର୍ବତୀ ଆଉ ଏକ ଇଭେଣ୍ଟ ଶଟ୍‌ପୁଟ୍‌ରେ ଅଂଶଗ୍ରହଣ କରିବେ। ସେଥିରେ ମଧ୍ୟ ସେ ପୋଡିୟମ ମଣ୍ଡନ କରିବେ ବୋଲି ଆଶାବାଦୀ ଅଛନ୍ତି।


ପାର୍ବତୀ ସେଠୀ

# ଖେଳାଳି ନିଲାମରେ ଭାଗନେଲେ ୧୨ ଫ୍ରାଞ୍ଚାଇଜ୍

ଭୁବନେଶ୍ୱର, ୬।୧୧ (ତପନ ସ୍ୱାଇଁ)

ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ର ଅକ୍ସନ (ଖେଳାଳି ନିଲାମ) ପ୍ରକ୍ରିୟା ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

(ଆଇଏସ୍ଏଫ୍)ର ଯୁଗ୍ମ ଆୟୋଜନରେ ଏହି ସମ୍ମାନଜନକ ଲିଗ୍ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ଫର୍ମାଟରେ ଅକ୍ସନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ପ୍ରତିଯୋଗିତାରେ ମୋଟ ୧୨ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିଛନ୍ତି। ଅକ୍ସନ ସମୟରେ ଖେଳାଳି, ପ୍ରାୟୋଜକ ଏବଂ ଆୟୋଜକମାନେ ଉପସ୍ଥିତ ରହିଥିଲେ। ଅକ୍ସନ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଇଡ଼ା ଆର୍ଏସ୍ଆଇ ପୁତ୍ର ମୁନାବା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ପରିଚାଳନା ମୁଖ୍ୟ ଅଜିତ କୁମାର ବର୍ମା, ଯୁଗ୍ମ ସମ୍ପାଦକ ମନୀଷ କୁମାର ଏବଂ ନିଲାମକାରୀ ଅଙ୍କିତ କୁମାର ଦଲାଲ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହିବେ। ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଅନ୍ୟ ଟାଇଟଲଧାରୀଙ୍କ ସମେତ ଏପର୍ଯ୍ୟନ୍ତ ୨୩ ରାଜ୍ୟରୁ ୧୯୦ ଚେସ୍ ଖେଳାଳି ନାମ ପଞ୍ଜୀକୃତ କରି ସାରିଛନ୍ତି। ଏହା ମଧ୍ୟରେ ୯୦ ଜଣ ଓଡ଼ିଶା ଖେଳାଳି ସାମିଲ। ୧୨ଟି ଫ୍ରାଞ୍ଚାଇଜ୍ ଦଳରେ ୮ ଜଣ ଲେଖାଏ ଖେଳାଳି ରହିବେ। ପ୍ରତି ମ୍ୟାଚରେ ୬ ଜଣ ଖେଳାଳି ଖେଳିବେ ଏବଂ ଅବଶିଷ୍ଟ ୨ ଜଣ ଷ୍ଟାଣ୍ଡବାଇ ରହିବେ ବୋଲି ଦେବବ୍ରତ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଏସ୍ଏଫ୍ ଟିମ୍‌ର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ନିର୍ଦ୍ଦେଶିକା ଚିଦାତ୍ମିକା ଖଟୁଆ ଏବଂ ଶେଖ ଅବଦୁଲ ସମିମ୍, ଜାତୀୟ ସଭାପତି ପ୍ରଦୀପ୍ତ ମହାନ୍ତି, ରାଜ୍ୟ ସଭାପତି ବିଭୁ ପ୍ରସାଦ ମିଶ୍ର, ରାଜ୍ୟ ସଚିବ ସଞ୍ଜୟ ଦାସ, ରାଜ୍ୟ ଆବାହକ ରାଶି ଅଗ୍ରୱାଲ୍, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରା ଏବଂ ଇଭେଣ୍ଟ ନିର୍ଦ୍ଦେଶକ ତଥା ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ୧୨ ଦଳ ହେଲେ କୋଣାର୍କ କିଙ୍ଗ୍ସ, ତାଜ ଟାଇଟନ୍ସ, ଅମ୍ବର ଆଭେଞ୍ଜର୍ସ, ଫତେପୁର ଫାଲକନ୍ସ, ବାରବାଟୀ ବ୍ୟାଟଲର୍ସ, ଗୋଲକୋଣ୍ଡା ଗାର୍ଡିଆନ୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଚାର୍ମିନାର ଚ୍ୟାଲେଞ୍ଜର୍ସ, ଏଲୋରା ଏଲିଟ୍ସ, ଚୋଳ ଚାମ୍ପିୟନ୍ସ, ନାଳନ୍ଦା ନାଇଟ୍ସ ଓ ସାଞ୍ଚି ଷ୍ଟ୍ରାଟେଜିଷ୍ଟସ।



ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଅବସରରେ ଅତିଥି ଓ କର୍ମକର୍ତ୍ତା।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ